# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ଏପ୍ରିଲ ୨୬/୨୦୨୨ (୧୪ ପୃଷ୍ଠା) | Dhenkanal, Tuesday, April 26/2022 | Page 14 | ₹ 7.00 | ★★★★★

୧୮ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶିଖର ଧାୱନ ଦ୍ୱିତୀୟ**

ପଞ୍ଜାବ କିଙ୍ଗ୍ସର ଶିଖର ଧାୱନ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବିରାଟ କୋହଲିଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ୬,୦୦୦ ରନ ପୂରଣ କରିଛନ୍ତି।

୧୪

୧୦

**ଲେଡି ସିଙ୍ଘମ ଶିଳ୍ପା**

ୱେବ୍ ସିରିଜ୍ 'ଇଣ୍ଡିଆନ୍ ପୋଲିସ ଫୋର୍ସ' ଜରିଆରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରା ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି।



# ଆଜିଠୁ ୫ ଦିନ ସ୍କୁଲ ଛୁଟି

## ନିର୍ଦ୍ଧାରିତ ସମୟରେ ମାଟ୍ରିକ, ଯୁକ୍ତ୨ ପରୀକ୍ଷା ଚାଲିବ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ରାଜ୍ୟରେ ମଙ୍ଗଳବାରଠାରୁ ୫ଦିନ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଛୁଟି ରହିବ। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ରଖିବାକୁ ନିର୍ଦ୍ଦେଶ ଦେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏ ନେଇ ସୋମବାର ବିଭାଗର ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ର ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଏସ୍‌ପିଡି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଚେୟାରମ୍ୟାନ, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ପ୍ରମୁଖଙ୍କୁ ଚିଠି ଲେଖି ଜଣାଇଛନ୍ତି। ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଛୁଟି ରହିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ଏହି ସମୟରେ ପରୀକ୍ଷା ହେବ। ସ୍କୁଲ ଛୁଟି ସତ୍ତ୍ୱେ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଓ ୨୮ରୁ ଆରମ୍ଭ ହେଉଥିବା ଯୁକ୍ତ୨ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲୁ ରହିବ ବୋଲି ସ୍ପଷ୍ଟ କରାଯାଇଛି।

ଚଳିତବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ କରୋନା ସଙ୍କଟଜନିତ କ୍ଷତି ଭରଣା ପାଇଁ ରାଜ୍ୟ ସରକାର ଖରାଛୁଟିକୁ କମାଇ ଦେଇଛନ୍ତି। ପୂର୍ବରୁ ପ୍ରାୟ ☞ପୃଷ୍ଠା-୪

## ପାଣି ଅଛି, ବିଦ୍ୟୁତ୍ ନାହିଁ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ପାରଦ ୪୫ ଡିଗ୍ରୀ ପାଖାପାଖି ଛୁଇଁଲାଣି। ଗରମରୁ ତ୍ରାହି ପାଇବା ପାଇଁ ବିଦ୍ୟୁତ୍ ହିଁ ଏକମାତ୍ର ଭରସା। ମାତ୍ର ରାଜ୍ୟରେ ଏବେ ଘନଘନ ବିଦ୍ୟୁତ୍‌କାଟ ପରିସ୍ଥିତିକୁ ଜଟିଳ କରିଦେଇଛି। ରାଜ୍ୟରେ ଯେତିକି ବିଦ୍ୟୁତ୍ ଉତ୍ପାଦନ ହେଉଛି, ଚାହିଦା ତା'ଠାରୁ ଢେର ଅଧିକ ରହୁଛି। ଏହାକୁ ଭରଣା ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ 'ଟାଟା ପାୱାର' ବିନା ଘୋଷଣାରେ ଦିନକୁ ଅଧଘଣ୍ଟାରୁ ୧ ଘଣ୍ଟା ବିଦ୍ୟୁତ୍‌କାଟ କରି ଚାଲିଛି। ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ନିଜ ଅକ୍ତିଆରକୁ ନେବା ବେଳେ ଟାଟା ପାୱାର ରାଜ୍ୟବାସୀଙ୍କୁ ୨୪ ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏବେ ପଛଘୁଞ୍ଚା ଦେଇଛି। ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଜନଅସନ୍ତୋଷ ବଢ଼ିଚାଲିଛି।

ରାଜ୍ୟରେ ଦୈନିକ ପିକ୍ ଆୱାର (ସନ୍ଧ୍ୟା ୬ରୁ ରାତି ୧୦)ରେ ୫ ହଜାର ୫୦୦ ମେଗାୱାଟ ବିଦ୍ୟୁତ୍ ଚାହିଦା ଥିବା ବେଳେ ପ୍ରାୟ ୪ ହଜାର ୬୦୦ ମେଗାୱାଟ ବିଭିନ୍ନ ଉତ୍ସରୁ ସଂଗ୍ରହ କରାଯାଉଛି। ପ୍ରାୟ ୯୦୦ ମେଗାୱାଟ ବିଦ୍ୟୁତ୍ ନିଅଣ୍ଟ ପଡୁଛି, ଯାହାକି ବିଦ୍ୟୁତ୍‌କାଟର ମୁଖ୍ୟ କାରଣ।

ରାଜ୍ୟରେ ଯେତିକି ବିଦ୍ୟୁତ୍ ଉତ୍ପାଦନ ହେବା କଥା ତାହା ହେଉ ନାହିଁ। କୋଇଲା ସଙ୍କଟ ଯୋଗୁ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟ ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନ କରୁନାହାନ୍ତି। ପର୍ଯ୍ୟାପ୍ତ ଜଳ ଥାଇ ସୁଦ୍ଧା ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ମାତ୍ର ଏକ ତୃତୀୟାଂଶ ଉତ୍ପାଦନ ହେଉଛି। ଷ୍ଟେଟ୍ ଲୋଡ୍ ଡେସ୍‌ପାଚ ସେଣ୍ଟରରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୬ଟି ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଦୈନିକ ୨୦୯୯ ମେଗାୱାଟ୍ ଉତ୍ପାଦନ କ୍ଷମତା ରହିଛି। ସେଗୁଡ଼ିକରୁ ଏପ୍ରିଲ ୨୫(ସୋମବାର)ରେ ୮୮୪ ମେଗାୱାଟ ଉତ୍ପାଦିତ ହୋଇଛି। ସେଥିମଧ୍ୟରେ ହୀରାକୁଦ



| ଜଳଭଣ୍ଡାର | ଜଳଧାରଣ କ୍ଷମତା | ସୋମବାର ରହିଛି |
|---|---|---|
| ହୀରାକୁଦ | ୬୩୦ ଫୁଟ | ୬୧୨.୨୧ ଫୁଟ |
| ବାଲିମେଳା | ୧୫୧୬ ଫୁଟ | ୧୪୬୧ ଫୁଟ |
| ରେଙ୍ଗାଲି | ୧୨୩.୫ ମିଟର | ୧୧୬.୬୦ ମିଟର |
| ଅପରକୋଲାବ | ୮୫୮ ମିଟର | ୮୪୬.୪୭ ମିଟର |
| ଅପର ଇନ୍ଦ୍ରାବତୀ | ୬୪୨ ମିଟର | ୬୨୯.୮୬ ମିଟର |
| ମାଛକୁଣ୍ଡ | ୨୭୫୦ ଫୁଟ | ୨୭୦୨.୫ ଫୁଟ |

ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ୫୪ ମେଗାୱାଟ, ଚିପିଲିମାରୁ ୪୧, ରେଙ୍ଗାଲିରୁ ୧୮୪, ଅପରକୋଲାବରୁ ୭୫, ମାଛକୁଣ୍ଡରୁ ୨୮ ଏବଂ ବାଲିମେଳାରୁ ୨୦୪ ମେଗାୱାଟ ଉତ୍ପାଦିତ ହୋଇଛି। ରାଜ୍ୟରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ୯୪୨ ମେଗାୱାଟ, ଇଣ୍ଟିଗ୍ରେଟେଡ୍ ପାୱାର ପ୍ଲାଣ୍ଟ (ଆଇପିପି)ଗୁଡ଼ିକରୁ ୮୫୩ ମେଗାୱାଟ ଉତ୍ପାଦିତ ହେଉଛି। କେନ୍ଦ୍ରୀୟ ଗ୍ରୀଡ୍‌ରୁ ୩୫ ମେଗାୱାଟ ଶକ୍ତି ଅଣାଯାଇ ଚାହିଦା ମେଣ୍ଟା ଯାଉଛି।

ରାଜ୍ୟରେ ଜଳ ବିଦ୍ୟୁତ୍ ଏବଂ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ବେଳେ ରାଜ୍ୟବାସୀ ନିଅଣ୍ଟିଆ ବିଦ୍ୟୁତ୍‌ରେ ଘାଣ୍ଟି ହେଉଛନ୍ତି। ଜଳଭଣ୍ଡାରର ସ୍ଥିତି କଥା ଯଦି ଦେଖାଯିବ, ତେବେ ଗତବର୍ଷ ☞ପୃଷ୍ଠା-୪

## 'ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଜାରି ରଖ'

### ଘନଘନ ବିଜୁଳି କାଟ୍ ପରେ ମୁଖ୍ୟ ଶାସନ ସଚିବଙ୍କ ବୈଠକ

- ପିଲାଙ୍କ ପରୀକ୍ଷା ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ
- ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାକୁ କୋଇଲା ଯୋଗାଅ

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ଶକ୍ତି ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ବୋଲି କୁହାଯାଉଛି। ହେଲେ ଏବେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବାବେଳେ ରାଜ୍ୟରେ ଘନଘନ ବିଜୁଳି କାଟ୍ ଏ କଥାକୁ ଭୁଲ୍ ପ୍ରମାଣିତ କରିଛି। ରାଜ୍ୟରେ ଯେତିକି ବିଦ୍ୟୁତ୍ ଉତ୍ପାଦନ ହେଉଛି, ତାଠାରୁ ଅଧିକ ଆବଶ୍ୟକ ହେଉଥିବାରୁ ବିଜୁଳି କାଟ କରାଯାଉଛି ବୋଲି ବିଦ୍ୟୁତ୍ ବିତରଣ କମ୍ପାନୀ ସଫେଇ ଦେଉଛନ୍ତି। ହେଲେ ବର୍ତ୍ତମାନ ପିଲାଙ୍କ ପରୀକ୍ଷା ଏବଂ ଗରମ ଅତ୍ୟଧିକ ହେଉଥିବା କାରଣରୁ ସୋମବାର ରାଜ୍ୟ ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ରାଜ୍ୟରେ ଦିନ ସମୟରେ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୪

## ୨୪୮.୫୧ କୋଟିର ଶ୍ରୀମନ୍ଦିର ବଜେଟ

### ପରିଚାଳନା କମିଟି ବୈଠକରେ ଅନୁମୋଦିତ

- ଶ୍ରୀମନ୍ଦିର ସମ୍ପୂର୍ଣ୍ଣ ସୁରକ୍ଷିତ: ଗଜପତି
- ସେବାୟତଙ୍କ ବାସଗୃହ ନିର୍ମାଣ ଲାଗି ଜମି ଚିହ୍ନଟ ସରିଛି
- କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସାରନ୍ତୁ: ଗଜପତି

ପୁରୀ ଅଫିସ, ୨୫।୪

୨୦୨୨-୨୩ ବର୍ଷ ପାଇଁ ଶ୍ରୀମନ୍ଦିର ବଜେଟ୍‌ରେ ୨୪୮ କୋଟି ୫୧ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ବଜେଟ୍‌ରେ ବିଭିନ୍ନ ଯାନିଯାତ୍ରା, ପାଳିଆ ସେବାୟତ ପାଉଣା, କର୍ମଚାରୀଙ୍କ ଦରମା, କର୍ପସ ଫଣ୍ଡ ଜମା ଆଦି ସଂକ୍ରାନ୍ତରେ ଖର୍ଚ୍ଚ ରହିଛି। ବିଭିନ୍ନ କର୍ପସ ଫଣ୍ଡର ସୁଧ, ଜମି ଅଧିଗ୍ରହଣ ଆୟ ଓ ହୁଣ୍ଡିରୁ ଆମଦାନୀ ଇତ୍ୟାଦିରୁ ଆୟ ରହିଛି। ସୋମବାର ନୀଳାଦ୍ରି ଭକ୍ତନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ବଜେଟ ଅନୁମୋଦନ ଲାଭ କରିଛି। ସେହିପରି ବୈଠକରେ ସେବାୟତ କଲ୍ୟାଣକୁ ନେଇ ଆଲୋଚନା ହୋଇଥିବାବେଳେ ଗୁରୁକୁଳ ପ୍ରତିଷ୍ଠା ଲାଗି ଭୂମିପୂଜା ଫାଉଣ୍ଡେଶନ୍‌ର ରାଜିନାମା ସ୍ୱାକ୍ଷର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆଦର୍ଶ ଗୁରୁକୁଳ ନେଇ ରାଜିନାମା ଅନୁଧ୍ୟାନ ସରିଛି। ସେବାୟତମାନଙ୍କ ବାସଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ ☞ପୃଷ୍ଠା-୪

## କୁଳପତି ନିଯୁକ୍ତ କରିବେ ରାଜ୍ୟ ସରକାର

### ତାମିଲନାଡୁ ବିଧାନସଭାରେ ବିଲ୍ ଗୃହୀତ

**ରାଜ୍ୟପାଳଙ୍କ କ୍ଷମତା ସଙ୍କୁଚିତ ହେବ**

ଚେନ୍ନାଇ, ୨୫।୪

ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ ଏବେ ରାଜ୍ୟପାଳଙ୍କ ପରିବର୍ତ୍ତେ ରାଜ୍ୟ ସରକାର କରିବେ। ଏନେଇ ତାମିଲନାଡୁ ସରକାର ସୋମବାର ବିଧାନସଭାରେ ଦୁଇଟି ବିଲ୍ ଗୃହୀତ କରାଇଛନ୍ତି। ରାଜ୍ୟପାଳଙ୍କ କୁଳପତି ନିଯୁକ୍ତି କ୍ଷମତା ଉଚ୍ଛେଦ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ। ରାଜ୍ୟପାଳ ଆର୍.ଏନ୍. ରବି କେବଳ ରାଜ୍ୟ, କେନ୍ଦ୍ରୀୟ ଏବଂ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିମାନଙ୍କର ଦୁଇଟି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ। ନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଲାଗି ଏଭଳି ବିଲ୍ ଅଣାଯାଇଛି। ଏଆଇଏଡିଏମ୍‌କେ ପ୍ରଥମେ ବିଲ୍‌କୁ ବିରୋଧ କରିଥିବାବେଳେ ଭାଜପା କକ୍ଷତ୍ୟାଗ କରିଥିଲା। ତାମିଲନାଡୁ ୟୁନିଭର୍ସିଟି ଲ (ସଂଶୋଧନ) ବିଲ୍ ଏବଂ ଚେନ୍ନାଇ ୟୁନିଭର୍ସିଟି ଆକ୍ଟ ଧ୍ୱନି ମତରେ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଛନ୍ତି, ପୂର୍ବରୁ ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟପାଳ କୁଳପତିମାନଙ୍କୁ ନିଯୁକ୍ତି ଦେଉଥିଲେ। ହେଲେ ନିକଟ ଅତୀତରେ ରାଜ୍ୟପାଳ ଏକତରଫା ଭାବେ କୁଳପତି ନିଯୁକ୍ତ କରୁଛନ୍ତି। ☞ପୃଷ୍ଠା-୪




## ମସ୍କ ହୋଇପାରନ୍ତି ଟୁଇଟର ମାଲିକ

### ଚୁକ୍ତି ଚୂଡ଼ାନ୍ତ ପାଇଁ ଆଲୋଚନା

ୱାଶିଂଟନ୍, ୨୫।୪



ବିଶ୍ୱର ଅନ୍ୟତମ ସବୁଠୁ ଧନୀବ୍ୟକ୍ତି ତଥା ଟେସ୍‌ଲା ମାଲିକ ଏଲନ୍ ମସ୍କ ସୋସିଆଲ ମିଡିଆ କମ୍ପାନୀ ଟୁଇଟରକୁ କିଣିବା ନେଇ ଚର୍ଚ୍ଚା ଜୋର ଧରିଛି। ୪୩ ବିଲିୟନ୍ ଡଲାରରେ ଏହି ସୋସିଆଲ ମିଡିଆ ଜିଆଣ୍ଟକୁ କିଣିବା ନିମନ୍ତେ ଦେଇଥିବା ପ୍ରସ୍ତାବ ଉପରେ ଟୁଇଟର ଇଙ୍କ୍ ବୁଝାମଣା ଆରମ୍ଭ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ରବିବାର ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି। ଟୁଇଟରର ପ୍ରତ୍ୟେକ ଶେୟାରକୁ ୫୪.୨୦ ଡଲାରରେ କିଣିବା ନିମନ୍ତେ ମସ୍କ ପୂର୍ବରୁ କହିଥିଲେ ହେଁ କମ୍ପାନୀ କିନ୍ତୁ ଅଧିକ ଆଶା ରଖିଥିବା କୁହାଯାଉଛି। ତେବେ ଏ ବାବଦରେ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନ ଥିଲେ ମଧ୍ୟ ଶୀଘ୍ର ଟୁଇଟରର ମାଲିକାନା ବଦଳିବାକୁ ଯାଉଛି।

ଏଲନ୍ ମସ୍କ ଟୁଇଟର ଇଙ୍କ୍‌ର ବଡ଼ ଶେୟାର ହୋଲ୍ଡରଙ୍କ ମଧ୍ୟରୁ ଅନ୍ୟତମ। ସେ କମ୍ପାନୀର ୯.୨% ଶେୟାର କିଣିଥିବା କିଛି ଦିନ ପୂର୍ବରୁ ଘୋଷଣା କରିଥିଲେ। ଏହା ପରେ ସେ ଟୁଇଟରକୁ ସମ୍ପୂର୍ଣ୍ଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଭୂତଳ ନୁହେଁ, ଭୂପୃଷ୍ଠ






## ଭାବୀ ସ୍ୱାମୀଙ୍କ ହତ୍ୟା ପରେ ଆତ୍ମହତ୍ୟା

- 'ମଲେ ନ୍ୟାୟ ମିଳିବ' ଯୁବତୀଙ୍କ ଶେଷ ମେସେଜ୍
- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଉତ୍ତେଜନା
- ଆକ୍ରମଣରେ ୨ ଥାନା ଅଧିକାରୀ ଆହତ, ପୋଲିସ ଗାଡ଼ି ଭାଙ୍ଗିଲେ

ଛତ୍ରପୁର, ୨୫।୪(ଡି.ଏନ୍.ଏ.)



ହଂସପୁରଠାରେ ଛତ୍ରପୁର-ତାରାତାରିଣୀ ମୁଖ୍ୟ ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଛନ୍ତି। ଇନ୍‌ସେଟ୍‌ରେ ଆରତୀ ପ୍ରଧାନ।

ଗଞ୍ଜାମ ଜିଲା ଛତ୍ରପୁର ଥାନା ହଂସପୁରରେ ସିମେଣ୍ଟ ବ୍ୟବସାୟୀ କୃଷ୍ଣଚନ୍ଦ୍ର ପରିଡ଼ାଙ୍କୁ ହତ୍ୟା ପରେ ଦୁଃଖରେ ମ୍ରିୟମାଣ ହୋଇ ତାଙ୍କ ଭାବୀ ସ୍ତ୍ରୀ ସୋମବାର ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଉତ୍ୟକ୍ତ ଲୋକେ ସ୍ଥିତି ନିୟନ୍ତ୍ରଣ କରିବାକୁ ଆସିଥିବା ପୋଲିସକୁ ଆକ୍ରମଣ କରିବା ସହ ଗାଡ଼ି ଭାଙ୍ଗି ଦେଇଛନ୍ତି। ଏହି ଘଟଣା ପରେ ହଂସପୁରରେ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଓ ପ୍ରଶାସନ ସ୍ଥିତି ଉପରେ ନଜର ରଖିଛନ୍ତି।

ଗତ ଶୁକ୍ରବାର ରାତିରେ ସିମେଣ୍ଟ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ☞ପୃଷ୍ଠା-୪

ଧରିତ୍ରୀ DHARITRI
ମଙ୍ଗଳବାର, ୨୬ ଏପ୍ରିଲ୍, ୨୦୨୨

## କୁଲାଡ଼ ଗ୍ରାମ୍ୟ କମିଟି ଗଠିତ

ବଅଁରପାଳ, (ଡି.ଏନ୍.ଏ.): ଅନୁଗୋଳ ଜିଲା ବଅଁରପାଳ ବ୍ଲକର କୁଲାଡ଼ ଗ୍ରାମ୍ୟ କମିଟି ଗଠିତ ହୋଇଛି। ସଭାପତି ଭାବେ ଅଶୋକ କୁମାର ବିଶୋଇ, ଉପସଭାପତି ପ୍ରଭାତ ବିଶୋଇ, ସମ୍ପାଦକ ବିଚିତ୍ର ସାମଲ, କୋଷାଧକ୍ଷ ଦୀପକ ସେଠଙ୍କୁ ମନୋନୀତ କରାଯାଇଛି। ବୈଠକରେ ସରପଞ୍ଚ ଉଷାରାଣୀ ସ୍ୱାଇଁ, ସମିତିସଭ୍ୟା ପ୍ରିୟମ୍ବଦା ଧୀର, ନାଏବ ସରପଞ୍ଚ ଅଶୋକ ଜେନା, ପୂର୍ବତନ ସଭାପତି ଭାଗୀରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଓକିଲ ସଂଘ ଉପସଭାପତି, ସହସମ୍ପାଦକଙ୍କ ଇସ୍ତଫା

ମାଧପୁର, ୨୫।୪: ଆଠମଲ୍ଲିକ ଓକିଲ ସଂଘ ଉପସଭାନେତ୍ରୀ ବନ୍ଦିତା ମିଶ୍ର ଏବଂ ସହସମ୍ପାଦକ ଅଜିତ୍ ମହାନ୍ତି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଗତ ରବିବାର ଉଭୟେ ସେମାନଙ୍କ ଇସ୍ତଫା ପତ୍ର ଓକିଲ ସଂଘ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାର ନକଲ ଓଡ଼ିଶା ରାଜ୍ୟ ଓକିଲ ସଂଘ ପରିଷଦର ଅବଗତି ନିମନ୍ତେ ପ୍ରେରଣ କରିଛନ୍ତି। କିଛିଦିନ ପୂର୍ବରୁ ସଂଘ ସମ୍ପାଦକ ବିନାୟକ ଗୋଦୁକା ଇସ୍ତଫା ଦେଇଥିବା ବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଓକିଲ ସଂଘ ସଭାପତି ଆଇନଗତ ବିବାଦରେ ଫସିବା ପରେ ସଂଘର ମର୍ଯ୍ୟାଦା ଦୃଷ୍ଟିରୁ ଉଭୟେ ଏଭଳି ପଦକ୍ଷେପ ନେଇଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

### ସାଢ଼େ ୫ ଫୁଟର ନାଗ ଉଦ୍ଧାର



ଢେଙ୍କାନାଳ ଅଫିସ,୨୫।୪
ଢେଙ୍କାନାଳ ପୌରାଞ୍ଚଳ ଅଧୀନ ୮ନଂ. ୱାର୍ଡ ଗଜମରା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବଗିଚାରୁ ସୋମବାର ଅପରାହ୍ନରେ ସାଢ଼େ ୫ଫୁଟ ଲମ୍ବର ଏକ ନାଗସାପ ଉଦ୍ଧାର କରାଯାଇଛି। ଉକ୍ତ ନାଗ ବଗିଚାରେ ଥିବା ସୂଚନା ପାଇ ସ୍ନେକ୍ ରେସ୍‌କ୍ୟୁ ଟିମ୍‌ର ଶେଖ୍ ଲାଲୁ, ପପୁନ୍ ଦାସ ପ୍ରମୁଖ ସାପଟିକୁ କୌଶଳକ୍ରମେ ଧରିଥିଲେ। ବନ ବିଭାଗକୁ ଅବଗତ କରାଯିବା ପରେ ଏହାକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ଗୁରୁତର

ମାଧପୁର, ୨୫।୪: ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଯୁବକ। ସେ ହେଲେ ଆଠମଲ୍ଲିକ ବ୍ଲକ କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ଅଧୀନ ଦୌଲତପୁର ଗ୍ରାମର ଜୟନ୍ତ ପ୍ରଧାନ (୪୫)। ଜୟନ୍ତ ସୋମବାର ସକାଳେ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ତାଙ୍କୁ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ମାଧପୁର ବନ ବିଭାଗ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି ଜୟନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ନିୟମ ଅନୁଯାୟୀ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ବିଭ୍ରାଟରୁ ସ୍ଥିତି ବିଷମ



ଢେଙ୍କାନାଳ ଅଫିସ, ୨୫।୪

ଖରାରେ ସିଝୁଛି ଗାଁଠାରୁ ସହର। ଆକାଶରୁ ହେଉଛି ଅଗ୍ନିବର୍ଷା। ପ୍ରଚଣ୍ଡ ତାତିରେ ଜଳିପୋଡ଼ିଯାଉଛି ଦେହମୁଣ୍ଡ। ସକାଳ ୮ଟାରୁ ଆରମ୍ଭ ହୋଇଯାଉଛି ଗ୍ରୀଷ୍ମପ୍ରବାହ। ଅପରାହ୍ନ ୫ଟା ଯାଏ ଏଥିରୁ ମିଳୁନି ନିସ୍ତାର। ଆଭ୍ୟନ୍ତରୀଣ ଓଡ଼ିଶାରୁ ଉପକୂଳ। ଦକ୍ଷିଣରୁ ଉତ୍ତର ସବୁଠି ସମାନ ଅବସ୍ଥା। ଗରମ ପବନ ଏବଂ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଅଘୋଷିତ ବିଜୁଳି ବିଭ୍ରାଟ ସ୍ଥିତିକୁ ଆହୁରି ବିଷମ କରିଦେଉଛି। ଢେଙ୍କାନାଳ ଜିଲାରେ ଏଭଳି ଘନଘନ ବିଦ୍ୟୁତ୍ କାଟ ଉପଭୋକ୍ତାଙ୍କ ଚିନ୍ତା ବଢ଼ାଇଥିବାବେଳେ ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ଗାଁଠାରୁ ସହର ଯାଏ ସବୁଠି ଅସନ୍ତୋଷ ତେଜିବାରେ ଲାଗିଛି।

- ସମସ୍ୟା ଜଣାଇଲେ ଦେଖାଉଛନ୍ତି ନାଲି ଆଖି
- ସହରବାସୀଙ୍କ ମଧ୍ୟରେ ବୃଦ୍ଧି ପାଉଛି ଅସନ୍ତୋଷ
- ଦେୟ ଆଦାୟ କରୁଛନ୍ତି, ଯୋଗାଉ ନାହାନ୍ତି ସେବା

ପାଖାପାଖି ସପ୍ତାହେ ହେଲା ଢେଙ୍କାନାଳ ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବାବେଳେ ଗତ ଦୁଇଦିନ ହେଲା ପାରଦ ୪୨ ଡିଗ୍ରୀ ପାଖାପାଖି ପହଞ୍ଚିଛି। ସକାଳ ୧୦ଟା ପରେ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଛି। ଏଭଳି ସମୟରେ ମଧ୍ୟାହ୍ନ ଏବଂ ରାତିରେ ଘନଘନ ବିଦ୍ୟୁତ୍ କାଟ୍ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଛି। ଦିନବେଳା ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁ ପାନୀୟଜଳ ଯୋଗାଣରେ ସମସ୍ୟା ଉପୁଜୁଛି। ଉପଭୋକ୍ତାମାନେ ପାଣି ମୁନ୍ଦାଏ ପାଇଁ ତହଳବିକଳ ହେଉଛନ୍ତି। ପରୀକ୍ଷା ସମୟରେ ଛାତ୍ରୀଛାତ୍ର ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜରୁରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସମସ୍ୟା ଜଣାଇବାକୁ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ଫୋନ୍ ଉଠାଉ ନ ଥିବା ବେଳେ କେତେଜଣ ସୁଇଚ୍ ଅଫ୍ କରିଦେଉଛନ୍ତି। ଏପରି କି ଅଭିଯୋଗ ପାଇଁ ଉଦ୍ଦିଷ୍ଟ ଲ୍ୟାଣ୍ଡ ଫୋନ୍‌କୁ ଜାଣିଶୁଣି ବ୍ୟସ୍ତ କରାଇ ଦେଉଛନ୍ତି। ସ୍ଥଳବିଶେଷରେ ଉତ୍କ୍ଷିପ୍ତ ହୋଇ କଥାବାର୍ତ୍ତା କରି ଧମକାଉଥିବା ଅଭିଯୋଗ ମଧ୍ୟ ହେଉଛି। ବିଦ୍ୟୁତ୍ ଦେୟ ଆଦାୟରେ ସାମାନ୍ୟତମ ହେଳା କରୁଥିବା ନ ଥିବା ବିତରଣ କମ୍ପାନୀ ସେବା ପ୍ରଦାନରେ ଆନ୍ତରିକତା ଦେଖାଉନାହିଁ, ଯାହା ଜନଅସନ୍ତୋଷକୁ ତୀବ୍ର କଲାଣି। ଅପରପକ୍ଷେ ଲୋ-ଭୋଲ୍‌ଟେଜ୍ ଅନ୍ୟ ଏକ ସମସ୍ୟା ହୋଇଛି। ଗ୍ରୀଷ୍ମପ୍ରବାହ ପୂର୍ବରୁ ବିଦ୍ୟୁତ୍ ଭିତ୍ତିଭୂମି ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବାରୁ ଏଭଳି ବିଭ୍ରାଟ ହେଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଟାଟାପାୱାର ଜିଲା ପରିଚାଳକ ବିସ୍ମୟ ଦାସ କୁହନ୍ତି, ମେଣ୍ଟେନାନ୍ସ ପାଇଁ ମଝିରେ ମଝିରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ସୂଚନା ନ ଦେଇ ବିଦ୍ୟୁତ୍ କାଟ୍ କରାଯାଉଥିବା ସମ୍ପର୍କରେ ପଚାରିବାରେ ସେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

**ଆଗାମୀ ଦିନରେ ଆନ୍ଦୋଳନ**



“ଟାଟାପାୱାର ଦାୟିତ୍ୱ ନେବା ପରଠାରୁ ଅଧିକ ପାୱାରକଟ୍ ହେଉଛି। ଉପଭୋକ୍ତାମାନେ ଠିକ୍ ସମୟରେ ଦେୟ ପୈଠ କରୁଥିବାବେଳେ ସେବା ନ ମିଳିବା କଷ୍ଟ ଦେଉଛି। ବିଦ୍ୟୁତ୍ ସେବା ସ୍ୱାଭାବିକ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ।

-ପଙ୍କଜ କୁମାର ନାୟକ, ସାମାଜିକ କର୍ମୀ

**ସହରବାସୀ ଅତିଷ୍ଠ ହେଲେଣି**



“ସହରର ତାପମାତ୍ରା ପାଖାପାଖି ୪୨ ଡିଗ୍ରୀରେ ପହଞ୍ଚିଲାଣି। ପ୍ରାୟ ୪ ଦିନ ହେଲା ଦିନରୁ ରାତି ପର୍ଯ୍ୟନ୍ତ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏଥିରେ ସହରବାସୀ ଅତିଷ୍ଠ ହୋଇପଡ଼ିଲେଣି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ଜରୁରୀ।

-ଟଙ୍କଧର ବେହେରା, ଜିଲା ଓକିଲ ସଂଘ ସମ୍ପାଦକ

**ପ୍ରତିଶ୍ରୁତି ପୂରଣ କରୁନି ଟାଟାପାୱାର**



“ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବାପରେ ଟାଟାପାୱାର ଦେଇଥିବା ପ୍ରତିଶ୍ରୁତି ପାଳନ କରୁନି। ଅଘୋଷିତ ବିଦ୍ୟୁତ୍ କାଟ୍ କେତେ ଯନ୍ତ୍ରଣାଦାୟକ, ତାହା ସରକାର ବୁଝିବା କଥା। ପଦକ୍ଷେପ ନିଆ ନ ଗଲେ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ।

-ବିଶ୍ୱନାଥ ବେହେରା, ମିଳିତ ବଜାର ପୂଜା କମିଟି ସଭାପତି

**ବେଡ଼ି ଉପରେ କୋରଡ଼ା ମାଡ଼**



“ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟାପାୱାର ମନଇଚ୍ଛା ବିଜୁଳି କାଟ କରୁଛି। ଉପଭୋକ୍ତାଙ୍କୁ ଠକୁଛି। ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ଆଦାୟ କରିବାକୁ ଭୁଲୁ ନ ଥିବା କମ୍ପାନୀ ସେବା ଦେବାରେ ଅବହେଳା ପ୍ରଦର୍ଶନ କରୁଛି। ଏହା ବେଡ଼ି ଉପରେ କୋରଡ଼ା ମାଡ଼।

-ରାଜକିଶୋର ବେହେରା, ଜିଲା ଚାମ୍ବର ଅଫ୍ କମର୍ସ ଉପସଭାପତି

### ଜମି ବିବାଦରୁ ରକ୍ତାକ୍ତ ସଂଘର୍ଷ

## ୩ ଆହତ, ୨ ଗୁରୁତର

ସାତମାଇଲ, ୨୫।୪(ଡି.ଏନ୍.ଏ.)

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଭାଇ-ଭାଇଙ୍କ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ୩ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ଖଜୁରିଆକଟା ବଜାରରେ ରବିବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମାମଲାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, କୁକୁଟା ଗ୍ରାମର ସ୍ୱର୍ଗତ ବଂଶୀଧର ବିଶ୍ୱାଳଙ୍କ ପୁଅ ଲିଙ୍ଗରାଜ, ଭୈରବ ଏବଂ ଅନାମ ସପରିବାର ଖଜୁରିଆକଟା ବଜାର ନିକଟରେ ଥିବା ଏକ ସରକାରୀ ଜମିରେ କିଛିଦିନ ହେଲା ରହି ଆସୁଛନ୍ତି। ଗ୍ରାମ ଭିତରେ ରହୁଥିବା ଅନ୍ୟ ଜଣେ ପୁଅ ନାଲ୍‌ଟୁ ଉକ୍ତ ଜମିରୁ ଭାଗ ମାଗିବା ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ନାଲ୍‌ଟୁଙ୍କ ୨ ଝିଅ ସୁଜାତା (୪୫) ଏବଂ ସସ୍ମିତା (୩୦) ମାରଣାସ୍ତ୍ରରେ ଭୈରବ, ଉତ୍ତମ, ତାଙ୍କ ପୁଅ ମହେନ୍ଦ୍ର, ଅନାମ ଏବଂ ତାଙ୍କ ସ୍ତ୍ରୀ ସରୋଜିନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମହେନ୍ଦ୍ର ଏବଂ ସରୋଜିନୀଙ୍କ ଅବସ୍ଥା ଗୁରୁତର ଅଛି। ସରୋଜିନୀଙ୍କ ପୁଅ ଅବିନାଶଙ୍କ ଅଭିଯୋଗକ୍ରମେ ପୋଲିସ ନାଲ୍‌ଟୁ, ସୁଜାତା, ସସ୍ମିତାଙ୍କୁ ଗିରଫ କରିଛି। ଏ ନେଇ ନଂ. ୮୦/୨୨ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଅପରଗୋଷ୍ଠୀର ଅଭିଯୋଗକ୍ରମେ ନଂ. ୮୧/୨୨ ଏକ ମାମଲା ରୁଜୁ ହୋଇଛି। ଉଭୟ ପକ୍ଷର ଅଭିଯୋଗ ଅନୁଯାୟୀ ତଦନ୍ତ ଚାଲିଥିବା ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

# ମହିମା ଜ୍ୟୋତିକୁ ବିପୁଳ ସମ୍ବର୍ଦ୍ଧନା



ଜ୍ୟୋତିଯାତ୍ରାରେ ସାମିଲ ହୋଇଥିବା ମହିମା ସାଧୁସନ୍ଥ, ଅନୁଗାମୀଙ୍କ ସମେତ ନାଲ୍‌କୋର ଅଧିକାରୀମାନେ।

ଢେଙ୍କାନାଳ ଅଫିସ/ବଅଁରପାଳ (ଡି.ଏନ୍.ଏ.), ୨୫।୪

କୌପୀନଧାରୀ ମହିମା ସମାଜ ଆନୁକୂଲ୍ୟରେ ଆୟୋଜିତ ମହିମା ଜ୍ୟୋତିଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ବଅଁରପାଳ ବ୍ଲକ ଅଧୀନ ନାଲ୍‌କୋନଗରସ୍ଥିତ ଭୀମ ଭୋଇ ବାଟିକାରେ ସୋମବାର ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ଶତାଧିକ ମହିମା ଧର୍ମାବଲମ୍ବୀ ଏକାଠି ହୋଇଥିଲେ। ଏଥିପୂର୍ବରୁ ଜ୍ୟୋତିକୁ କୁଲାଡ଼ ଏବଂ ନାଲ୍‌କୋନଗରରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ନାଲ୍‌କୋ ଜିଜିଏମ୍ ସତ୍ୟାନନ୍ଦ ସାହୁ, ମନୋରଞ୍ଜନ ପଟ୍ଟନାୟକ, ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଯୋରନ୍ଦା ମହିମା ଗାଦି ସଭାପତି ରଘୁନାଥ ବାବା ଅଖଣ୍ଡବତି ପ୍ରଜ୍ୱଳନପୂର୍ବକ ବିଶ୍ୱମଙ୍ଗଳ କାମନା କରି ଘୃତାହୂତି ଅର୍ପଣ କରିଥିଲେ। ଅଲେଖ ମହିମା ଧ୍ୱନିରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ଏହାପରେ ଜ୍ୟୋତିକୁ କୁଲାଡ଼ ଗ୍ରାମକୁ ଅଣାଯାଇଥିଲା। କୁଲାଡ଼ ଛକରେ ବନ୍ଦାପନା କରିବା ପରେ ବିରାଟ ପଟୁଆରରେ ଶୂନ୍ୟମନ୍ଦିରକୁ ନିଆଯାଇଥିଲା। ଶତାଧିକ ମହିମା ଅନୁଗାମୀ, ଶ୍ରଦ୍ଧାଳୁ ଜ୍ୟୋତିଦର୍ଶନ କରିଥିଲେ। ପରେ ସମସ୍ତଙ୍କ ପାଇଁ ଆତ୍ମସେବାର ଆୟୋଜନ କରାଯାଇଥିଲା। ମହାନିତ୍ୟ ମହିମା ସମାଜ ଦ୍ୱାରା ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରେମାନନ୍ଦ ସେଠ, ଭୂତେଶ ଜେନା, ପରେଶ ଜେନା, କରୁଣାକର ସେଠ, ବୈରାଗୀ ସେଠ, ସୁଜିତ୍ ସେଠ, ରାଜେଶ ଜେନା, ପ୍ରଣବ ଜେନା, ଅଶୋକ ସେଠ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାଲୁରିଆ ଗ୍ରାମରେ ଶୁକ୍ରବାର ଜିଲାପାଳ ସରୋଜ ସେଠୀ ମହିମା ଜ୍ୟୋତିଯାତ୍ରାର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ସିମିଳିଆଠାରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଶୋଭାଯାତ୍ରାକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ମହିମା ସନ୍ନ୍ୟାସୀ ଶ୍ରୀମଦ୍ ରଘୁନାଥ ବାବା ଏବଂ ସହଯାତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ ମିଟର କୌପୀନ ବସ୍ତ୍ର ପ୍ରଦାନ କରିଥିଲେ। ଏହାପରେ ଜ୍ୟୋତିଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

# ପାଣି ପାଇଁ ରାସ୍ତାରେ ମହିଳା

ପରଜଙ୍ଗ, ୨୫।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆମ୍ବପଳାସ ଗ୍ରାମ ଗଙ୍ଗାଧରପୁର ଦଳିତ ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପାଣି ମୁନ୍ଦାଏ ପାଇଁ ସାହିବାସୀ ତହଳବିକଳ ହେଉଥିବାବେଳେ ଏହାକୁ ନେଇ ଲାଗି ରହିଥିବା ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। ସୋମବାର ବହୁ ମହିଳାପୁରୁଷ ହାଣ୍ଡିମାଠିଆ ଧରି ଟାୟାର ଜାଳି ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରି ସମସ୍ୟା ସମାଧାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ‘ବସୁଧା’ ଯୋଜନାରେ ସାହିକୁ ପାଇପ୍ ବିଛାଯାଇଛି। ହେଲେ ପାଣି ଆସୁନାହିଁ। ଅଞ୍ଚଳବାସୀଙ୍କ ଜଳକଷ୍ଟ ମେଣ୍ଟାଉଥିବା ୨ଟି ଖୋଲାକୂଅ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଶୁଖିଲା ପଡ଼ିଛି। ଏକମାତ୍ର ନଳକୂପ ଦୀର୍ଘଦିନ ହେଲା ଅଚଳ ପଡ଼ିଛି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଫଳରେ ସେମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା କହିଛନ୍ତି। ଦୀର୍ଘ ୩ଘଣ୍ଟା ଧରି ରାସ୍ତାରୋକୋ ଫଳରେ ଶତାଧିକ ଯାନବାହନ ଅଟକି ରହିଥିଲା। ସୂଚନା ପାଇଁ ପୋଲିସ, ବିଭାଗୀୟ ଅଧିକାରୀ ପହଞ୍ଚି ଆଲୋଚନା କରିଥିଲେ। ୨ଦିନ ମଧ୍ୟରେ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ମହିଳାମାନେ ହାଣ୍ଡିମାଠିଆ ଧରି ରାସ୍ତାରେ ବସି ଆନ୍ଦୋଳନ କରୁଛନ୍ତି।

# ୩୯ ଅଭିଯୋଗର ଫଇସଲା




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଜିଲାସ୍ତରୀୟ ପଦସ୍ଥ ଅଧିକାରୀମାନେ।

ଢେଙ୍କାନାଳ ଅଫିସ, ୨୫।୪

**ଜନ ଅଭିଯୋଗ ଶୁଣାଣି**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୫୫ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିରୁ ୩୯ଟିର ଫଇସଲା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତା ପାଇଁ ୨ଜଣ ଏବଂ ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୫ଜଣଙ୍କ ଆବେଦନ ଗ୍ରହଣ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ସିଡିଏମ୍‌ଓ ଡା. ଅଶୋକ କୁମାର ଦାସ, ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ବିଡିଓ ଅଶୋକ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ସହକାରୀ ଜିଲାପାଳ (ପିଜି ସେଲ୍) ସୌମ୍ୟା ଶତଭୀସା, ଅଧିକାରୀ ଲଳିତ ମୋହନ ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪୧,୮୭୫ ନମୁନାରୁ ଜଣେ ଚିହ୍ନଟ

ଢେଙ୍କାନାଳ ଅଫିସ, ୨୫।୪

ଏକଦା ମ୍ୟାଲେରିଆପ୍ରବଣ ଭାବେ ଦୁର୍ନାମ ମୁଣ୍ଡାଇଥିଲା ଶିଳ୍ପ ଜିଲା ଢେଙ୍କାନାଳ। ତେବେ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗର ଅନବରତ ପ୍ରୟାସ ପରେ ଏହି ମାରାତ୍ମକ ଜ୍ୱର ଏବେ ନିୟନ୍ତ୍ରଣକୁ ଆସିପାରିଛି। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୪୧,୮୭୫ ନମୁନା ପରୀକ୍ଷଣ କରାଯାଇଥିବାବେଳେ ମାତ୍ର ଜଣେ ରୋଗୀ ଚିହ୍ନଟ ହେବା ଶୁଭସଙ୍କେତ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାସ କହିଛନ୍ତି।

ଢେଙ୍କାନାଳରେ ସୋମବାର ଜିଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାକୁ ସିଡିଏମ୍‌ଓ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ରଥଗଡ଼ା କୃଷକ ବଜାର ପର୍ଯ୍ୟନ୍ତ ଯାଇଥିଲା। ଡାକବାଜି ଯନ୍ତ୍ର, ପ୍ଲାକାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଜନସଚେତନତା ସୃଷ୍ଟି କରିଥିଲେ। ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମ ସହକାରୀ ଜିଲା ଭେକ୍ଟର ବାହିତ ରୋଗ ନିରାକରଣ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ଜିଲାର ମ୍ୟାଲେରିଆ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଥିଲେ।



ସଚେତନତା ଶୋଭାଯାତ୍ରାକୁ ସିଡିଏମ୍‌ଓ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଜିଲାରେ ୨୦୨୨ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ୪୧ ହଜାର ୮୭୫ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ତନ୍ମଧ୍ୟରେ ଜଣେ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମ୍ୟାଲେରିଆରେ କାହାରି ମୃତ୍ୟୁ ଘଟିନାହିଁ। ୨୦୧୬ରେ ୧ଲକ୍ଷ ୯୮ହଜାର ୫୫୮ ଜଣଙ୍କ ନମୁନା ପରୀକ୍ଷଣରୁ ୧୫୦୧ ଜଣ, ୨୦୧୭ରେ ୧ଲକ୍ଷ ୬୫ହଜାର ୪୧୮ଜଣଙ୍କ ନମୁନା ପରୀକ୍ଷଣରୁ ୧୨୪୩ ଜଣ, ୨୦୧୮ରେ ୧ଲକ୍ଷ ୬୫ହଜାର ୮୧୬ଜଣଙ୍କ ନମୁନା ପରୀକ୍ଷଣରୁ ୨୪୪ ଜଣ, ୨୦୧୯ରେ ୧ଲକ୍ଷ ୬୭ହଜାର ୬୭୪ଜଣଙ୍କ ନମୁନା ପରୀକ୍ଷଣରୁ ୮୯ଜଣ, ୨୦୨୦ରେ ୧ଲକ୍ଷ ୬୮ହଜାର ୨୧୬ଜଣଙ୍କ ନମୁନା ପରୀକ୍ଷଣରୁ ୮୨ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

**ନିୟନ୍ତ୍ରଣକୁ ଆସୁଛି ମ୍ୟାଲେରିଆ**

ସେହିପରି ୨୦୨୧ରେ ୧ଲକ୍ଷ ୭୭ହଜାର ୨୮୭ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବାବେଳେ ମାତ୍ର ୪୪ ରୋଗୀ ଚିହ୍ନଟ ହୋଇଥିଲେ। ଏହି ବର୍ଷଗୁଡ଼ିକରେ ମ୍ୟାଲେରିଆ ମୃତ୍ୟୁସଂଖ୍ୟା ଶୂନ୍ୟ ରହିଛି। ଜିଲାରେ ମ୍ୟାଲେରିଆ ନିରାକରଣ ପାଇଁ ୪ଲକ୍ଷରୁ ଊର୍ଦ୍ଧ୍ୱ ମଶାରି ବଣ୍ଟାଯାଇଛି। ଦୁର୍ଗମ ଅଞ୍ଚଳରେ ‘ଦମନ’ କାର୍ଯ୍ୟକ୍ରମ ଜାରିରହିଛି। ଗ୍ରାମାଞ୍ଚଳରୁ ଜିଲା ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ନିଃଶୁଳ୍କ ମ୍ୟାଲେରିଆ ଚିକିତ୍ସା ଉପଲବ୍ଧ ରହିଛି ବୋଲି ସୂଚନା ଦିଆଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ରୋଗ ପ୍ରତିରୋଧ ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ନନ୍ଦକିଶୋର ମଲ୍ଲିକ, ଡିଡିଏମ୍ ଜିତେନ୍ଦ୍ରନାଥ ସାହୁ, ସମରେନ୍ଦ୍ର ଶତପଥୀ, ସ୍ୱାସ୍ଥ୍ୟ ମିଶନ ସହକାରୀ ପରିଚାଳକ ନିଳିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୯୭,୧୧,୧୬୦ | ୬୨,୪୩,୯୫୯ | ୪୬,୨୬,୨୬,୩୯୯ |
| ଭାରତ | ୪,୩୦,୬୦,୦୮୬ | ୫,୨୨,୨୨୩ | ୪,୨୫,୨୧,୩୪୧ |
| ଓଡ଼ିଶା | ୧୨,୮୭,୯୯୮ | ୯୧୨୪(+୫୩) | ୧୨,୭୮,୭୩୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପୁନରୁଦ୍ଧାର ହେବ ୪୨,୬୫୮ ହେକ୍ଟର ଜଳସେଚିତ ଜମି

ଯାଜପୁର ଅଫିସ,୨୫।୪

ସରକାର ରାଜ୍ୟ ବ୍ୟାପୀ ଶତପ୍ରତିଶତ ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡ଼ିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡ଼ା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଥିବା କୁହାଯାଉଛି। ପ୍ରତିବର୍ଷ ଅଧିକରୁ ଅଧିକ ସେଚନାଳୀ ନିର୍ମାଣ, ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ଓ ପୁନରୁଦ୍ଧାର ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ହେଲେ ଜଳସମ୍ପଦ ବିଭାଗ ଅଧୀନ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ନିର୍ଦ୍ଧାରିତ କ୍ଷମତାଠାରୁ କମ୍ ଜମିରେ ପାଣି ମାଡୁଥିବା ବିଭାଗ ସ୍ୱୀକାର କରିଛି। ଏହି କାରଣରୁ ସାରା ରାଜ୍ୟରେ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା(ଏନ୍‌ସିଏସ୍‌ୟୁୱାଇ) କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଗତ ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ୨୦୨୦-୨୧ରୁ ୨୦୨୪-୨୫ ୫ବର୍ଷ ପାଇଁ ୮୨୩.୪୫ କୋଟି ଟଙ୍କା ବ୍ୟୟରେ ୪୨,୬୫୮ ହେକ୍ଟର ଜଳସେଚିତ ଜମିର ପୁନରୁଦ୍ଧାର କରାଯିବାକୁ ଲକ୍ଷ୍ୟ ଥିବା ଦର୍ଶାଯାଇଛି। ଏହାସହ ଅତିରିକ୍ତ ଭାବେ ୭,୪୪୨ ହେକ୍ଟର ଜମି ଜଳସେଚନ କରିବାକୁ ଲକ୍ଷ୍ୟ ରହିଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନ ୨୩ ନଭେମ୍ବର ୨୦୧୭ରେ ଏହି ସେଚ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ନବରଙ୍ଗପୁର ଏବଂ ମାଲକାନଗିରି ଜିଲାରେ ପ୍ରଥମ ୩ ବର୍ଷ ପାଇଁ ପ୍ରାଥମିକ ଭାବେ ୬୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଘୋଷଣା ହୋଇଥିଲା। ଏହି ଅର୍ଥରେ ହଜିଯାଇଥିବା କମାଣ୍ଡ ଅଞ୍ଚଳର ପୁନରୁଦ୍ଧାର ଏବଂ ଜଳସେଚନ କମାଣ୍ଡରେ ଅତିରିକ୍ତ ଆୟକଟ ସୃଷ୍ଟି ଯୋଜନା ରହିଥିଲା। ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ୧୮,୮୫୪ ହେକ୍ଟର ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୨୪,୪୨୨ ହେକ୍ଟର ଜଳସେଚନ ସମ୍ଭାବନାକୁ ପୁନର୍ଜୀବିତ କରାଯାଇଛି ଏବଂ ୮,୬୧୧ ହେକ୍ଟର ଜମିରେ ନୂତନ ଆୟାକଟ ସୃଷ୍ଟି କରାଯାଇଛି ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ହେଲେ ଉକ୍ତ ଅର୍ଥ ଉପଯୁକ୍ତ ଭାବେ ଖର୍ଚ୍ଚ ହୋଇ ନ ଥିବା କାରଣରୁ ସରକାରଙ୍କ ଲକ୍ଷ୍ୟ ପରାହତ ହୋଇଛି ବୋଲି ମତପ୍ରକାଶ ପାଇଛି। ବର୍ତ୍ତମାନ ଏହି ଯୋଜନାକୁ ସରକାର ରାଜ୍ୟ ସାରା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଚାଷୀଙ୍କ ବିକାଶରେ ଦେଶର ଅର୍ଥନୀତି ନିର୍ଭରଶୀଳ ବୋଲି ବିଶ୍ୱାସ ରହିଛି। ତଦନୁଯାୟୀ ରାଜ୍ୟ ସରକାର କୃଷି କ୍ଷେତ୍ର ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ପ୍ରଶାସନିକ କଳରେ ଅବହେଳା ଯୋଗୁ ଯୋଜନାର ସଫଳତା ବହୁ ଦୂରରେ ରହିଯାଉଛି। ଫଳରେ ପୂର୍ବରୁ ଯେତେ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ଜମିରେ ଜଳସେଚନ ହୋଇ ପାରି ନ ଥିବା ମତପ୍ରକାଶ ପାଇଛି। ଯାଜପୁର ଜିଲାରେ ମେଗା ଉଠାଜଳସେଚନ ପ୍ରକଳ୍ପକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଥିରେ ଜିଲାର ବଡ଼ଚଣା, ବରୀ, ଧର୍ମଶାଳା, ଯାଜପୁର ଓ ରସୁଲପୁର ବ୍ଲକ ଅଞ୍ଚଳର ୯ଟି ପ୍ରକଳ୍ପ ଦ୍ୱାରା ୧୨,୮୦୦ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା ହୋଇଥିଲା। ହେଲେ ସେଥିରୁ ଏଯାଏ ଗୋଟିଏ ବି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇ ପାରିନାହିଁ।

**ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା**
- ୫ ବର୍ଷରେ ଖର୍ଚ୍ଚ ହେବ ୮୨୩ କୋଟି ଟଙ୍କା
- ହ୍ରାସ ପାଇଛି ନିର୍ଦ୍ଧାରିତ ଜଳସେଚନ ପରିମାଣ

# ଆଲୋଚନା ମାଧ୍ୟମରେ ସମାଧାନ କର: ହାଇକୋର୍ଟ

କଟକ ଅଫିସ, ୨୫।୪

**ନାଲ୍‌କୋ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟରେ କୋଇଲା ସଙ୍କଟ ମାମଲା**



ହାଇକୋର୍ଟରେ ସୋମବାର ନାଲ୍‌କୋ କ୍ୟାପ୍‌ଟିଭ୍ ପାୱାର ପ୍ଲାଣ୍ଟରେ କୋଇଲା ସଙ୍କଟ ମାମଲାର ଶୁଣାଣି ହୋଇଛି। ପ୍ଲାଣ୍ଟରେ କୋଇଲା ସଙ୍କଟ କିପରି ଦୂର ହୋଇପାରିବ ଓ ସୁରୁଖୁରୁରେ ପ୍ଲାଣ୍ଟ ପରିଚାଳନା କରାଯାଇପାରିବ ସେନେଇ କେନ୍ଦ୍ର କୋଇଲା ସଚିବ, ଖଣି ସଚିବ, ଶକ୍ତି ସଚିବ, ରେଳ ବୋର୍ଡ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମହାନଦୀ କୋଲଫିଲ୍ଡସ (ଏମ୍‌ସିଏଲ) ସିଏମ୍‌ଡି ଏବଂ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ସିଏମ୍‌ଡି ମିଳିତ ଭାବେ ଆଲୋଚନା କରିବେ। ଆସନ୍ତା ୨୬ ତାରିଖରେ ଏହି ଆଲୋଚନା ହେବ। ଆଲୋଚନାର ବିସ୍ତୃତ ତଥ୍ୟକୁ ଅତିରିକ୍ତ ସଲିସିଟର ଜେନେରାଲ ପରବର୍ତ୍ତୀ ଶୁଣାଣି ବେଳେ ହାଇକୋର୍ଟରେ ଉପସ୍ଥାପନ କରିବେ। ସୋମବାର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ଆର୍. କେ. ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବ।

ସୂଚନା ଅନୁଯାୟୀ, ନାଲ୍‌କୋ ଅଫିସର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ରୁଜୁ ମାମଲାରେ ଦର୍ଶାଯାଇଥିଲା ଯେ, ନାଲ୍‌କୋ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ପାଇଁ ପ୍ରତିଦିନ ୧୮ ହଜାର ମେଟ୍ରିକ ଟନ କୋଇଲା ଆବଶ୍ୟକ। କିନ୍ତୁ ଏବେ ଏମ୍‌ସିଏଲ୍ ପକ୍ଷରୁ ଦୈନିକ ୫ ହଜାର ମେଟ୍ରିକ ଟନ କୋଇଲା ଯୋଗାଣ ହେଉଛି। ଫଳରେ ନାଲ୍‌କୋ ବନ୍ଦ ହୋଇଯିବା ନେଇ ଆଶଙ୍କା ଉପୁଜିଥିବା ଆବେଦନକାରୀମାନେ ଉଲ୍ଲେଖ କରିଥିଲେ। ଏହି ମାମଲାରେ ଶୁକ୍ରବାର ହାଇକୋର୍ଟ ହସ୍ତକ୍ଷେପ କରି ନାଲ୍‌କୋକୁ ପୂର୍ବତଟ ରେଲୱେ ୪ଟି ରେକ୍ କୋଇଲା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ନାଲ୍‌କୋ ପକ୍ଷରୁ ଅନୁରୋଧ କରାଯାଏ, ତା'ହେଲେ ପୂର୍ବତଟ ରେଲୱେ ଏହାକୁ ପ୍ରାଥମିକତା ଦେବାକୁ କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ଏମ୍‌ସିଏଲ୍ ପ୍ରତିଦିନ ଭରତପୁରସ୍ଥିତ ମାଇନ୍ସରୁ ୪ଟି ରେକ୍ କୋଇଲା ଆଣି ନାଲ୍‌କୋର ଅନୁଗୋଳ ପ୍ଲାଣ୍ଟରେ ପହଞ୍ଚାଇବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଥିଲେ। ଏଥିସହ ଏହି ମାମଲାରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ, ନାଲ୍‌କୋ ଏବଂ ଏମ୍‌ସିଏଲ୍‌କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଥିଲେ।

# ଯୁକ୍ତ୨ ପରୀକ୍ଷା: ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ମେ' ୩୧ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟତଃ ଶେଷ ହୋଇଛି। ପରୀକ୍ଷାକୁ ଦୃଷ୍ଟିରେ ରଖି ପରିଷଦ ପକ୍ଷରୁ ସୋମବାରଠାରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି ସେବା ମେ' ୩୧ ତାରିଖ ଯାଏ କାର୍ଯ୍ୟକ୍ଷମ ରହିବ। ଛାତ୍ରୀଛାତ୍ରମାନେ ୦୬୭୪-୨୩୦୩୮୦୩ ଓ ୦୬୭୪-୨୩୦୩୮୦୩ରେ ଯୋଗାଯୋଗ କରି ଯେକୌଣସି ଅଭିଯୋଗ ଓ ସନ୍ଦେହ ଦୂର କରିପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ୩ଲକ୍ଷ ୨୧ହଜାର୫୦୮ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ଏଥିପାଇଁ ୧,୧୩୩ଟି ପରୀକ୍ଷା କେନ୍ଦ୍ର ଓ ୨୦୨ଟି ନୋଡାଲ୍ ସେଣ୍ଟର କରାଯାଇଛି। ଶୃଙ୍ଖଳିତ ପରୀକ୍ଷା ପାଇଁ ନୋଡାଲ୍ ସେଣ୍ଟର ଓ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି।

# ମଧ୍ୟସ୍ଥତା କେନ୍ଦ୍ରରେ ଅଢ଼େଇ ଘଣ୍ଟା କାଉନ୍‌ସେଲିଂ

କଟକ ଅଫିସ, ୨୫।୪

**ସୁମିତ-ତପସ୍ୱିନୀ ବିବାଦ ମାମଲା**
**୪ରେ ପୁଣି କାଉନସେଲିଂ କରାଯିବ**

ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ସୋମବାର ଉଭୟଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ କାଉନସେଲିଂ କରାଯାଇଛି। ଅପରାହ୍ନ ୩ଟାରୁ ୫ଟା ୩୦ପର୍ଯ୍ୟନ୍ତ ଅଢ଼େଇ ଘଣ୍ଟା କାଳ ଏହି କାଉନସେଲିଂ ଚାଲିଥିଲା। ଆସନ୍ତା ୪ ତାରିଖ ଅପରାହ୍ନ ୩ଟାରେ ପୁନର୍ବାର କାଉନସେଲିଂ ପାଇଁ ଉଭୟଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଦାମ୍ପତ୍ୟ ଜୀବନକୁ ନେଇ ବିବାଦ ଉଠିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୯ ତାରିଖରେ ପ୍ରଥମ ଥର ଲାଗି ସୁମିତ-ତପସ୍ୱିନୀ କାଉନସେଲିଂ ଟେବୁଲରେ ଏକାଠି ହୋଇଥିଲେ। ପ୍ରଥମ ଥର ୨ଘଣ୍ଟା ୩୦ମିନିଟ୍ ଓ ପରେ ୧୧ ତାରିଖରେ ୩ଘଣ୍ଟା ପର୍ଯ୍ୟନ୍ତ ଆଇନସେବା ଭବନ ପରିସରସ୍ଥ ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ କାଉନସେଲିଂ କରାଯାଇଥିଲା। ଅଧିକାରୀ ପ୍ରଥମେ ଉଭୟଙ୍କୁ ଏକାଠି ବସାଇ ଓ ପରେ ପୃଥକ ପୃଥକ ଭାବେ କାଉନସେଲିଂ କରିଥିଲେ। କାହିଁକି ଓ କାହା ପାଇଁ ବିବାଦ ଉପୁଜିଥିଲା ପ୍ରଭୃତି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ମଧ୍ୟସ୍ଥତା କେନ୍ଦ୍ରର ରିପୋର୍ଟ ଆଧାରରେ ଗତ ୧୩ ତାରିଖରେ ହାଇକୋର୍ଟରେ ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାର ଶୁଣାଣି ହୋଇଥିଲା। ଏହି ଆଲୋଚନା ସଫଳ ହୋଇପାରି ନ ଥିଲା ବୋଲି ହାଇକୋର୍ଟଙ୍କୁ ଦିଆଯାଇଥିବା ରିପୋର୍ଟରେ କୁହାଯାଇଥିଲା। ବିଚାରପତି ଆଦିତ୍ୟ ମହାପାତ୍ରଙ୍କ ଖଣ୍ଡପୀଠ ପୁନର୍ବାର ମଧ୍ୟସ୍ଥତା କେନ୍ଦ୍ରରେ ଉଭୟଙ୍କୁ ବସାଇ ଆଲୋଚନା କରିବା ପାଇଁ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

# ବିଡିଓଙ୍କ ଗାଡ଼ି ଭାଙ୍ଗିଲେ, ପୋଲିସକୁ ପିଟିଲେ

ସଜନାଗଡ଼, ୨୫।୪(ଡି.ଏନ.ଏ.)

**ଯୁବକଙ୍କ ଉନ୍ମତ୍ତକାଣ୍ଡ**



ସମୀର କୁମାର ପଣ୍ଡା

ବାଲେଶ୍ୱର ଜିଲା ନୀଳଗିରି ବଜାରରେ ସୋମବାର ଅପରାହ୍ନରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସେହିବାଟ ଦେଇ ଯାଉଥିବା ବିଡିଓଙ୍କ ସରକାରୀ ଗାଡ଼ିକୁ ସେ ଭଙ୍ଗାରୁଜା କରିବା ସହ ଅନେକ ବାଇକ୍ ଆରୋହୀଙ୍କୁ ମାର୍‌ପିଟ୍ କରି ଗାଡି ଭଙ୍ଗାରୁଜା କରିଛନ୍ତି। ସ୍ଥାନୀୟ ଲୋକେ ଅଟକାଇବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି। ବଜାର ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିବା ଖବରପାଇ ନୀଳଗିରି ଥାନା ପୋଲିସ ପହଞ୍ଚିଥିଲେ ମଧ୍ୟ ଯୁବକଜଣକ ଥାନା ଏଏସ୍‌ଆଇ ଅନନ୍ତ ମୁର୍ମୁ ଓ କନଷ୍ଟେବଳ ଚିତ୍ତରଞ୍ଜନ ନାୟକଙ୍କୁ ଆକ୍ରମଣ କରି ଆହତ କରିଥିଲେ। ଶେଷରେ ଥାନା ଭାରପ୍ରାପ୍ତ ଅଧିକାରୀ ବିରଞ୍ଚି ନାରାୟଣ ସାହୁ ସଦଳବଳ ପହଞ୍ଚି ତାଙ୍କୁ କାବୁ କରି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, କାହାଳିଆ (ଚକ୍ରଧରପୁର ଶାସନ) ଗ୍ରାମର ସମୀର କୁମାର ପଣ୍ଡା (୩୫) ଦୁର୍ଗାମଣ୍ଡପଠାରେ ଥିବା ଏକ ଗ୍ରସେରୀ ଦୋକାନ କରିଛନ୍ତି। ଅପରାହ୍ନ ସମୟରେ ସେ ଦୋକାନରେ ବସିଥିବା ବେଳେ ହଠାତ୍ ବାହାରକୁ ପଳାଇ ଆସି ଯାତାୟାତ କରୁଥିବା ଲୋକଙ୍କୁ ଭୟଭୀତ କରି ଆକ୍ରମଣ ଆରମ୍ଭ କରିଦେଇଥିଲେ। ସେହି ସମୟରେ ବିଡିଓଙ୍କ ସରକାରୀ ଗାଡି ଆସୁଥିବା ବେଳେ ସମୀର ହଠାତ୍ ଗାଡି ଆଗକୁ ଯାଇ ନିଜ ହାତରେ ଆଗ କାଚକୁ ଭାଙ୍ଗିଦେଇଥିଲେ। ସେହି ଗାଡିରେ ବିଡିଓ ନ ଥିବା ବେଳେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହି ରାସ୍ତାରେ ଯାଉଥିବା କାହାରିକୁ ସେ ଛାଡି ନ ଥିଲେ। ଗୋଡାଇ ଗୋଡାଇ ବାଇକ ଆରୋହୀଙ୍କୁ ଅଟକାଇବା ସହ ମାରପିଟ୍ କରି ଗାଡି ବାଇକ୍ ଭଙ୍ଗାରୁଜା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିଯିବାରୁ ସମୀର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପୋଲିସ ଗାଡ଼ିକୁ ମୁଣ୍ଡରେ ପିଟି ପିଟି ଆଗ ଓ ସାଇଡ୍ କାଚକୁ ଚୂରମାର୍ କରିଥିଲେ।

# ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ଗ୍ରୀଷ୍ମକାଳୀନ ଭତ୍ତା

**ଭୁବନେଶ୍ୱର, ୨୫।୪(ବ୍ୟୁରୋ):** ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ଗ୍ରୀଷ୍ମକାଳୀନ ସହାୟତା (ସମର ଆଲାଉନ୍ସ) ମିଳିବ। ମେ' ମାସ ପାଇଁ ପ୍ରତ୍ୟେକଙ୍କୁ ୧୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେପ୍ରାୟ୪୮ ଲକ୍ଷ୫୧ ହଜାରହିତାଧିକାରୀଏହିଆର୍ଥିକସହାୟତାପାଇବେ। ସେହିପରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ରହିଥିବା ୧୦୩ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ତଥା ତାଲିମଦାତ୍ରୀଙ୍କ ପାଇଁ ପ୍ରସୂତିକାଳୀନ ଛୁଟି ଅନୁମୋଦିତ ହୋଇଛି। ସମ୍ପୃକ୍ତ କର୍ମଚାରୀ ୧୮୦ ଦିନ ବା ୬ ମାସ ପାଇଁ ଏହି ଛୁଟି ପାଇପାରିବେ ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୋମବାର ପ୍ରକାଶ କରିଛନ୍ତି।

ଅତି ପୁଷ୍ଟିକର ଅଣ୍ଡା ବର୍ତ୍ତମାନ ସୁଲଭ ମୂଲ୍ୟରେ
ଜନ ହିତରେ
ଏନଇସିସି ଅଣ୍ଡା ବିକ୍ରେତାଙ୍କୁ ଅନୁରୋଧ କରୁଛୁକି ଦୟାକରି ଡଜନ ପ୍ରତି ଟ.60/- ରୁ ଅଧିକ ନିଅନ୍ତୁ ନାହିଁ
ଅଧିକ ବିବରଣୀ : ଏନ୍‌ଇସିସି ଓଡ଼ିଶା ମୋବାଇଲ୍ ନଂ © 7077073444
ଅଣ୍ଡା ଡଜନ ₹60/- ମାତ୍ର
NECC NATIONAL EGG CO-ORDINATION COMMITTEE
ସନ୍‌ଡେ ହୋ ୟା ମନ୍‌ଡେ, ରୋଜ୍ ଖାଓ ଅଣ୍ଡେ

# ଆଜିଠୁ ସିବିଏସ୍‌ଇ ପରୀକ୍ଷା

**ଭୁବନେଶ୍ୱର, ୨୫।୪ (ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଟର୍ମ-୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେବ। ଦେଶରେ ପ୍ରାୟ ୩୫ ଲକ୍ଷ ପିଲା ପରୀକ୍ଷା ଦେବେ। ଦଶମ ଶ୍ରେଣୀରେ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେବାକୁ ଥିବାବେଳେ ଏଥିପାଇଁ ୭,୪୦୬ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିପରି ଦ୍ୱାଦଶରେ ପ୍ରାୟ ୧୪ଲକ୍ଷରୁ ଊର୍ଦ୍ଧ୍ୱ ପିଲା ୬,୭୨୦ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ପରୀକ୍ଷା ପୂର୍ବାହ୍ନ ସାଢ଼େ ୧୦ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ୧୦ଟା ପୂର୍ବରୁ ପିଲାମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଦରକାର। ଏହାପରେ ଆଉ କାହାକୁ ଅନୁମତି ମିଳିବ ନାହିଁ। ୧୦ଟା ୧୫ରେ ପିଲାଙ୍କୁ ପ୍ରଶ୍ନପତ୍ର ମିଳିବ ଓ ପଢ଼ିବାକୁ ୧୫ ମିନିଟ୍ ସମୟ ଦିଆଯିବ। ତେବେ କରୋନା ନିୟମକୁ ପାଳନ କରାଯାଇ ପରୀକ୍ଷା କରିବା ପାଇଁ ପୂର୍ବରୁ ସିବିଏସ୍‌ଇ ନିର୍ଦ୍ଦେଶ ଦେଇଥିଲା। ଏଥିପାଇଁ ସବୁ ସ୍କୁଲରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଇନ୍‌ଫ୍ରାରେଡ୍ ଥର୍ମୋମିଟର ପାଇଁ ବୋର୍ଡ ପକ୍ଷରୁ ପ୍ରତି ସ୍କୁଲକୁ ୫ହଜାର ଲେଖାଏ ଏବଂ ପରିଚ୍ଛନ୍ନତା, ସାନିଟାଇଜର, ମାସ୍କ ପାଇଁ ଦିନକୁ ପ୍ରତି ପିଲାଙ୍କ ପିଛା ୫ଟଙ୍କା ଦିଆଯାଇଛି।

DADLS - 12
Azadi Ka Amrit Mahotsav
ଓଡ଼ିଶା ସରକାର



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
। ୨୬ ଅପ୍ରେଲ, ୨୦୨୨ ।
ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଏଜି ଛକସ୍ଥିତ ପରିବହନ ଭବନ ସମ୍ମୁଖରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ
ମୁଖ୍ୟ ଅତିଥି : -ଡ଼ଃ ସୂର୍ଯ୍ୟନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସଭାପତି : -ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ସମ୍ମାନିତ ଅତିଥି : -ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା,ଓଡ଼ିଶା ସରକାର(ଗଣମାଧ୍ୟମ ଓ ଲୋକସମ୍ପର୍କ)
-ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ
-ଡ଼ଃ ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା : -ଡ଼ଃ ଗିରୀଶ ପ୍ରସାଦ ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକ
ସଭାପରେ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ, ଦିଗପହଣ୍ଡି, ଗଞ୍ଜାମର କଳାକାରମାନଙ୍କ ଦ୍ୱାରା ସଖୀ ନାଟ, ଘୁଡୁକୀ ନାଟ ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
ନବ ଉତ୍କଳର ନିର୍ମାତା, ସାହିତ୍ୟାନୁରାଗୀ, ସୁଶାସକ ତଥା ପ୍ରଜାବତ୍ସଳ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କର ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଭୂମିକା ଅତୁଳନୀୟ । ରାଜନୀତି, ଶିକ୍ଷା, ଶିଳ୍ପ, ଗମନାଗମନ ଓ କୃଷି କ୍ଷେତ୍ର ତଥା ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ବଳିଷ୍ଠ ଅବଦାନ ପ୍ରଣିଧାନଯୋଗ୍ୟ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନିର୍ମାଣରେ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ନିମନ୍ତେ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିଥିବେ ।
OIPR-15001/13/0022/2223



MAKE YOUR WEDDING MEMORABLE
Your wedding is the most special occasion in your life, so is your style. Amaze the world with your gorgeous look. Pick your style from the trendiest collection of suits, sherwanis and a wide range of wedding sarees and lehengas from Kalamandir. Make your wedding truly memorable.
kalamandir କଳାମନ୍ଦିର ODISHA'S MOST POPULAR FASHION SHOP ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Patolas | Fancy Sarees
Lehengas | Suitings | Shirtings | Suits | Jackets | Kurta Pyjamas | Sherwanis | Casuals | Exclusive Readymades
Women's Wear | Kidswear | Furnishings | Dress Materials
R K SWAMY BBDO KM 2931/22

**ଆଜିର ମନ୍ତବ୍ୟ**

"ପ୍ରତ୍ୟେକ ବ୍ୟକ୍ତିଙ୍କ ଭାବାବେଗ ନିଜ ଧର୍ମ ସହ ଜଡ଼ିତ। କିନ୍ତୁ ସାମ୍ପ୍ରଦାୟିକ ବିବାଦ ପାଇଁ ତାହାକୁ ସର୍ବସାଧାରଣରେ ପରିପ୍ରକାଶ କରିବା ଦ୍ୱାରା ସମାଜରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ, ଯାହା ଏବେ ମହାରାଷ୍ଟ୍ରରେ ଦେଖିବାକୁ ମିଳୁଛି।

– ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସୋମ୍
ପରିବାରବର୍ଗ



ସାଇସ୍ମିତୋଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏହି ଦିହ ଫେର୍ ଏମନ୍ତ ହୋଇ**
**ହାତୀକୁ ପାରଇ ବାନ୍ଧି,**
**ଏହି ଦିହ ଫେର୍ ଏମନ୍ତ ହୋଇ**
**ମୂଷାକୁ ନ ପାରେ ଛନ୍ଦି।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲା ପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକେଇ କାଳୀ,**
**ଘେନିଛି କାଚ କୋଚିଲା ମାଳି,**
**ପିନ୍ଧିଛି ପୁଣି ନେଳିଆ ଶାଢ଼ି,**
**ତହିଁରେ ହୋଇଛି ରାନ୍ଧଣା ପାଳି।**

ତରୁଣୀ ବା ଯୁବତୀମାନେ ବେଶଭୂଷା ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି, ଆନନ୍ଦ ପାଇଥାନ୍ତି। ତେବେ ନିଜ ରୂପ ବର୍ଣ୍ଣକୁ ଚାହିଁ ବେଶ ପରିପାଟି ହେଲେ ଅନ୍ୟ ଆଗରେ ତାହା ସୁନ୍ଦର ଲାଗିଥାଏ। ଏପରିସ୍ଥିତିରେ ରୋଷ ଶାଳାରେ କାର୍ଯ୍ୟ କରୁଥିବା ଶ୍ୟାମଳବର୍ଣ୍ଣା ଯୁବତୀର ବିଚିତ୍ର ବେଶଭୂଷା ଓ ପରିପାଟି ପ୍ରତି ତାଚ୍ଛଲ୍ୟ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କଳବଳ କରୁଛି ତାତି

- ବଲାଙ୍ଗୀରରେ ୪୪ ଡିଗ୍ରୀ
- ୪୩ ଡିଗ୍ରୀ ଉପରେ ୮ ସହର

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ପାରଦ ଉପରମୁହାଁ। ଚାରିଆଡ଼େ ତାତି। ସକାଳ ୯ଟା ପରେ ଆରମ୍ଭ ହୋଇଯାଉଛି ପ୍ରଚଣ୍ଡ ଗ୍ରୀଷ୍ମ। ଖରା ସାଙ୍ଗକୁ ଝାଞ୍ଜି ପବନ ଦେହ, ମୁଣ୍ଡକୁ ପୋଡ଼ିପକାଉଛି। ଗରମ ସାଙ୍ଗକୁ ଝାଳ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଛି। ସୋମବାର ରାଜ୍ୟରେ ଅସହ୍ୟ ତାତି ଅନୁଭୂତ ହୋଇଛି। ୨୭ ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହିଛି। ରାଜ୍ୟର ୮ ସହରରେ ତାତି ୪୩ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ୧୬ ସହରରେ ୪୨ ଡିଗ୍ରୀରୁ ଅଧିକ ରହିଛି। ବଲାଙ୍ଗୀର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ଏଠାରେ ଦିନର ତାତି ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ସୂଚନା ମୁତାବକ ଚାନ୍ଦବାଲିରେ ୪୦.୩ ଡିଗ୍ରୀ, କଟକରେ ୪୦.୨, ଭୁବନେଶ୍ୱରରେ ୪୦.୮, ଅନୁଗୋଳରେ ୪୩.୭, ବାରିପଦାରେ ୪୩.୨, ଝାରସୁଗୁଡାରେ ୪୩.୨, କେନ୍ଦୁଝରରେ ୪୦.୮, ସମ୍ବଲପୁରରେ ୪୩, ସୁନ୍ଦରଗଡରେ ୪୨.୫, ହୀରାକୁଦରେ ୪୨.୬, ଭବାନୀପାଟଣାରେ ୪୨.୫, ଟିଟିଲାଗଡ଼ରେ ୪୩.୮, ତାଳଚେରରେ ୪୩, ଭଦ୍ରକରେ ୪୧.୫, ଯାଜପୁରରେ ୪୧.୨, ଢେଙ୍କାନାଳରେ ୪୦.୫, ଦେବଗଡ଼ରେ ୪୨.୬, ବରଗଡ଼ରେ ୪୨, ନୂଆପଡ଼ାରେ ୪୧, ଖୋର୍ଦ୍ଧାରେ ୪୨, କେନ୍ଦ୍ରାପଡ଼ାରେ ୪୨.୨, ସୋନପୁରରେ ୪୩.୪, ବୌଦ୍ଧରେ ୪୨.୫, ନୟାଗଡ଼ରେ ୪୧, ପାରଳାଖେମୁଣ୍ଡି ଓ ମାଲକାନଗିରିରେ ୪୦ ଡିଗ୍ରୀ ଗରମ ରେକର୍ଡ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


# classifieds Everyday
0674-2580101, 2549302





**SALE**

Plot for sale at Chhatabar Per Sqft @299/-. 9583295832, 9937816565. D-201

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲଠାରୁ ୪କି.ମି. ଦୂର ଘଙ୍ଘାପାଟଣା କଣ୍ଟାବାଡ଼ଠାରେ ୩୦' ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। **8018170634.** D-71027

ଭୁବନେଶ୍ୱର-ପୁରୀ ରୋଡ୍‌ରେ NHକୁ ଲାଗି 12000sqft. commercial plot ବିକ୍ରିହେବ। 7008833643. D-73240

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **50mtr** ଦୂରରେ **BDA yellowzone** ପ୍ଲଟ୍ ମିଳୁଛି। **9556368377.** D-73238

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Plot for sale at Pitapalli NH-16 Side @900/-. 9583295832, 9937816565. D-200

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238.** D-71976

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Bhubaneswar Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71982

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com





**Relax, Refresh your body, mind at Saikrupa Spa with best therapies. 8984068077.** D-129

Newly open full body massage ladies and gents. 8327740003. D-71890

Newly open SPA positively health benifit with expert. Contact: 7749976301. D-71980

Ayurvedic full body massage by experienced male/ female therapist. 7381172169. D-71493

**AFFIDAVIT**

I, Kanize Zeenat Fatima D/O Sayed Abdul Rahim Born on 07.07.1986 Residing At Vii-H-163, Saila Shree Vihar, Bhubaneswar, have changed my name to Kaneez Zeenat Fatima Vide Affidavit Dated 22.04.22 at Bhubaneswar. D-248

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ପ୍ରଥମ ପୃଷ୍ଠାରୁ...

## ଆଜିଠୁ ୫ ଦିନ...

ଦେଢ଼ମାସ ଖରାଛୁଟି ହେଉଥିବାବେଳେ ଏଥର ମାତ୍ର ୧୧ ଦିନ ରହିଛି। ଜୁନ୍ ୬ ରୁ ୧୬ ତାରିଖ ପର୍ଯ୍ୟନ୍ତ ଖରାଛୁଟି ଘୋଷଣା ହୋଇଛି। ସେହିପରି ବର୍ତ୍ତମାନ ସ୍କୁଲ ସାଢ଼େ ୧୦ଟାରେ ଛୁଟି ହେଉଥିବାବେଳେ ମେ' ୨ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ୯ଟା ଯାଏ ପାଠପଢ଼ା ହେବ ବୋଲି ପୂର୍ବରୁ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ବିରୋଧ କରୁଛନ୍ତି। ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହକୁ ଦେଖି ମେ'ରୁ ଖରା ଛୁଟି କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ପାଣି ଅଛି...

ତୁଳନାରେ ଚଳିତବର୍ଷ ଜଳଭଣ୍ଡାରଗୁଡିକରେ ପର୍ଯ୍ୟାପ୍ତ ଜଳ ରହିଛି। ୨୦୨୧ ଏପ୍ରିଲ ୨୫ରେ ହୀରାକୁଦ ଜଳଭଣ୍ଡାରରେ ୬୦୮ ଫୁଟ ଜଳ ରହିଥିବା ବେଳେ ୨୦୨୨ ଏପ୍ରିଲ ୧୫ରେ ୬୧୨.୨୧ ଫୁଟ ରହିଛି। ଅନ୍ୟାନ୍ୟ ଜଳ ଭଣ୍ଡାରଗୁଡିକରେ ଭଲ ଜଳସ୍ତର ଥିବା ସତ୍ତ୍ୱେ ବିଦ୍ୟୁତ୍ ଉତ୍ପାଦନ ବଢ଼ି ପାରୁ ନାହିଁ। ବାଲିମେଳା, ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପର ୨ଟି ୟୁନିଟ୍ ଅଚଳ ଥିବାବେଳେ ରେଙ୍ଗାଲିର ଗୋଟିଏ ୟୁନିଟ୍ ଅଚଳ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ୧୬ଟି କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ରହିଛି। ସେଥିରୁ ମାତ୍ର ୪୦୦ରୁ ୫୦୦ ମେଗାୱାଟ ବିଦ୍ୟୁତ୍ ରାଜ୍ୟକୁ ମିଳିପାରୁଛି। ରାଜ୍ୟର ଷ୍ଟିଲ୍, ଆଲୁମିନିୟମ ପ୍ଲାଣ୍ଟଗୁଡିକ ଇଣ୍ଡିପେଣ୍ଡାଣ୍ଟ ପାୱାର ପ୍ରଡ୍ୟୁସର (ଆଇପିପି) ଭାବେ ନିଜର ଆବଶ୍ୟକତା ମେଣ୍ଟାଇବା ସହ ରାଜ୍ୟକୁ ବଳକା ବିଦ୍ୟୁତ୍ ଯୋଗାଇବାକୁ ଚୁକ୍ତି କରିଛନ୍ତି। କିନ୍ତୁ ଅନେକ ସମୟରେ ସେହି ଶିଳ୍ପଗୁଡିକ ବିଦ୍ୟୁତ୍ ପାଇଁ ଗ୍ରୀଡ୍‌କୋ ଉପରେ ନିର୍ଭର କରୁଛନ୍ତି।

ପାରମ୍ପରିକ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଉଛି। ଅଣପାରମ୍ପରିକ ସୌର ଶକ୍ତି ଉତ୍ପାଦନ କରିବାକୁ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଛି। ଏପ୍ରିଲରେ ବିଦ୍ୟୁତ୍ ସଙ୍କଟ ସ୍ଥିତି ଅଣାୟତ୍ତ ହୋଇଥିବାବେଳେ ମେ ଓ ଜୁନରେ ଆହୁରି ଅସମ୍ଭାଳ ହେବା ନେଇ ଜଳ ଜଳ ଦିଶିଲାଣି।

## 'ନିରବଚ୍ଛିନ୍ନ ବିଜୁଳି...

ଏବେ ସମଗ୍ର ରାଜ୍ୟ ଉଚ୍ଚ ତାପମାତ୍ରା ଯୋଗୁ କଳବଳ ହେଉଥିବା ବେଳେ ବିଦ୍ୟୁତ୍ ଚାହିଦା ବଢ଼ିବାରେ ଲାଗିଛି। ପିକ୍ ଆୱାର୍‌ରେ ରାଜ୍ୟରେ ବିଦ୍ୟୁତ୍ ଚାହିଦା ପୂର୍ବ ତୁଳନାରେ ୧୦ ପ୍ରତିଶତ ବୃଦ୍ଧି ପାଇଛି। ସନ୍ଧ୍ୟା ୭ଟାରୁ ରାତି ୧୧ଟା ମଧ୍ୟରେ ବିଦ୍ୟୁତ୍ ଚାହିଦା ୫ ହଜାର ୪ ଶହ ମେଗାୱାଟ ମଧ୍ୟରେ ରହୁଛି। ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୪ ହଜାର ୮ ଶହ ମେଗାୱାଟ ରହିଛି। ବିଦ୍ୟୁତ୍ ଉତ୍ପାଦନ କମ୍ ରହୁଥିବାରୁ ଏଭଳି ସ୍ଥିତି ଦେଖାଦେଇଛି। ଯାହା ଫଳରେ ରାଜ୍ୟରେ ବିଦ୍ୟୁତ୍ କାଟ୍ କରାଯାଉଛି। ଏହି ସମସ୍ୟା ଦେଖାଦେବା ପରେ ସୋମବାର ଲୋକସେବା ଭବନଠାରେ ଡିଜିଟାଲ୍ ମୋଡ୍‌ରେ ମୁଖ୍ୟ ଶାସନ ସଚିବ ଏହାର ସମୀକ୍ଷା କରିଛନ୍ତି। ଏଥିରେ ଗ୍ରୀଡ୍‌କୋ, ଓପିଟିସିଏଲ୍, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମଙ୍କ ସମେତ ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଓ କମ୍ପାନୀଗୁଡ଼ିକ ଶକ୍ତି ବଣ୍ଟନ ବିଷୟରେ ସଦ୍ୟତମ ତଥ୍ୟ ରଖିଥିଲେ। ବୈଠକ ପରେ ପ୍ରବଳ ତାତି ଏବଂ ବୋର୍ଡ ଓ +୨ ପିଲାଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସବୁ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାକୁ କୋଇଲା ଯୋଗାଇବା ଲାଗି ଏମ୍‌ସିଏଲ୍ ଅଧିକାରୀଙ୍କୁ କୁହାଯାଇଛି। କୋଇଲା ପରିବହନ ନିମନ୍ତେ ଅଧିକ ରେକ୍ ଯୋଗାଇବାକୁ ମଧ୍ୟ ରେଳ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବାକୁ କୁହାଯାଇଛି। ଦେୟ ପୈଠ ହୋଇ ନ ଥିବା କାରଣରୁ କୌଣସି ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ନ କାଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଳଜାତ ବିଦ୍ୟୁତ୍‌ର ଠିକ୍ ପରିଚାଳନା ଓ ଉପଯୋଗ କରି ଏହିସବୁ ଉପଭୋକ୍ତାଙ୍କୁ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ୍ ଯୋଗାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଏପ୍ରିଲ୍‌ରେ ଅସ୍ୱାଭାବିକଭାବେ ଗରମ ଓ ଗ୍ରୀଷ୍ମ ପ୍ରବାହ ହଠାତ୍ ବଢ଼ିଯାଇଛି।

ଏନ୍‌ଟିପିସି ଦର୍ଲିପାଲି ପାୱାର ଷ୍ଟେଶନରେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେବାପରେ ବିଦ୍ୟୁତ୍ ଶକ୍ତିର ଅଭାବ ଦେଖାଦେଇଛି। ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନ ହେଉ ନ ଥିବାରୁ ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ତୁରନ୍ତ ଏହି ଷ୍ଟେଶନର ମରାମତି ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବାକୁ ବିଦ୍ୟୁତ୍ ବିତରଣକାରୀ କମ୍ପାନୀଗୁଡ଼ିକୁ ପରାମର୍ଶ ଦିଆଯିବା ସହ ପର୍ଯ୍ୟାପ୍ତ ପରିମାଣର ଭଲ କୋଇଲା ଯୋଗାଣ ଲାଗି ଆଇପିପିକୁ କୁହାଯାଇଛି। ରାଜ୍ୟରେ ଏବେ ସମୁଦାୟ ପ୍ରାୟ ୪ ଭାଗରୁ ଭାଗେ ଜଳ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି। ରାଜ୍ୟରେ ମୋଟ ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୨ ହଜାର ୯୯ ମେଗାୱାଟ୍ ଥିବାବେଳେ ୭ଟି ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ଏବେ ମାତ୍ର ୫ ଶହ ୫୬ ମେଗାୱାଟ ଉତ୍ପାଦିତ ହେଉଛି।

## କୁଳପତି ନିଯୁକ୍ତି...

ନିର୍ବାଚିତ ସରକାର ସେମାନଙ୍କୁ ନିଯୁକ୍ତି ଦେଇପାରୁ ନାହିଁ। ଏହା ଗଣତାନ୍ତ୍ରିକ ନୀତିର ବିରୋଧୀ। କୁଳପତି ନିଯୁକ୍ତି କ୍ଷମତା ରାଜ୍ୟପାଳଙ୍କୁ ଦିଆଯିବା ଉଚିତ ନୁହେଁ ବୋଲି ଆନ୍ତଃରାଜ୍ୟ ସମ୍ପର୍କ ଉପରେ ଗଠିତ ପୁଞ୍ଛି କମିଶନ ସୁପାରିସ କରିଥିଲେ। କମିଶନଙ୍କ ମତାମତ ଉପରେ ୧୯ଟି ରାଜ୍ୟ ସହମତ ଥିଲେ। ଏପରିକି ଇ.କେ. ପଲାନିସ୍ୱାମୀଙ୍କ ନେତୃତ୍ୱାଧୀନ ଏଆଇଏଡିଏମ୍‌କେ ସରକାର ମଧ୍ୟ ରାଜ୍ୟପାଳଙ୍କ ହାତରେ କୁଳପତି ନିଯୁକ୍ତି କ୍ଷମତା ରହିବା ଉଚିତ ନୁହେଁ ବୋଲି ସେତେବେଳେ ମତ ଦେଇଥିଲା ବୋଲି ଷ୍ଟାଲିନ କହିଛନ୍ତି।

## ମସ୍କ ହୋଇପାରନ୍ତି...

ଭାବେ କିଣିବା ନିମନ୍ତେ ପ୍ରସ୍ତାବ ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ସାରା ଦୁନିଆରେ ଅଭିବ୍ୟକ୍ତିର ସ୍ୱାଧୀନତା ବଜାୟ ରଖିବା ନିମନ୍ତେ ଟୁଇଟର ଏକ ବଡ଼ ପ୍ଲାଟଫର୍ମ ହୋଇପାରିବ ବୋଲି ବିଶ୍ୱାସ ରହିଛି। ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଜରୁରୀ। କମ୍ପାନୀର ରୂପରେଖରେ ପରିବର୍ତ୍ତନ ଏବଂ ଏହାର ସାମାଜିକ ଦାୟିତ୍ୱ ପୂରଣ ଉଦ୍ଦେଶ୍ୟରେ ସେ ମାଇକ୍ରୋ ବ୍ଲଗିଂ ସାଇଟ୍ ଟୁଇଟରରେ ପୁଞ୍ଜି ନିବେଶ କରିବା ସହ ଏହାର ମାଲିକାନା ହାସଲ କରିବାକୁ ଚାହୁଁଥିବା ମସ୍କ କହିଥିଲେ। ପରେ ମସ୍କଙ୍କୁ ଟୁଇଟର ବୋର୍ଡ ସଦସ୍ୟ ରହିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ମସ୍କ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରଠାରୁ ମସ୍କ ଓ ଟୁଇଟର ମଧ୍ୟରେ ବିବାଦ ଦେଖାଦେଇଥିଲା। ମସ୍କ ଯେପରି ଅଧିକ ଶେୟାର ନ କିଣିପାରନ୍ତି ସେଥିପାଇଁ ଏହି ସୋସିଆଲ ମିଡିଆ କମ୍ପାନୀ 'ପଏଜନ୍ ପିଲ୍' ନୀତି ଆଣିଥିଲା। ଜବାବରେ ମସ୍କ ଟୁଇଟର ଶେୟାର ହୋଲ୍ଡରଙ୍କ ସମର୍ଥନ ପଞ୍ଜୀକୃତ କରିବା ନିମନ୍ତେ ଏକ ଟେଣ୍ଡର ଅଫର ଲଞ୍ଚ୍ କରିବେ ବୋଲି ଧମକ ଦେଇଥିଲେ।

## ଭାବୀ ସ୍ୱାମୀଙ୍କ...

ତାଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଭଲ ବ୍ୟବସାୟ ହେଉଥିବାରୁ ସ୍ଥାନୀୟ ଅନ୍ୟ ସିମେଣ୍ଟ ବ୍ୟବସାୟୀ ଈର୍ଷାନ୍ୱିତ ହୋଇ ହତ୍ୟା କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ପରେ ୩ ଜଣଙ୍କୁ ଅଟକ ରଖିଥିଲା। ଅପରପକ୍ଷରେ ଆସନ୍ତା ୧୩ ତାରିଖରେ କୃଷ୍ଣଚନ୍ଦ୍ରଙ୍କ ବିବାହ ନିମନ୍ତେ ଦିନ ଧାର୍ଯ୍ୟ ହୋଇଥିଲା। ହଂସପୁରର ଆରତୀ ପ୍ରଧାନଙ୍କୁ ସେ ଦ୍ୱିତୀୟ ବିବାହ କରିଥାନ୍ତେ। ୩ବର୍ଷ ତଳେ ଆପୋସ ବୁଝାମଣା ପରେ ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡ଼ପତ୍ର ଦେଇଥିଲେ। ଆରତୀଙ୍କୁ ଦ୍ୱିତୀୟ ବିବାହ ପାଇଁ ନିର୍ବନ୍ଧ ସରିଥିଲା। ଦୁଇ ପରିବାରରେ ଜୋରଦାର ପ୍ରସ୍ତୁତି ଚାଲିଥିଲା। ଏଭଳି ସ୍ଥିତିରେ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା ପରେ ଭାବୀ ସ୍ତ୍ରୀ ଆରତୀ ଭାଙ୍ଗି ପଡ଼ିଥିଲେ। ତାଙ୍କର ସବୁ ସ୍ୱପ୍ନ ଚୂରମାର ହୋଇଯାଇଥିଲା। କୃଷ୍ଣଚନ୍ଦ୍ରଙ୍କ ହତ୍ୟାର ୩ ଦିନ ପରେ ବି ପୋଲିସ କାହାରିକୁ ଗିରଫ ନ କରିବା ଏବଂ ଅଟକ ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ରବିବାର ରାତିରେ ଛାଡ଼ି ଦେଇଥିବା ଜଣାପଡ଼ିବା ପରେ ଆଉ ନ୍ୟାୟ ମିଳିବ ବୋଲି ଆରତୀ ଆଶା ଛାଡ଼ି ଦେଇଥିଲେ। ତେଣୁ ସେ ମ୍ରିୟମାଣ ହୋଇ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ସ୍ଥାନକୁ ଯାଇ ସୋମବାର ସକାଳେ ବିଷ ପିଇ ଦେଇଥିଲେ। କୃଷ୍ଣଚନ୍ଦ୍ରଙ୍କ ଭଣଜା ରାକେଶ କୁମାର ସାହୁଙ୍କୁ ଆରତୀ ମୋବାଇଲ ଫୋନରେ ଏକ ମେସେଜ୍ ପଠାଇଥିଲେ। ସେଥିରେ ସେ ଲେଖିଥିଲେ ଯେ, ମୁଁ ମଲା ପରେ ବୋଧେ ତମ ମାମୁଙ୍କୁ ଉଚିତ ନ୍ୟାୟ ମିଳିବ। ବିଷପିଇ ଗୁରୁତର ହୋଇ ପଡ଼ିଥିବା ଆରତୀଙ୍କୁ ପ୍ରଥମେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଆରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା ଘଟଣାରେ ପୋଲିସ କାହାରିକୁ ଗିରଫ ନ କରିବା ପ୍ରତିବାଦରେ ହଂସପୁରଠାରେ ଛତ୍ରପୁର-ତାରାତାରିଣୀ ମୁଖ୍ୟ ରାସ୍ତାକୁ ଶତାଧିକ ଲୋକ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ଜିଦ୍‌ରେ ଅଟଳ ରହି ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରିଥିଲେ। ଅଟକଙ୍କୁ କାହିଁକି ଛଡ଼ାଗଲା ସେ ନେଇ ପ୍ରଶ୍ନ କରିବା ସହ ଛତ୍ରପୁର ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରାହ୍ନରେ ଆନ୍ଦୋଳନସ୍ଥଳକୁ ଯାଇଥିବା ଗଞ୍ଜାମ ଥାନା ଅଧିକାରୀ ଭି. ସ୍ୱରୂପ କିଶାନ ଓ ଚମାଖଣ୍ଡି ଅଧିକାରୀ ସିତାଂଶୁ ଶେଖର ମାନ୍ଧାତାଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ ସହ ପୋଲିସ ଗାଡିକୁ ପଥରମାଡ଼ କରି ଭାଙ୍ଗି ଦେଇଛନ୍ତି। ଏପରିକି ଭିଡିଓ ରେକର୍ଡିଂ କରୁଥିବା ବେଳେ ୨ ସାମ୍ବାଦିକଙ୍କ ମୋବାଇଲ ଫୋନ ଛଡାଇ ନେଇ ଉକ୍ତ ଭିଡିଓ ଡିଲିଟ କରିଦେଇଥିଲେ। ପରେ ମୋବାଇଲ ଫୋନ ଫେରାଇ ଦେଇଥିଲେ। ଆନ୍ଦୋଳନକାରୀ ସେଠାରେ ଥିବା ଋଷିକୂଲ୍ୟା ନଦୀରୁ ବ୍ରହ୍ମପୁର ଓ ଛତ୍ରପୁର ସହର ପାଇଁ ଥିବା ଜଳ ଯୋଗାଣ ପ୍ରକଳ୍ପ ୟୁନିଟକୁ ମଧ୍ୟ ବନ୍ଦ କରିଦେଇଥିଲେ। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନଜରରେ ରଖି ଛତ୍ରପୁରରୁ ଅଧିକ ଫୋର୍ସ ପଠାଯାଇଛି। ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଲୋକେ ତାଙ୍କ ଦାବି ପୂରଣ ନେଇ ଅଡ଼ି ବସିବାରୁ ସେ ଫେରି ଯାଇଥିଲେ। ରାତିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ପୋଲିସ ଛାଡି ଦେଇଥିବା ଅଭିଯୁକ୍ତଙ୍କୁ ଗିରଫ କରୁ ବୋଲି ଲୋକେ ଦାବି କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ୯ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ସୂଚନାଯୋଗ୍ୟ, କୃଷ୍ଣଚନ୍ଦ୍ର ଗତ ଶୁକ୍ରବାର ରାତିରେ ଘରକୁ ଫେରିବା ବେଳେ ଏକ ନିରୋଳା ଜାଗାରେ ଭାବୀ ସ୍ତ୍ରୀ ଆରତୀଙ୍କ ସହ ମୋବାଇଲ ଫୋନ ଯୋଗେ କଥା ହେଉଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ଆସି ପଛପଟୁ ଆସି ତାଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ସେ ସମୟରେ ମୋବାଇଲ ଫୋନଟି ତଳେ ପଡ଼ିଯାଇଥିଲା। କଲ୍ ଚାଲୁ ରହିଥିବାରୁ ଆରତୀ ଫୋନ୍‌ରେ କୃଷ୍ଣଚନ୍ଦ୍ର ଏବଂ ଦୁର୍ବୃତ୍ତମାନଙ୍କ କଥା ଶୁଣିଥିଲେ। ତେଣୁ ସେ ତୁରନ୍ତ କୃଷ୍ଣଚନ୍ଦ୍ରଙ୍କ ଭଣଜା ରାକେଶଙ୍କୁ କଲ୍ କରି ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କୃଷ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଆକ୍ରମଣ ବେଳେ କୃଷ୍ଣଚନ୍ଦ୍ରଙ୍କ ଫୋନ କଲ୍‌ର ଭଏସ ରେକର୍ଡିଂ ଚାଲିଥିଲା। ତେଣୁ ଦୁର୍ବୃତ୍ତମାନଙ୍କ ଭଏସ ରେକର୍ଡିଂକୁ ନେଇ ମଧ୍ୟ ପୋଲିସ ତଦନ୍ତ କରୁଥିବା ସୂଚନା ମିଳିଛି।

## ୨୪୮.୫୧ କୋଟିର...

ହୋଇସାରିଛି। ହରଚଣ୍ଡୀ ସାହି, ଦକ୍ଷିଣକାଳୀ ସାହିରେ ଜମି ଚିହ୍ନଟ ସରିଥିବା ବେଳେ ଖୁବ୍‌ଶୀଘ୍ର ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇଛନ୍ତି।

ମୁଖ୍ୟ ପ୍ରଶାସକ କହିଛନ୍ତି, ୨୦୨୨-୨୩ ବର୍ଷର ଶ୍ରୀମନ୍ଦିର ବଜେଟ ଅନୁମୋଦନ ହୋଇଛି। ଏହାବ୍ୟତୀତ ଆଦର୍ଶ ଗୁରୁକୁଳ ରାଜିନାମା ଅନୁଧ୍ୟାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ କରାଯିବ। ଗୁରୁକୁଳ ସବ୍‌କମିଟି କାର୍ଯ୍ୟ ଜାରି ରଖିଛନ୍ତି। ସେବାୟତ ଆବାସ ପାଇଁ ଜମି ଅଧିଗ୍ରହଣକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏହି ବିବାଦକୁ ତୁଟାଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ରଖାଯାଇଛି। ଏଥିସହ ସେବକ କଲ୍ୟାଣ ସବ୍‌କମିଟି ବୈଠକ ମଧ୍ୟ ହୋଇଛି। ସେବକଙ୍କ କଲ୍ୟାଣ ନିମନ୍ତେ ଥିବା ପ୍ରସ୍ତାବକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି। ଅନ୍ୟପକ୍ଷରେ ବୈଠକ ପରେ ଗଜପତି ମହାରାଜା କହିଛନ୍ତି, ୨୨ତାରିଖ ବଜେଟ ବୈଠକରେ କାର୍ଯ୍ୟ ଶେଷ ହୋଇପାରି ନ ଥିଲା। ଏଣୁ ଦ୍ୱିତୀୟ ବୈଠକରେ ବଜେଟ୍ ଅନୁମୋଦିତ ହୋଇଛି। ସେହିଭଳି ପରିଚାଳନା କମିଟିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପରିକ୍ରମା ପ୍ରକଳ୍ପ ଅନୁମୋଦନ ଲାଭ କରିଛି। ଏହାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରିଚାଳନା କମିଟିର ନିବେଦନ ରହିବ ଯେ, ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବେ। ପରିକ୍ରମା ପ୍ରକଳ୍ପ, ଶ୍ରୀମନ୍ଦିର ସୁରକ୍ଷା, ସୌନ୍ଦର୍ଯ୍ୟକରଣ, ଭକ୍ତଙ୍କ ସୁବିଧା ସହ ଏହି ପୀଠକୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଉତ୍ତମ ଭାବେ ସ୍ଥାପନ କରାଯିବା ନିତାନ୍ତ ଆବଶ୍ୟକ। ଏଣୁ ଏହି କାର୍ଯ୍ୟ କିଭଳି ସୁପରିଚାଳିତ ହେବ ସେନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଧ୍ୟାନ ଦିଅନ୍ତୁ। ପରିଚାଳନା କମିଟିର ଭାବନା ହେଉଛି ମହାପ୍ରଭୁଙ୍କ କାମ ଆମ ସମସ୍ତଙ୍କ କାମ। ଏହା କୌଣସି ଦଳ କିମ୍ବା ବ୍ୟକ୍ତିର କାମ ନୁହେଁ। ଏହା ସମଗ୍ର ବିଶ୍ୱର ସବୁ ଜଗନ୍ନାଥପ୍ରେମୀଙ୍କ କାର୍ଯ୍ୟ। ଏଣୁ ତାଙ୍କ କାର୍ଯ୍ୟରେ ସମସ୍ୟା ରହିଲେ, ଏହାର ସମାଧାନ ଦିଗରେ ଚିନ୍ତା କରିବା ଦରକାର। ଆନ୍ଦୋଳନ କିମ୍ବା ବିକ୍ଷୋଭ କରି ଏହାର ସମାଧାନ କରାଯାଇପାରିବ ନାହିଁ। ସେହିଭଳି ଶ୍ରୀମନ୍ଦିର ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି ବୋଲି ଗଜପତି ମହାରାଜା କହିଛନ୍ତି। ଏହି ବୈଠକରେ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପରିଚାଳନା କମିଟି ସଦସ୍ୟ, ଏସ୍‌ପି କନୱର ବିଶାଲ ସିଂ, ଦେବୋତ୍ତର କମିଶନ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦିନଟିରେ ସ୍ୱାସ୍ଥ୍ୟ ଓ ମନ ଭଲ ରହିବ। ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ମନ ଭିତରର ସବୁ ଦୁଃଖକୁ ସାମୟିକ ଭାବରେ ଭୁଲେଇଦେବ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଦିନଟିକୁ ବ୍ୟସ୍ତତା ଭିତରେ ଅତିବାହିତ କରାଇବ। ପୂର୍ବାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂରହେବ। ସଭାସମିତି, କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ। ପାରିବାରିକ ଜୀବନ କେତେକାଂଶରେ ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ଆଜି ଆର୍ଥିକ,ସାମାଜିକ ଓ କର୍ମକ୍ଷେତ୍ର ସକାଶେ ଦିନଟି ଶୁଭଙ୍କରୀ ହେବ। ମଧୁର ବ୍ୟବହାର,ସୌଜନ ଓ ସୌହାର୍ଦ୍ଦ୍ୟ ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ସକାଳୁ ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇ ପଡ଼ିବେ। ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ**
ଆଜି ଆପଣ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତି ଲାଭ କରିବ।

**ସିଂହ**
କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ପଛେଇ ରହିବେ। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଅସ୍ଥିର କରି ରଖିପାରେ। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡ଼ିବ ନାହିଁ। ତଥାପି ପ୍ରତ୍ୟେକ କଥାକୁ ପଛକୁ ପକାଇ ପାରିବାରିକ କ୍ଷେତ୍ରକୁ ପୂର୍ବବତ୍ ସୁସ୍ଥ ରଖିପାରିବେ।

**କନ୍ୟା**
କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣକରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ମିତବ୍ୟୟିତା ଗୁଣ ଅବଲମ୍ବନ କରି ଅନାବଶ୍ୟକ ଜିନିଷଠାରୁ ଦୂରେଇ ରହିବାକୁ ପସନ୍ଦ କରିବେ। ପାରିବାରିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ରହିଲେ ମଧ୍ୟ ଗୁରୁତର ହେବ ନାହିଁ। ସମ୍ପର୍କୀୟମାନେ ଆଗରେ କିଛି ନ କହିଲେ ମଧ୍ୟ ପଛରେ ଶ୍ରୁତିକଟୁ କଥା କହିପାରନ୍ତି।

**ତୁଳା**
ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିପାରେ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ଦୂରେଇ ରହିବ। କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ପ୍ରବଚନ କାର୍ଯ୍ୟକ୍ରମ, ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ।

**ବିଛା**
ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ମନର ଦୁଃଖକୁ ମନ ଭିତରେ ଲୁଚାଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡ଼ିପାରନ୍ତି।

**ଧନୁ**
ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ, ଅବିଶ୍ୱାସ ଓ ଭୁଲ୍ ବୁଝାମଣା ହେତୁକ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିପାରେ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରା,ନୂତନ କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ଭଲ ରହିବ। ଦିନଟିରେ ଉଚ୍ଚଚିନ୍ତା କରିବେ ଏବଂ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧା ପାଇପାରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ**
ପାରିବାରିକ ଓ କର୍ମକ୍ଷେତ୍ର ସୁନ୍ଦର ଓ ସାବଲୀଳ ହେବ। ଦୀର୍ଘଦିନରୁ ଚିନ୍ତାକରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ, କିମ୍ବା ଧାତୁ ଅଳଙ୍କାରାଦି କ୍ରୟ ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ। ପକ୍ଷପାତିତାକୁ ଆଧାରକରି କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ**
ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥା ବିଜ୍ଞବ୍ୟକ୍ତିମାନଙ୍କ ଦ୍ୱାରା ଗ୍ରହଣୀୟ ହେବ। ଅନ୍ୟ ଦ୍ୱାରା ପ୍ରଭାବିତହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ସଭାସମିତି, ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

“ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ଭୂତଳ ନୁହେଁ, ଭୂପୃଷ୍ଠ

ପୃଥିବୀକୁ ନୀଳ ଗ୍ରହର ଆଖ୍ୟା ଦିଆଯାଇଛି। କାରଣ ଭୂପୃଷ୍ଠରେ ନୀଳ ସାଗର ବହିବା ସହ ଏହା ୭୧ ପ୍ରତିଶତ ଜଳଧାରଣ କରିଛି। ଅନ୍ୟପକ୍ଷରେ ଦିନକୁ ଦିନ ଏହାର ଗ୍ରାଉଣ୍ଡ୍ ୱାଟର ବା ଭୂତଳ ଜଳସ୍ତର ବିଭିନ୍ନ କାରଣରୁ କମିକମି ଯାଉଛି। ପ୍ରାଣୀ ଓ ଉଦ୍ଭିଦଜଗତ ତିଷ୍ଠି ରହିବା ସକାଶେ ମଧୁର ଜଳର ଯଥେଷ୍ଟ ଆବଶ୍ୟକତା ରହିଛି। ନଦୀ ଏବଂ ଭୂତଳରୁ ସେହି ମିଠା ପାଣିତକ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଭାରତ କଥା ଦେଖିଲେ ଜଳଶକ୍ତି ମନ୍ତ୍ରଣାଳୟରୁ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୦୪ରୁ ୨୦୨୦ ମଧ୍ୟରେ ଦେଶର ୫ଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ ଓ କେରଳ ସର୍ବାଧିକ ୪୯ ପ୍ରତିଶତରୁ ଅଧିକ ଭୂତଳ ଜଳ ଖର୍ଚ୍ଚ କରିଛନ୍ତି। ଗ୍ରାଉଣ୍ଡ ୱାଟର ଶୋଷିବାରେ ଦିଲ୍ଲୀ, ହରିୟାଣା ଓ ପଞ୍ଜାବ ମଧ୍ୟ ଆଗରେ ଅଛନ୍ତି। ଦେଖିବାକୁ ଗଲେ ଆଲୋଚିତ ରାଜ୍ୟଗୁଡ଼ିକରେ ଶିଳ୍ପ ବହୁଳ ପରିମାଣର ଜଳ ଭୂତଳରୁ ଟାଣି ନେଉଥିବାରୁ ଏଭଳି ସଙ୍କଟ ଦେଖାଦେଉଛି। ମଣିଷ ଜୀବନ ଧାରଣ କରିବା ହେଉ ବା କୃଷି କାର୍ଯ୍ୟ ଲାଗି ବ୍ୟବହୃତ ଭୂତଳ ଜଳ ପରିମାଣ ଶିଳ୍ପ ବ୍ୟବହାରଠାରୁ ବହୁଗୁଣରେ କମ୍ ରହି ଆସିଛି। ଶିଳ୍ପ ଦ୍ୱାରା ବ୍ୟବହୃତ ଜଳ ରସାୟନଯୁକ୍ତ ହୋଇଯାଉଥିବାରୁ ତାହା ଭୂତଳ ପ୍ରବେଶ ଦିଗରେ ଅନ୍ତରାୟ ସୃଷ୍ଟି କରିଥାଏ। ଅନ୍ୟପକ୍ଷରେ କୃଷି କାର୍ଯ୍ୟ ଲାଗି ବିନିଯୋଗ ହେଉଥିବା ପାଣି ରିସାଇକ୍ଲିଂ ବା ପୁନଃ ବ୍ୟହହାରଯୋଗ୍ୟ ହୋଇପାରିଥାଏ।

ଏହା ଜଣାଶୁଣା ଯେ ଜୈବଶୃଙ୍ଖଳକୁ ବଜାୟ ରଖିବା ଦିଗରେ ଭୂତଳ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ପରିବେଶ ବ୍ୟବସ୍ଥାକୁ ସହାୟକ ହୋଇଥିବା ବେଳେ ନଦୀର ପ୍ରବାହକୁ ଏକ ଭଲ ସ୍ଥିତିରେ ରଖିଥାଏ। ମଣିଷ ଆବଶ୍ୟକତାଠାରୁ ଅଧିକ ଜଳ ଖର୍ଚ୍ଚ କରି ଦେଉଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେବେ ଯେଉଁଭଳି ହାରରେ ଭୂତଳ ଜଳକୁ ଉପଯୋଗ କରାଯାଉଛି, ସେହି ଅନୁଯାୟୀ ଏହି ଜଳ ସେହି ପରିମାଣରେ ମାଟି ତଳକୁ ଯାଇପାରୁ ନାହିଁ। ଏ ଦିଗରେ ଅନିୟମିତ ମୌସୁମୀ ଓ ଜଙ୍ଗଲକ୍ଷୟ ମଧ୍ୟ ବହୁ ମାତ୍ରାରେ ଦାୟୀ। ସମସ୍ତେ ଜାଣନ୍ତି ଯେ, ଶିଳ୍ପକରଣ ଓ ସହରୀକରଣ ଯୋଗୁ ପ୍ରତି ମୁହୂର୍ତ୍ତରେ ଅସଂଖ୍ୟ ଗଛ କଟାଯାଉଛି। ଗଛ ବର୍ଷା ଆଣିବାରେ ବିଶେଷ ସହାୟକ ହୋଇଥାଏ। ଯେତେବେଳେ ଏହାର ସଂଖ୍ୟା କମିଯାଉଛି ପ୍ରକୃତିର ନିୟମରେ ପରିବର୍ତ୍ତନ ଦେଖାଦେଉଛି। କମ୍ ବର୍ଷା ହେଉଥିବାରୁ ଭୂତଳକୁ ପର୍ଯ୍ୟାପ୍ତ ଜଳ ପ୍ରବେଶ କରିପାରୁ ନାହିଁ। ଏଥିସହିତ ଲୋକଙ୍କ କାର୍ଯ୍ୟକଳାପ ଯୋଗୁ ଭୂତଳ ଜଳ ନଷ୍ଟ ହୋଇଚାଲିଛି। ଚାଷ କାର୍ଯ୍ୟ ପାଇଁ ବୁନ୍ଦା ଜଳସେଚନ ଉପରେ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏଥିଲାଗି ଲୋକଙ୍କ ମଧ୍ୟରେ ସ୍ପୃହା ଜନ୍ମୁ ନାହିଁ। ତାହାର ମୁଖ୍ୟ କାରଣ ହୋଇଥାଇପାରେ ବୁନ୍ଦା ଜଳସେଚନର ଭିତ୍ତିଭୂମି ଲାଗି ଅଧିକ ଖର୍ଚ୍ଚ ଦରକାର ପଡୁଛି। ଫଳରେ ଚାଷୀମାନେ ନିଜ ଜମିରେ ଟ୍ୟୁବ୍‌ୱେଲ ବସାଇ ମନ ମୁତାବକ ଜଳ ବ୍ୟବହାର କରୁଛନ୍ତି।

> **ଅତ୍ୟଧିକ ଜଳ ବ୍ୟବହାର କରୁଥିବା ଶିଳ୍ପଗୁଡ଼ିକୁ ଭୂତଳ ଜଳ ବ୍ୟବହାର କରିବାକୁ କୌଣସି ଅନୁମତି ମିଳିବା ଉଚିତ ନୁହେଁ। ସେମାନଙ୍କର ଜଳ ଚାହିଦା ମେଣ୍ଟାଇବା ପାଇଁ ପ୍ରୋଜେକ୍ଟ ରିପୋର୍ଟରେ ଖର୍ଚ୍ଚର ବ୍ୟବସ୍ଥା କରି ‘ପିଆନୋ କି’ ଢାଞ୍ଚାରେ ନିକଟତମ ନଦୀରେ ବନ୍ଧ ବାନ୍ଧି ଜଳ ନେବାର ବ୍ୟବସ୍ଥା କରାଯିବା ଦରକାର।**

ଆଜି ସ୍ଥିତି ଏମିତି ହୋଇଯାଇଛି ଯେ, ଏକ ଭଲ କାର୍ଯ୍ୟ ବା ପଦକ୍ଷେପକୁ ସହଜରେ ଗ୍ରହଣ କରିବା ଲାଗି କେହି ଆଗଭର ହେଉନାହାନ୍ତି। ଅନେକେ ଭାବୁଛନ୍ତି ‘ନିଜେ ବଞ୍ଚିଲେ ବାପର ନାଁ’। ଏଭଳି ଧାରଣା ରଖୁଥିବା ବ୍ୟକ୍ତିମାନେ ବୁଝୁ ନାହାନ୍ତି ଯେ ସେମାନେ ଯେଉଁ ଭୁଲ କରୁଛନ୍ତି, ଅନ୍ୟମାନେ ମଧ୍ୟ ଅନୁରୂପ ତ୍ରୁଟି କରୁଛନ୍ତି। କାହାରିକୁ ଜଳ ଅପବ୍ୟବହାର ନେଇ ସୂଚାଇ ଦିଆଗଲେ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳେନାହିଁ।

ସମସ୍ୟା ସମସ୍ତେ ବୁଝୁଛନ୍ତି। ପ୍ରତିକାର ପାଇଁ କେହି ପ୍ରସ୍ତୁତ ନୁହନ୍ତି। ଉଦାହରଣ ସ୍ୱରୂପ, ଓଡ଼ିଶାରେ ଗଢ଼ିଉଠୁଥିବା ଖଣିଭିତ୍ତିକ ଅନେକ କଳକାରଖାନା ପ୍ରବଳ ପରିମାଣର ଜଳ ବ୍ୟବହାର କରିଥାନ୍ତି। ନିକଟତମ ନଦୀ କିମ୍ବା ଜଳଭଣ୍ଡାରରୁ ସହଜରେ ପାଇପ୍ ପକାଇ ଜଳ ଶୋଷିବାର ମନ୍ଦ ଉଦ୍ଦେଶ୍ୟ ସବୁ କାରଖାନାରେ ଦେଖିବାକୁ ମିଳେ। ସରକାରଙ୍କ ଜଳସମ୍ପଦ ବିଭାଗ ଏହି ଲୋଭକୁ ଅତି ସହଜରେ ସ୍ୱୀକାର କରିଯାଇଥାଏ। ଅତ୍ୟଧିକ ମାତ୍ରାର ଜଳ ବ୍ୟବହାର କରୁଥିବା ଶିଳ୍ପଗୁଡ଼ିକୁ ଭୂତଳ ଜଳ ବ୍ୟବହାର କରିବାକୁ କୌଣସି ଅନୁମତି ମିଳିବା ଉଚିତ ନୁହେଁ। ତତ୍‌ସହିତ ସେମାନଙ୍କର ଜଳ ଚାହିଦା ମେଣ୍ଟାଇବା ପାଇଁ ପ୍ରୋଜେକ୍ଟ ରିପୋର୍ଟରେ ଖର୍ଚ୍ଚର ବ୍ୟବସ୍ଥା କରି ‘ପିଆନୋ କି’ ଢାଞ୍ଚାରେ ନିକଟତମ ନଦୀରେ ବନ୍ଧ ବାନ୍ଧି ଜଳ ନେବାର ବ୍ୟବସ୍ଥା କରାଯିବା ଦରକାର। ବର୍ଷା ଋତୁର ଜଳ ସମୁଦ୍ରରେ ମିଶିଯାଇ ନଷ୍ଟ ହୋଇଯାଉଥିବା ସତ୍ତ୍ୱେ ତାହାକୁ ବିଭିନ୍ନ ସ୍ଥାନରେ ଅଟକାଇ ବ୍ୟବହାର କରିବାର କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ଭୂତଳ ଜଳ ସଙ୍କଟ ଉପୁଜୁଛି। ଓଡ଼ିଶା ଭଳି ରାଜ୍ୟ ପାଇଁ ଏହି ଦିଗରେ ଶୀଘ୍ର ଚିନ୍ତା କରି ଭିନ୍ନ ଧରଣର ପଦକ୍ଷେପ ନେବାର ସମୟ ଆସିଲାଣି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | | | | |
| | 2 | 1 | | | | | | |
| 5 | | | | | | | 7 | |
| | | 9 | | 8 | 7 | | | |
| | | 3 | 9 | 5 | | 6 | | |
| | | | | 4 | | | | 3 |
| 9 | 5 | | | | | | | 7 |
| | | 2 | | | 8 | | | 6 |
| | 6 | | | | | 4 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 5 | 1 | 8 | 4 | 6 | 9 | 3 |
| 3 | 4 | 8 | 5 | 9 | 6 | 2 | 7 | 1 |
| 6 | 1 | 9 | 3 | 7 | 2 | 8 | 4 | 5 |
| 5 | 9 | 7 | 2 | 6 | 8 | 3 | 1 | 4 |
| 4 | 3 | 6 | 7 | 5 | 1 | 9 | 8 | 2 |
| 1 | 8 | 2 | 4 | 3 | 9 | 5 | 6 | 7 |
| 8 | 5 | 1 | 6 | 4 | 3 | 7 | 2 | 9 |
| 9 | 7 | 4 | 8 | 2 | 5 | 1 | 3 | 6 |
| 2 | 6 | 3 | 9 | 1 | 7 | 4 | 5 | 8 |

ଗତକାଲିର ଉତ୍ତର

# ପଡ଼ୋଶୀ ଦେଶରୁ ଶିକ୍ଷା



ରଶ୍ମିରଞ୍ଜନ ରାଉତ

ଭାରତର ୩ଟି ନିକଟତମ ପଡ଼ୋଶୀ ଦେଶ ଶ୍ରୀଲଙ୍କା, ପାକିସ୍ତାନ ଓ ନେପାଳରେ ଆର୍ଥିକ ସଙ୍କଟ ଏବେ ଚରମ ସୀମାରେ। ଏହା ମଧ୍ୟରେ ଶ୍ରୀଲଙ୍କା ନିଜକୁ ଦେବାଳିଆ ଘୋଷଣା କରିସାରିଥିବାବେଳେ ପାକିସ୍ତାନର ନେତୃତ୍ୱରେ ପରିବର୍ତ୍ତନ ଘଟିସାରିଛି। ଏହା ସହ ନେପାଳ ମଧ୍ୟ ଏହି ଉଗ୍ର ସଙ୍କଟକୁ ଅତି ନିକଟରୁ ସାମ୍ନା କରୁଛି। ଆର୍ଥିକ ପରିଚାଳନାରେ ତ୍ରୁଟି ଓ ଅତ୍ୟଧିକ ଋଣଭାର ଏହି ୩ ରାଷ୍ଟ୍ରରେ ଉପୁଜିଥିବା ସଙ୍କଟର ମୂଳ କାରଣ ବୋଲି ବିଚାର କରାଯାଉଛି। ତେବେ ପଡ଼ୋଶୀ ଦେଶଗୁଡ଼ିକରେ ଉପୁଜିଥିବା ଦୟନୀୟ ସ୍ଥିତିରୁ ଭାରତ ଶିକ୍ଷା କରିବାର ଆବଶ୍ୟକତା ରହିଛି। ପଡ଼ୋଶୀ ଦେଶଗୁଡ଼ିକର ଏ କୁପରିଣତି ପାଇଁ ଏକାଧିକ କାରଣ ଥିଲେ ହେଁ ସବୁଠାରୁ ବଡ଼ କାରଣ ହେଉଛି ବ୍ୟାପକ ଋଣ।

ଶ୍ରୀଲଙ୍କା ସରକାର ଚାଇନାକୁ ଅନୁସରଣ କରିବାକୁ ଯାଇ ଉଚ୍ଚ ଦରରେ ଋଣ ଆଣି ଭିତ୍ତିଭୂମିର ବିକାଶ କରିବାକୁ ଚିନ୍ତା କରିଥିଲେ; ମାତ୍ର ଏଥିରେ ଦୁର୍ନୀତି, ଦୂରଦୃଷ୍ଟିର ଅଭାବ, ରାଜନୈତିକ ହସ୍ତକ୍ଷେପ ଏବଂ କୁପରିଚାଳନା ଏତେ କ୍ଷତି କଲା ଯେ ଶ୍ରୀଲଙ୍କା ଆଉ ଋଣ ଯନ୍ତାରୁ ମୁକୁଳିପାରିଲାନି। ଯଦି ଏହି ପ୍ରମୁଖ କାରଣରୁ ଶ୍ରୀଲଙ୍କା ବରବାଦ ତେବେ ଏହି ବ୍ୟାପକ ଋଣ ନୀତି ଯେ ଦିନେ ଭାରତକୁ ଘଡ଼ିସନ୍ଧି ମୁହୂର୍ତ୍ତରେ ଠିଆ ନ କରେଇବ ତାହା ନିଃସନ୍ଦେହ। ଭାରତର ଋଣ ବୋଝ ଯଥେଷ୍ଟ ବୃଦ୍ଧି ପାଇ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି ବୋଲି କେତେକେ ଅର୍ଥନୀତିଜ୍ଞ ଓ ବିଦେଶୀ କ୍ରେଡିଟ୍ ରେଟିଙ୍ଗ୍ ସଂସ୍ଥା ଆକଳନ କଲେଣି। ସ୍ଥିତି ଏପରି ହେଲାଣି ଯେ, ସରକାରଙ୍କର ଋଣ ବୋଝ ବୃଦ୍ଧି ପାଇ ୧୨୮.୪୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିସାରିଲାଣି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ରିପୋର୍ଟରେ ଏ ବାବଦରେ ସ୍ପଷ୍ଟ କରାଯାଇଛି। ତେବେ ଏହି କ୍ରମରେ ଦେଶର ପ୍ରତ୍ୟେକ ନାଗରିକଙ୍କ ମୁଣ୍ଡ ପିଛା ଋଣ ୯୮,୭୭୬ ଟଙ୍କା ଛୁଇଁଲାଣି। ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ ୨୦୧୪ ସୁଦ୍ଧା ସରକାରଙ୍କ ସମୁଦାୟ ଋଣର ପରିମାଣ ଥିଲା ୫୦.୬୯ ଲକ୍ଷ କୋଟି ଟଙ୍କା। ଅର୍ଥାତ୍ ଏହି ୮ ବର୍ଷ ଭିତରେ କେନ୍ଦ୍ର ସରକାରଙ୍କ ସମୁଦାୟ ଋଣ ଦୁଇ ଗୁଣରୁ ଅଧିକ ହୋଇଗଲାଣି।

ମାର୍ଚ୍ଚ ୨୦୨୧ରେ କେନ୍ଦ୍ର ସରକାରଙ୍କ ଋଣ ବୋଝ ପ୍ରଥମ ଥର ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୬୦.୫ ପ୍ରତିଶତ ହୋଇଥିଲା, ଯାହା ପୂର୍ବ ବର୍ଷ ୫୧.୬ ପ୍ରତିଶତ ଥିଲା। ଏହାରି ମଧ୍ୟରେ ସମୁଦାୟ ସରକାରୀ ଋଣ (କେନ୍ଦ୍ର ଓ ରାଜ୍ୟ ମିଶି) ଜିଡିପିର ୯୦ ପ୍ରତିଶତରୁ ଅଧିକ ହେଲାଣି, ଫଳରେ ଭାରତ, ବ୍ରାଜିଲ ଓ ଆର୍ଜେଣ୍ଟିନା ପଛକୁ ସବୁଠାରୁ ଅଧିକ ଋଣଗ୍ରସ୍ତ ବିକାଶଶୀଳ ଦେଶରେ ପରିଣତ ହୋଇଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଭାରତର ଏହି ଉଚ୍ଚ ଋଣ-ଜିଡିପି ପ୍ରତିଶତ କମ୍ ହେବା ବଦଳରେ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକବର୍ଷ ଶେଷସୁଦ୍ଧା ୯୨ ପ୍ରତିଶତରେ ପହଞ୍ଚିପାରେ। ପୂର୍ବରୁ ଭାରତର ସର୍ବୋଚ୍ଚ ଋଣ-ଜିଡିପି ପ୍ରତିଶତ ୨୦୦୩ରେ ୮୪ ପ୍ରତିଶତ ହୋଇଥିଲା, ଯାହାକୁ କମ୍ କରି ୬୬ ପ୍ରତିଶତରେ ପହଞ୍ଚାଇବାକୁ ୭ ବର୍ଷ ଲାଗିଯାଇଥିଲା।



ଯଦି ପଡ଼ୋଶୀ ଶ୍ରୀଲଙ୍କାର ଋଣର ସୀମାକୁ ଆକଳନ କରିବା ତେବେ ଶ୍ରୀଲଙ୍କା ବିଦେଶ ଓ ବିଭିନ୍ନ ସୂତ୍ରରୁ ଆଣିଥିବା ୫ ବିଲିୟନ୍ ଡଲାର ଋଣ ଆଣି ଶୁଝିବାରେ ଅସମର୍ଥ ହେବାରୁ ସରକାର ଦେଶକୁ ଦେବାଳିଆ ଘୋଷଣା କରିସାରିଛନ୍ତି। ଦେଶରେ ଖାଦ୍ୟ, ଇନ୍ଧନ ଆଦି ଆବଶ୍ୟକତା ପୂରଣ ନିମନ୍ତେ ବାହାରୁ ଅଧିକ ଋଣ ଆଣିବା ଉପରେ ପୂର୍ବରୁ ଇଣ୍ଟରନ୍ୟାଶନାଲ ରେଟିଂ ଏଜେନ୍ସିଗୁଡ଼ିକ ଶ୍ରୀଲଙ୍କା ଉପରେ କଟକଣା ଲଗାଇଥିଲେ। ଗତ ମାର୍ଚ୍ଚ ଶେଷସୁଦ୍ଧା ଶ୍ରୀଲଙ୍କା ନିକଟରେ ମାତ୍ର ୧.୯ ବିଲିୟନ ଡଲାର ଥିବାବେଳେ ଏହି ଦେଶକୁ ଚଳିତବର୍ଷ ପାଖାପାଖି ୭ ବିଲିଅନ୍ ଡଲାର ଶୁଝିବାକୁ ଥିଲା, କିନ୍ତୁ ଦେଶ ଏହାକୁ ଗୁରୁତ୍ୱ ନ ଦେଇ ମାଗଣା ଯୋଜନାକୁ ବ୍ୟାପକ କରିଥିଲା। ଫଳସ୍ୱରୂପ ଶ୍ରୀଲଙ୍କା ଆଉ ଋଣ ଶୁଝିବାରେ ସକ୍ଷମ ହୋଇପାରିଲା ନାହିଁ। ସେଠାକାର ସରକାରଙ୍କ ଭୁଲ୍ ପରିଚାଳନା ପାଇଁ ପ୍ରାୟ ୨.୨ କୋଟି ଲୋକ ଏବେ ଉତ୍କଟ ସମସ୍ୟା ଭିତରେ ଦିନ କାଟୁଛନ୍ତି।

ସେହିପରି ପାକିସ୍ତାନର ଋଣବୋଝ ମଧ୍ୟ ବଢ଼ି ବଢ଼ି ଚାଲିଛି। ଦେଶର ମୋଟ ଋଣ ଓ ଅନ୍ୟାନ୍ୟ ଦେୟ ଏବେ ୫୦.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିସାରିଛି। ଏହି ରାଶି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ଠାରୁ ଢେର ଅଧିକ। ଦେଶର ଋଣବୋଝ ଅଧିକ ମାତ୍ରାରେ ବଢ଼ି ଥିବାବେଳେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏହାକୁ ଆଉ ଋଣ ଦେବାକୁ ବାରଣ କରିଛି। ଷ୍ଟେଟ ବ୍ୟାଙ୍କ ଅଫ୍ ପାକିସ୍ତାନ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୫୦.୫ ଲକ୍ଷ କୋଟି ଟଙ୍କାର ମୋଟ ଋଣ ମଧ୍ୟରୁ ୨୦.୭ ଲକ୍ଷ କୋଟି ଟଙ୍କାର ଋଣ କେବଳ ଇମ୍ରାନ ସରକାରଙ୍କ ଅମଳରେ ହିଁ ହୋଇଛି। ୨୦୧୮ ଜୁନ୍‌ରେ ପାକିସ୍ତାନରେ ମୁଣ୍ଡପିଛା ଋଣ ୧ ଲକ୍ଷ ୪୪ ହଜାର ଟଙ୍କା ରହିଥିଲା ବେଳେ ୨୦୨୧ ସେପ୍ଟେମ୍ବର ବେଳକୁ ଏହା ୨ ଲକ୍ଷ ୩୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଅନ୍ୟପଟରେ ଏବେ ନେପାଳରେ ଜାତୀୟ ଆୟ ୧୬.୨ ପ୍ରତିଶତ ହ୍ରାସ ପାଇଛି। ଦେଶର ବୃହତ୍ ଆମଦାନୀ ଅର୍ଥକୁ ନେଇ ନେପାଳ ମୁଣ୍ଡରେ ହାତ ଦେଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଥମଥର ପାଇଁ ନେପାଳର ଆମଦାନୀ ଅର୍ଥ ଏକ ଟ୍ରିଲିୟନ ଅତିକ୍ରମ କରିଥିବା ସ୍ଥଳେ ବର୍ତ୍ତମାନ ଦେଶର ବାଣିଜ୍ୟରେ ୧.୧୬ ଟ୍ରିଲିୟନ ହ୍ରାସ ପାଇଛି। ଏପରି ବିଷମ ପରିସ୍ଥିତିରେ ଚଳିତ ଆର୍ଥିକବର୍ଷର ପ୍ରଥମ ୬ମାସରେ ଦେଶକୁ ଆମଦାନୀ ଋଣ ଶୁଝିବାକୁ ପଡ଼ିବ। ଯଦି ଏପରି ନ ହୁଏ ତେବେ ନେପାଳର ସ୍ଥିତି ମଧ୍ୟ ଶ୍ରୀଲଙ୍କା ସଙ୍କଟକୁ ବଳିଯାଇପାରେ। ଏହି ପୃଷ୍ଠଭୂମିରେ ଆମ ଦେଶର ଆର୍ଥିକ ଦୁଃସ୍ଥିତି ସମୟରେ ଋଣ ବୋଝକୁ ସମ୍ପୂର୍ଣ୍ଣ ଅଣଦେଖା କରି ନ ହେବା ହୃଦ୍‌ବୋଧ କରି ବିଭିନ୍ନ ମନ୍ତ୍ରଣାଳୟର ଶାସନ ସଚିବମାନେ ନିକଟ ଅତୀତରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ବୈଠକ କରିଥିଲେ। ଏହି ବୈଠକରେ ସଚିବମାନେ ଦେଶରେ ପ୍ରଚଳିତ ମାଗଣା ଯୋଜନା ନେଇ ଖୋଲାଖୋଲି ମତ ବିନିମୟ କରିଥିଲେ। ସଚିବମାନେ ପ୍ରଧାନମନ୍ତ୍ରୀଙ୍କୁ ସ୍ପଷ୍ଟ କରିଦେଇଛନ୍ତି ଯେ, ଦେଶର ଅନେକ ରାଜ୍ୟରେ ଆର୍ଥିକସ୍ଥିତି ଏବେ ତଳମୁହାଁ ହେବାରେ ଲାଗିଛି। ଭୋଟରମାନଙ୍କ ମନ ଜିଣିବା ଲାଗି ମାଗଣା ସେବାକୁ ଅଗ୍ରାଧିକାର ଦିଆଯାଉଥିବାରୁ ଆଗକୁ ଆର୍ଥିକସ୍ଥିତି ଜଟିଳ ହେବାର ସମ୍ଭାବନା ସୃଷ୍ଟି କରୁଛି। ଯଦି ଏହାକୁ ରୋକା ନ ଯାଏ ତେବେ ରାଜ୍ୟଗୁଡ଼ିକର ଆର୍ଥିକସ୍ଥିତି ଖୁବ୍ ଖରାପ ହୋଇଯିବ। ରାଜ୍ୟ ସରକାରମାନେ କୌଣସି ଲୋଭନୀୟ ଘୋଷଣା କରିବା ସମୟରେ ରାଜକୋଷର ସ୍ଥିତି ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ସର୍ବୋପରି ପଡ଼ୋଶୀଙ୍କ ଏପରି ସ୍ଥିତିର ଅନୁଧ୍ୟାନପୂର୍ବକ ଆମକୁ ଏବେଠୁ ଆମର ଅର୍ଥନୀତି ପାଇଁ ନୀଳନକ୍ସା ଆଙ୍କି ତାହାର ଅନୁଶୀଳନ କରିବାକୁ ପଡ଼ିବ।

**୨୪ ପ୍ରହରୀ ମଣ୍ଡପ, ଭଦ୍ରକ**
**ମୋ:୭୮୦୯୦୩୭୬୦୮**

# ଅସହାୟ ଜୀବନ ଓ ଦିଗହରା ରାଜନୀତି

ବ୍ରଜକିଶୋର ଦାସ

ଓଡ଼ିଶା ଏକ ପ୍ରାକୃତିକ ଦୁର୍ବିପାକର ରାଜ୍ୟ। ବର୍ଷ ବର୍ଷ ଧରି ବନ୍ୟା, ବାତ୍ୟା, ମରୁଡ଼ି ସବୁବେଳେ ଜନସାଧାରଣଙ୍କୁ ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦିଏ। ଏଠି ବସବାସ କରୁଥିବା ଅଧିକାଂଶ ମଣିଷ ଶ୍ରମଜୀବୀ, ଆଦିବାସୀ, ଗରିବ ଓ ନାମମାତ୍ର ଚାଷୀ। ଉନ୍ନତମାନର ଜୀବନ ଜିଇବାର କୌଶଳ ଏମାନଙ୍କୁ ଜଣାନାହିଁ। ପ୍ରତିବାଦ କରି ଶିଖିନାହାନ୍ତି। ପ୍ରତାରଣାରେ ଶଢୁଥାନ୍ତି। ପ୍ରାୟତଃ ପ୍ରଦେଶର ୭୦ଭାଗ ଖଟିଖିଆ ଦିନ ମଜୁରିଆଙ୍କୁ ନିଯୁକ୍ତି ଦେଲା ଭଳି ଉଚ୍ଚମାନର କଳକାରଖାନା, କମ୍ପାନୀ ଓଡ଼ିଶାରେ ନାହିଁ। କୁଟୀରଶିଳ୍ପ, କ୍ଷୁଦ୍ର, ମଧ୍ୟମଶିଳ୍ପ ଯାହା ଅଛି ମୃତ ଅବସ୍ଥାରେ। ସେଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାରଙ୍କ ପାଖରେ ନିର୍ଦ୍ଦିଷ୍ଟ ଯୋଜନା ନାହିଁ। ଯିଏ ଭାଙ୍ଗିଗଲା ସିଏ ଜରାଜୀର୍ଣ୍ଣ ହୋଇ ମାଟିରେ ମିଶିଲା। ତା'ପାଇଁ ଖର୍ଚ୍ଚ ହୋଇଥିବା ରାଜକୋଷର ସମ୍ବଳ ଜୁବିଗଲା। ଖଣି, ଖାଦାନ, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟରେ ଭରପୂର ଓଡ଼ିଶାରୁ ଖଣିଜ ପଦାର୍ଥ ଓ କଞ୍ଚାମାଲ ଚାଲାଣ ହୁଏ ବାହାରକୁ। କିଛି ପରିମାଣରେ ମଧ୍ୟ ଚୋରି ହୁଏ ମାଫିଆ ଓ କଳାବଜାରକାରୀଙ୍କ ହାତରେ। ସେହିସବୁ କଞ୍ଚାମାଲ ଓ ଖଣିଜ ପଦାର୍ଥ ବିନିଯୋଗକରି ଓଡ଼ିଶାରେ କଳକାରଖାନା ଗଢ଼ା ହୁଏନାହିଁ କିମ୍ବା ଗଢ଼ା ହେବାର ସ୍ୱପ୍ନ କୌଣସି ଉଚ୍ଚ ରାଜନେତାଙ୍କ ମୁଣ୍ଡରେ ଜୁଟେ ନାହିଁ। ଦଳ ନାମରେ ରାଜ୍ୟରେ ଖାଲି ବାଇଦ ବାଜା ବାଜେ। କୋଟି କୋଟି ଟଙ୍କାର ପ୍ରକଳ୍ପ ଖାଲି ଘୋଷଣାରେ ସୀମିତ ରହେ। ବୈଷୟିକ ବିଦ୍ୟାବୁଦ୍ଧି ଓଡ଼ିଶାରେ ସମ୍ପୂର୍ଣ୍ଣ ଅଚଳ। ଫୁଚ୍ଛା ସ୍ଲୋଗାନ। ଲୋକଦେଖାଣିଆ ବୋବାଳି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶା ମିଥ୍ୟା ବିକାଶ ନାମରେ ବିକଳାଙ୍ଗ ଓ ବିବର୍ଣ୍ଣ। ପ୍ରାକୃତିକ ସମ୍ପଦକୁ ଶାଗମାଛ ମୂଲ୍ୟରେ ଧ୍ୱଂସ କରାଯାଉଛି। ପ୍ରଗତି ନାମରେ ପ୍ରଳାପ ଚାଲିଛି। ଦରିଦ୍ର୍ୟ ଶ୍ରମିକମାନେ କର୍ମବିହୁନେ ହାହୁତାଶନରେ ଜୀବନ କାଟୁଛନ୍ତି।

କର୍ମସଂସ୍ଥାନ ଶୂନ୍ୟ ଯୁବ ବେକାରି ରାସ୍ତାକଡ଼ରେ ୫ଟଙ୍କିଆ ଖାଦ୍ୟ ପାଇଁ ଥାଳି ଟାଟିଆ ବାଡ଼ୋଉଛନ୍ତି। ମନରେ ଘୃଣା ଆସୁଛି ଧୋବଧାବଳିଆ ନେତାଙ୍କ ଧୋକାବାଜ୍ କାର୍ଯ୍ୟକ୍ରମ ପ୍ରତି। ଜଳ ବିହୁନେ କୃଷିକ୍ଷେତ୍ର, ଶିକ୍ଷକ ବିହୁନେ ଶିକ୍ଷା, ଅତ୍ୟାଧୁନିକ ଯନ୍ତ୍ରପାତି ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଅତ୍ୟନ୍ତ ଉଦ୍‌ବେଗଜନକ ,ସ୍ୱାଭିମାନ ପଥଭ୍ରଷ୍ଟ। ମାଙ୍କଡ଼, ଗୋଧି, ବଣ ମଣିଷ ଯୋଜନା ତିଆରି କରି କର୍ମଠ ଜନସାଧାରଣଙ୍କୁ ସଜାଇ ସାରିଲେଣି ନିଷ୍କର୍ମା। କର୍ମ ବିମୁଖତା ଓଡ଼ିଶାରେ ସୃଷ୍ଟି ହୋଇସାରିଲାଣି। ଓଡ଼ିଆ ଜାତିର କର୍ମ ମୁଖରତା ସ୍ଥାଣୁ ପାଲଟିବାକୁ ବସିଲାଣି। ଜାତୀୟବାଦୀ ଚିନ୍ତାଧାରା ଓ ଜାତିର ଅଗ୍ରଗତି ବିପଦସଙ୍କୁଳ ପରିସ୍ଥିତି ଦେଇ




ଗତି କରୁଛି। ନିର୍ବାଚନ , ଭୋଟ, ଶାସନ କ୍ଷମତା ଓ ଧନର ଲୋଭ ଗୋଟିଏ ସମାଜ ମଙ୍ଗଳ ରାଷ୍ଟ୍ରରେ ଦୁଃଖ ଓ ଦୁର୍ଦ୍ଦଶାର କାରଣ ପାଲଟିଛି। ଗଣତନ୍ତ୍ର ଧ୍ୱଂସମୁଖୀ ସାଜିଛି। କେହି ଜଣେ ଛାତିରେ ହାତ ମାରି କହିପାରିବେ ନାହିଁ ନ୍ୟାୟ, ସତ୍ୟ, ଆଦର୍ଶ ଓ ଭଲ କର୍ମ କରି ମୁଁ ଜନପ୍ରତିନିଧି ସାଜିଛି। ମଣିଷର ମାନବୀୟ ସଂହିତା ଦୟା, କ୍ଷମା, ସ୍ନେହ, ମାୟା ଓ ମମତା, ସବୁ ଉଭେଇ ଯାଇଛି। କଳା ଓ ଭାସ୍କର୍ଯ୍ୟର ଏ ବିଭବଶାଳିନୀ ପ୍ରଦେଶ ଦିନକୁ ଦିନ ନିଃସ୍ୱ ଅସହାୟ ଦେଖାଯାଉଛି । ଓଡ଼ିଆମିତ୍ୱ ମାଟିରେ ମିଶିଗଲାଣି।

ଜାତି ସଂରକ୍ଷଣ, ଆବାସ ଯୋଜନା, ଧାନମଣ୍ଡିରେ ଅବହେଳା ପ୍ରଦେଶ ପାଇଁ ବିଶୃଙ୍ଖଳାର କାରଣ ହୋଇଛି। ଡାଙ୍କୁଣୀ ଭିତରେ ମୁହଁ ରଖି ରାଜନୈତିକ ଦଳଗୁଡ଼ିକ ନାଚୁଛନ୍ତି। ଡାଙ୍କୁଣୀ କାଢ଼ି ଓଡ଼ିଶାର ପୂର୍ଣ୍ଣାଙ୍ଗ ମାନଚିତ୍ରକୁ ଦେଖନ୍ତୁ। ବୃକ୍ଷମୂଳରେ, ରାସ୍ତାକଡ଼ରେ, ରେଳଷ୍ଟେଶନରେ, ପଲିଥିନ ତଳେ ଶହ ଶହ ଅସହାୟ ଠେଲାପେଲା ଲାଗୁଛନ୍ତି। ବଡ଼ ଦୟନୀୟ ସ୍ଥିତି। ଦିଗହରା ଯୋଜନା ଜାତିର ଅଧୋଗତିକୁ ସୂଚେଇ ଦେଉଛି। ନେତା ଓ ନେତୃତ୍ୱମାନେ ନିଜ ଜୀବନକୁ ଯେତିକି ମୂଲ୍ୟବାନ୍ ମଣୁଛନ୍ତି, ଜନସାଧାରଣଙ୍କ ଜୀବନକୁ ସେତିକି ଗୁରୁତ୍ୱ ଦେଉନାହାନ୍ତି। ଜନପ୍ରତିନିଧିମାନେ ଭୁଲିଯାଉଛନ୍ତି ଶପଥପାଠ ବେଳର ମନ୍ତ୍ର, ଗଣତନ୍ତ୍ରର ଅଖଣ୍ଡତା ଓ ଅକ୍ଷୁଣ୍ଣତାର କଥା। ବିଭିନ୍ନତା ଭିତରେ ଏକତାର କଥା ଶୁଭୁନାହିଁ। ଈର୍ଷା ଓ ଶତ୍ରୁତା ବଦଳରେ ନିଷ୍ଠା ଓ ସେବାର କଥା ସୃଷ୍ଟି ହେଉନାହିଁ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ଅମର କବିତା ‘ସବୁରି ପାଇଁ ବଶରେ ଘର, ସକଳେ ଲଭିବାକୁ ମୁଠାଏ ଦୁଧଭାତ’ର ସ୍ୱପ୍ନ ଆଜି ଦୁଃସ୍ୱପ୍ନରେ ପରିଣତ ହୋଇଛି। ମୌଳିକ ଅଧିକାର ପ୍ରତି ଯତ୍ନବାନ୍ ହେବାର ସବୁ ଗଣିତ ଭୁଲ୍। ପ୍ରଗତି ପାଇଁ ଦୃଢ଼ ଇଚ୍ଛା ଶକ୍ତି ଲୋଡ଼ା । ଯାହା ଜନକଲ୍ୟାଣର ରାସ୍ତା ନିର୍ମାଣ କରିବ , ସେପରି କିଛି ଆଖିଦୃଶିଆ କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଲଙ୍ଗଳା ପିଲାର ଦୁଃଖ, ବାଟ ପାଉ ନ ଥିବା ବେକାରି ଯୁବକ, ପରସ୍ତ ପରସ୍ତ ଫୁଟା ଲୁଗା ଭିତରେ ଦିନ ମଜୁରିଆଣୀର ନଗ୍ନ ଦୃଶ୍ୟ, ଭରସାହୀନ ବୃଦ୍ଧ ପିତାମାତାଙ୍କର ସାମ୍ରାଜ୍ୟ ଭୟଙ୍କର ହୋଇ ଦିଶୁଛି ସାମାଜିକ ପ୍ରେକ୍ଷାପଟରେ। ସାମାଜିକ, ଆର୍ଥିକ, ସାଂସ୍କୃତିକ ସଙ୍କଟ ବୃଦ୍ଧି ପାଉଛି। ଗଣତନ୍ତ୍ରର ବିଧିବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ଦୁର୍ନୀତିର କଳା ବିଲେଇ ପିସି ସରକାର ହୋଇ ବ୍ଲକ ଅଫିସରେ, ଜିଲାପାଳ ଅଫିସରେ, ବିଭିନ୍ନ ବିଭାଗୀୟ ଦପ୍ତରରେ ଘୂରି ବୁଲୁଛି। ଘୁଣଖିଆ ପୋକ ପରି ଦୁର୍ନୀତିଗ୍ରସ୍ତ କର୍ମଚାରୀ କୋରି ଖାଇଗଲେଣି ସବୁ ବିଭାଗ। ଅଭାବର ଡହକନର୍କରେ ତ୍ରାହି ତ୍ରାହି ଶୁଭୁଛି ଦୂରଦୂରାନ୍ତର ଜନପଦ।

**-କମଳା ପ୍ୟାଲେସ, ପଞ୍ଜାବୀ, କଲୋନୀ, ସତ୍ୟନଗର, ଭୁବନେଶ୍ୱର**

## ଏଇ ଭାରତରେ

ଅଧାରୁ ପାଠ ଛାଡ଼ିଛନ୍ତି, ହେଲେ ନିଜର ନିଷ୍ଠା ବଳରେ ତିଆରି କରିଛନ୍ତି ଏଭଳି ଜିନିଷ ଯାହାକୁ ବ୍ୟବହାର ପରେ ବି ଖାଇହେଉଛି। ତାମିଲନାଡୁ କୋଏମ୍ବାଟୁରର କଲ୍ୟାଣ କୁମାରଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। କଲ୍ୟାଣଙ୍କ ବୟସ ୩୯ । ବିଜନେସ ଆଡ୍‌ମିନିଟ୍ରେଶନରେ ଡିଗ୍ରୀ କରୁଥିବା ସମୟରେ ଅଧାରୁ ପଢ଼ା ଛାଡ଼ି ସେ ଦୁଇ ବର୍ଷ ପୂର୍ବେ ଏସ୍‌ପିଏସ୍ କଲ୍ୟାଣ ମେଶିନ ଡିଜାଇନର୍ସ କମ୍ପାନୀ ଗଢ଼ି ଏହି କାର୍ଯ୍ୟ କରୁଛନ୍ତି। ତାଙ୍କ ଦ୍ୱାରା ନିର୍ମିତ ସିଙ୍ଗଲ ୟୁଜ୍ ଜିନିଷଗୁଡ଼ିକ ଶତ ପ୍ରତିଶତ ଖାଇବାଯୋଗ୍ୟ ଓ ବିଘଟନଯୋଗ୍ୟ। ମୁଖ୍ୟତଃ, ଗୋରୁ ଖାଇବା ଲାଗି ବଡ଼ ପାତ୍ର ବା ଟ୍ରେ ତିଆରି କରୁଛନ୍ତି। ଗୋରୁ ଏଥିରେ ଖାଇବା ପରେ ତାହାକୁ ମଧ ଖାଇପାରୁଛନ୍ତି। ଥାଳି ଚାମଚ ଓ ଗୁଆ ପତ୍ରରୁ ପ୍ଲେଟ କରାଯାଉଛି। ଏହା ବ୍ୟତୀତ କଲ୍ୟାଣ ୫ ପ୍ରକାର କପ୍, ୪ ପ୍ରକାର ଜୁସ୍ ଓ ୱାଇନ୍ ଗ୍ଲାସ୍, ପାଣି ବୋତଲ, ଫ୍ଲାସ୍କ ଓ ଫୁଡ୍ କଣ୍ଟେନର ମଧ ତିଆରି କରୁଛନ୍ତି। କଦଳୀ ପତ୍ର, ଚୋକଡ଼ ଓ କୁଣ୍ଡା, ପରିବା ବର୍ଜ୍ୟ, ମକା ଓ ଅନ୍ୟ ଶସ୍ୟ ଆଦି ପ୍ରାକୃତିକ ବର୍ଜ୍ୟରୁ ପାଖାପାଖି ୧୫ଟିରୁ ଅଧିକ ଏଭଳି ଖାଇବାଯୋଗ୍ୟ ଜିନିଷ ତିଆରି ହେଉଛି। ଦେଶ ଓ ଦେଶ ବାହାରେ ଏହିସବୁ ଜିନିଷର ଉପଭୋକ୍ତା ରହିଛନ୍ତି। ତାମିଲନାଡୁ ସରକାର ପରିବେଶ ଉପଯୋଗୀ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି ଆରମ୍ଭ କରିଥିବା ‘ମିନଡମ୍ ମଞ୍ଜାପାଇ’ ଅଭିଯାନ ତାଙ୍କୁ ଏହି ଜିନିଷଗୁଡ଼ିକ ତିଆରି କରିବାକୁ ପ୍ରେରିତ କରିଥିଲା। କଲ୍ୟାଣ ଏବଂ ତାଙ୍କ ଟିମ୍ କିଭଳି ଆହୁରି ଅଧିକ ଜିନିଷ ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ଗବେଷଣା କରୁଛନ୍ତି। ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରି ପରିବେଶ ସୁରକ୍ଷା କରିବା ତାଙ୍କର ଲକ୍ଷ୍ୟ ବୋଲି କହନ୍ତି କଲ୍ୟାଣ।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୯୭

- ବିଶ୍ୱବ୍ୟାପି ରାସାୟନିକ ଅସ୍ତ୍ର ନିଷେଧ ଚୁକ୍ତି ଆମେରିକା ସିନେଟରେ ସଂଖ୍ୟାଗରିଷ୍ଠ ମତରେ ଅନୁମୋଦିତ।
- ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ନିର୍ଦ୍ଦେଶ କ୍ରମେ ପାକିସ୍ତାନର ନୌବାହିନୀ ମୁଖ୍ୟ ଆଡମିରାଲ ମନସୁର-ଉଲ୍-ହକ୍‌ଙ୍କ ଇସ୍ତଫା ପ୍ରଦାନ।
- ଉଷା ପପ୍ ଟେଲିଫୋନ ସେବା ପ୍ରଦାନକାରୀ କୋଶିକା ଟେଲିଫୋନ ପକ୍ଷରୁ ଭୁବନେଶ୍ୱରରେ ସେଲୁଲାର ଫୋନ୍ ସେବା ଆରମ୍ଭ।

## ପାଠକ ଶ୍ରେଷ୍ଠ ବିଚାରକ

### ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଉ

ମହାଶୟ,

ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ରାଜଧାନୀ ଭୁବନେଶରର ୭୪ତମ ପ୍ରତିଷ୍ଠା ଦିବସ ସମାରୋହରେ ଭୁବନେଶ୍ୱର ସାଂସଦଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ନିମନ୍ତ୍ରଣ ପତ୍ରରେ ଭୁବନେଶରର ସମସ୍ତ ତିନି ବିଧାୟକ ଓ ମେୟରଙ୍କ ନାମ ଥିବା ବେଳେ ସ୍ଥାନୀୟ ସାଂସଦଙ୍କ ନାମ ନ ଥିଲା। ତେବେ କେଉଁ ପରିସ୍ଥିତିରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଏହି ଉତ୍ସବ ନିମନ୍ତେ ନିମନ୍ତ୍ରଣ କରାଯାଇ ନାହିଁ, ସେହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। କ'ଣ ସ୍ଥାନୀୟ ସାଂସଦ ବିରୋଧୀ ଦଳର ହେଇଥିବାରୁ ତାଙ୍କୁ ନିମନ୍ତ୍ରଣ ମିଳିଲା ନାହିଁ। ଯଦି ଏପରି ହୋଇଥାଏ ତାହା ନିଶ୍ଚିନ୍ତ ଭାବେ ଦୁର୍ଭାଗ୍ୟଜନକ ଓ ପରିତାପର ବିଷୟ। ତେବେ ସରକାରୀ କାର୍ଯ୍ୟକ୍ରମ ଗୁଡ଼ିକରେ ଦଳମତ ନିର୍ବିଶେଷରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇ ରାଜ୍ୟର ବିକାଶର ଗତିକୁ ତୀବ୍ରତର କରିବାର ଆବଶ୍ୟକତା ରହିଛି।

**-ଋତୁରାଜ ପ୍ରଧାନ, ତମାଣ୍ଡୋ, ଭୁବନେଶ୍ୱର**

### ବଡ଼ଦେଉଳ କେତେ ସୁରକ୍ଷିତ

ନିକଟରେ ଜଣେ ଯୁବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ପଶି ଅନାୟାସରେ ରୋଷଘରେ ଅନେକ ଚୁଲିକୁ ଭାଙ୍ଗି ପକାଇଲା। ଭଙ୍ଗା ଯିବାର ଶବ୍ଦ ମଧ କେହି ଶୁଣିପାରିଲେ ଓ ଜାଣିପାରିଲେ ନାହିଁ। ସିଂହଦ୍ୱାର ସମ୍ମୁଖରେ ବନ୍ଧୁକଧାରୀ ସୁରକ୍ଷାକର୍ମୀ ମୁତୟନ ରହୁଛନ୍ତି ଏବଂ ମନ୍ଦିର ମଧ୍ୟରେ ଜଗନ୍ନାଥ ଟେମ୍ପୁଲ ପୋଲିସ(ଜେଟିପି) ମାଳ ମାଳ ହୋଇ ପଇଁତରା ମାରୁଛନ୍ତି। ଏହିଠାରେ ପ୍ରଶ୍ନବାଚୀ ହୁଏ ଯଦି କୌଣସି ଆତଙ୍କବାଦୀ ବୋମାଟିଏ ରଖି ପଳାଇଯାଇଥାନ୍ତା ତେବେ ତାହାର ପରିଣାମ କ'ଣ ହୋଇଥାନ୍ତା। କଡ଼ା ସୁରକ୍ଷାରେ ଥିବା ଗୁଜରାଟର ଗାନ୍ଧୀନଗରସ୍ଥିତ ପ୍ରସିଦ୍ଧ ଅକ୍ଷରଧାମ ମନ୍ଦିରକୁ ୨୦୦୨ ସେପ୍ଟେମ୍ବର ୨୪ରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୩୩ଜଣ ଭକ୍ତଙ୍କର ମୃତ୍ୟୁ ଘଟିଥିଲା ଓ ଅନ୍ୟୂନ ୮୦ଜଣ ଭକ୍ତ ଆହତ ହୋଇଥିଲେ। ସରକାର କହୁଛନ୍ତି ଶ୍ରୀମନ୍ଦିର କଡ଼ା ସୁରକ୍ଷା ବଳୟରେ ଅଛି। କିନ୍ତୁ ଖବର ପ୍ରକାଶ ପାଏ ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ଅଛି। ଏଣୁ ଶ୍ରୀ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଦୃଢ଼ କରାଯିବାର ଆବଶ୍ୟକତା ରହିଛି।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ ଗୋଟା ଲୋଡେ କରିବାକୁ ଖେଳଛୁଟି
ଧରାରେ ଯେଉଁ ହାସ
ବାର ମାସ ଉଠେ ଫୁଟି,
ପ୍ରଦୋଷ ଉଷା ପରେ ଫୁଲେ ଫୁଲେ ଯାଏ ଲିହି
ଯେ ହାସ ପାଇଁ ତବ
ଅବୟବ ଗଢ଼େ ବିହି।
-(ମରଣ ପାଲି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପୁଣିଥରେ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରେ ଚନ୍ଦ୍ରଶେଖରନ୍

ନୂଆଦିଲ୍ଲୀ: ସୋମବାର ଟାଟା ସନ୍ସର ଶେୟାରହୋଲ୍ଡରମାନଙ୍କ ବୈଠକରେ ଏନ୍ ଚନ୍ଦ୍ରଶେଖରନ୍‌ଙ୍କୁ ୨ୟ ଥର ପାଇଁ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହାଛଡ଼ା ଗ୍ରୁପ୍‌ର ଦୁଇଜଣ ନିର୍ଦ୍ଦେଶକ ବିଜୟ ସିଂ ଏବଂ ଲିଓ ପୁରୀଙ୍କୁ ଶେୟାରହୋଲ୍ଡରଙ୍କ ଭୋଟିଂ ମାଧ୍ୟମରେ ଚୟନ କରାଯାଇଛି। ତେବେ ଏହି ବୈଠକରେ ଟାଟା ସନ୍ସରେ ୧୮.୪% ଅଂଶଧନ ଥିବା ମିସ୍ତ୍ରି ପରିବାର ଅଂଶଗ୍ରହଣ କରିନଥିଲେ। ଟାଟା ସନ୍ସ ପକ୍ଷରୁ ଚଳିତ ବର୍ଷ ଫେବୃୟାରୀରେ ଚନ୍ଦ୍ରଶେଖରନ୍‌ଙ୍କୁ ପୁଣିଥରେ ଅଧ୍ୟକ୍ଷ ପଦ ଦେବାକୁ ନିଷ୍ପତ୍ତି ନିଆଯାଇ ଶେୟାରହୋଲ୍ଡରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଥିଲା। ୨୦୨୦-୨୧ରେ ଚନ୍ଦ୍ରଶେଖରନ୍‌ଙ୍କର ବାର୍ଷିକ ଦରମା ପ୍ୟାକେଜ୍ ୯୧ କୋଟି ଟଙ୍କା ରହିଥିଲା।

## ସଂକ୍ଷେପରେ

### ସହ ସମ୍ପାଦକଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୨୫।୪(ବ୍ୟୁରୋ): କଟକ ଜିଲା ସଦର ବ୍ଲକ ଅନ୍ତର୍ଗତ ବାରଦା ପଞ୍ଚାୟତ ଚାଞ୍ଚପଡା ଗ୍ରାମର ବେଙ୍ଗଲତା ମଲ୍ଲିକ(୮୨)ଙ୍କ ରବିବାର ରାତିରେ ପରଲୋକ ଘଟିଛି।



ସେ ଜଣେ ସ୍ନେହୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସୋମବାର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନ ମଝିଆ ପୁଅ କେଦାରନାଥ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ମଝିଆ ପୁଅ ଉପେନ୍ଦ୍ର, ସାନପୁଅ ତଥା ଧରିତ୍ରୀର ସହ ସମ୍ପାଦକ ପ୍ରଭାତ କୁମାର ମଲ୍ଲିକ, ଝିଅ, ଜ୍ୱାଇଁ, ଚାରିବୋହୂ, ନାତୁଣୀ ନାତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବେଙ୍ଗଲତାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ରେଲୱେ କର୍ମଚାରୀ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ବଡ଼ପୁଅ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ବିପିନ ବିହାରୀ ମଲ୍ଲିକଙ୍କ କିଛି ଦିନ ତଳେ ପରଲୋକ ଘଟିଥିଲା।

### ପୁରୁଷୋତ୍ତମ ଏକ୍ସପ୍ରେସରୁ ୪୩ କେଜି ଗଞ୍ଜେଇ ଜବତ

■ ବ୍ରହ୍ମପୁରରୁ ଦିଲ୍ଲୀ ଚାଲାଣ ହେଉଥିଲା
■ ମହିଳା ଗିରଫ

ଭଦ୍ରକ ଅଫିସ, ୨୫।୪: ରେଲୱେ ବିଭାଗର ଅପରେଶନ ସତର୍କ ନାର୍କୋସ୍ ଅଧୀନରେ ଆର୍‌ପିଏଫ୍ ଏସ୍କର୍ଟିଂ ପାର୍ଟି ଚେକିଂ ଚାଲିଥିବା ବେଳେ ରବିବାର ସନ୍ଧ୍ୟାରେ ପୁରୁଷୋତ୍ତମ ଏକ୍ସପ୍ରେସରୁ ଜଣେ ମହିଳାଙ୍କଠାରୁ ୪୩ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଉକ୍ତ ମହିଳାଙ୍କୁ ଗିରଫ କରାଯାଇଛି। ଗିରଫ ମହିଳାଙ୍କ ନାଁ ସୁନୀତା ଦେବୀ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ ଲକ୍ଷ ୩୨ ହଜାର ହେବ ବୋଲି ରେଲୱେ ବିଭାଗ ପକ୍ଷରୁ ସୂଚନା ମିଳିଛି। ପୁରୁଷୋତ୍ତମ ଏକ୍ସପ୍ରେସରେ ସୁନୀତା ୪ଟି ବ୍ୟାଗ୍ ନେଇ ଯାତ୍ରା କରୁଥିଲେ। ସେହି ଟ୍ରେନ୍‌ରେ ପୁରୀ ଆର୍‌ପିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆସୁଥିବା ବେଳେ ତାଙ୍କ ଗତିବିଧି ଉପରେ ସନ୍ଦେହ ହୋଇଥିଲା। ଯାଜପୁର ରୋଡ୍ ଷ୍ଟେଶନ ପରେ ଏହି ଟିମ୍ ତାଙ୍କ ପାଖରେ ଥିବା ୪ ବ୍ୟାଗ୍‌କୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ବ୍ୟାଗ୍ ସହ ମହିଳାଙ୍କୁ ଆର୍‌ପିଏଫ୍‌କୁ ହସ୍ତାନ୍ତର କରିଥିଲା ଉକ୍ତ ଟିମ୍। ଭଦ୍ରକ ଆର୍‌ପିଏଫ୍ ଏକ ମାମଲା ରୁଜୁ କରି ଜିଆର୍‌ପିକୁ ହସ୍ତାନ୍ତର କରିଥିବା କଟକ ଡିଭିଜନାଲ ରେଲୱେ ପୋଲିସର ଆସିଷ୍ଟାଣ୍ଟ କମିଶନର ସରୋଜ କୁମାର ଦାସ ସୂଚନା ଦେଇଛନ୍ତି। ବ୍ରହ୍ମପୁରରୁ ଉକ୍ତ ଗଞ୍ଜେଇ ବ୍ୟାଗ୍ ଦିଲ୍ଲୀ ଚାଲାଣ ହେଉଥିଲା ବୋଲି ଜଣାଯାଇଛି। ଏହି କାରବାରରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଛି।

# ଜିଆର୍‌ଏସ୍‌ଙ୍କ ୫୯ ପ୍ଲଟ୍

■ ୬ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ
■ ୩ରୁ ଊର୍ଦ୍ଧ୍ୱ କୋଠା ସହ ବିପୁଳ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ଚାକିରି ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍), ଦରମା ପାଉଛନ୍ତି ମାତ୍ର ୮ ହଜାର ୫୦୦ ଟଙ୍କା। ହେଲେ ସେ ଏବେ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ। କଟକ ଓ ଭୁବନେଶ୍ୱରର ୫୯ ସ୍ଥାନରେ ପ୍ଲଟ୍ ରହିଥିବାବେଳେ ୩ରୁ ଊର୍ଦ୍ଧ୍ୱ ସ୍ଥାନରେ ବହୁତଳ ପ୍ରାସାଦ ସମେତ ବିପୁଳ ସମ୍ପତ୍ତି ଠାବ କରାଯାଇଛି। ଚାକିରି ଛୋଟ ହେଲେ ବି ସରକାରୀ କ୍ଷମତା ଥିଲେ ଜଣେ କିପରି କୋଟିପତି ହୋଇପାରିବ ତାହା କରି ଦେଖାଇଛନ୍ତି ଭୁବନେଶ୍ୱର ଇଞ୍ଜଣେ ଗ୍ରାମପଞ୍ଚାୟତ (ପୂର୍ବର କଳାରାହାଙ୍ଗ ପଞ୍ଚାୟତ)ର ଜିଆର୍‌ଏସ୍ ବାବୁଲି ଚରଣ ପଡ଼ିହାରୀ। ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ସୋମବାର ତାଙ୍କ ଘର ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏଥିମଧ୍ୟରେ ଭୁବନେଶ୍ୱର ରଘୁନାଥପୁରସ୍ଥିତ



ବାବୁଲି ଚରଣ ପଡ଼ିହାରୀ

ପ୍ଲଟ ନଂ.୧୪୬/୩୭୩୬ରେ ଥିବା ଗୋଟିଏ ତିନି ମହଲା ଓ ଅନ୍ୟଟି ଦୁଇ ମହଲା କୋଠା, ପ୍ଲଟ ନଂ. ୪୧୯ରେ ଥିବା ଗୋଟିଏ ଘର, ଆଶୀର୍ବାଦ ପ୍ଲାଜା ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍ ନଂ.୧୦୨, ରଘୁନାଥପୁରସ୍ଥିତ ପୈତୃକ ଘର ଓ କଳାରାହାଙ୍ଗସ୍ଥିତ ତାଙ୍କ କାର୍ଯ୍ୟାଳୟ ରହିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, କଟକ ବେଲଗଛିଆରେ ଗୋଟିଏ ଓ ଭୁବନେଶ୍ୱରରେ ୫୮ ପ୍ଲଟ୍ ଠାବ ହୋଇଛି। ଭୁବନେଶ୍ୱର ରଘୁନାଥପୁର ମାଉସୀ ମା' ମନ୍ଦିର ନିକଟରେ ୧.୨୪ କୋଟିର ଗୋଟିଏ ୩ ମହଲା କୋଠା, ଦାଢ଼ାରେ ପ୍ଲଟ୍ ନଂ.୪୧୯ରେ ୩୨ଲକ୍ଷର ପ୍ଲଟ ସମେତ ଏକ ଘର, ଆଶୀର୍ବାଦ ପ୍ଲାଜା ଆପାର୍ଟମେଣ୍ଟରେ ୧୪ ଲକ୍ଷର ଗୋଟିଏ ଫ୍ଲାଟ୍, ରଘୁନାଥପୁରରେ ୧୪.୧୮ ଲକ୍ଷର ଏକ ଘର ରହିଛି। ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି। ସେହିପରି ତାଙ୍କ ଘରୁ ୪.୯୮ ଲକ୍ଷ ଟଙ୍କାର ଗୋଟିଏ ଚାରି ଚକିଆ ଯାନ, ଗୋଟିଏ ବାଇକ, ୮ ଲକ୍ଷ ୮୫ହଜାର ଟଙ୍କାର ବ୍ୟାଙ୍କ ଜମା, ସୁନା ଓ ରୁପା ଗହଣା, ଘରୋଇ ଆସବାବପତ୍ର, ନଗଦ ଟଙ୍କା ମିଳିଛି। ଜଣେ ଜିଆର୍‌ଏସ୍‌ଙ୍କ ଏତେ ପରିମାଣର ସମ୍ପତ୍ତି ଠୁଳ କରିବା ସମସ୍ତଙ୍କୁ ଚକିତ କରିଛି।

ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବାବୁଲି ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଏସବୁ ବହୁ କୋଟିର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ବାବୁଲି ୧୪ ବର୍ଷରେ ଏସବୁ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ୨୦୦୮ ମାର୍ଚ୍ଚ ୧ରେ ଜିଆର୍‌ଏସ୍ ଭାବେ ଯୋଗ ଦେଇଥିଲେ। ପଞ୍ଚାୟତରେ ସେ ବହୁ କାର୍ଯ୍ୟରେ ଦୁର୍ନୀତି କରି ଏସବୁ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଏନେଇ ଭିଜିଲାନ୍ସ ତାଙ୍କୁ ଅଧିକ ପଚରାଉଚୁରା କରୁଛି। ଚଢ଼ାଉ ଜାରି ରହିଥିବାରୁ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

# ଯାତ୍ରୀବାହୀ ବସ୍ ଜାଳିଦେଲେ ମାଓବାଦୀ




ମାଓବାଦୀମାନେ ରବିବାର ରାତିରେ ପୋଡି ଦେଇଥିବା ଯାତ୍ରୀବାହୀ ବସ୍।

ମାଲକାନଗିରି/ଏମ୍‌ଭି-୭୯, ୨୫।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର କତୁରୁଠାରେ ମାଓବାଦୀମାନେ ରବିବାର ରାତିରେ ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ଯାତ୍ରୀଙ୍କୁ ଓହ୍ଲାଇ ଜାଳି ଦେଇଛନ୍ତି। ଗୁପ୍ତା ନାମକ ଏହି ବସ୍ ନବରଙ୍ଗପୁର ଜିଲା ଉମରକୋଟରୁ ମାଲକାନଗିରି ଦେଇ ହାଇଦ୍ରାବାଦ ଯାଉଥିଲା। ତେବେ କତୁରୁଠାରେ ୪୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ବସ୍‌କୁ ଅଟକାଇ ସେଥିରେ ଥିବା ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ପରେ ସେମାନେ ବସ୍ ଟାଙ୍କିରୁ ତେଲ ବାହାର କରି ବସ ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ। ବସ୍‌ଟି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ସ୍ଥାନୀୟ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ସୋମବାର ଆନ୍ଧ୍ର ପ୍ରଶାସନ ପକ୍ଷରୁ ଅନ୍ୟ ଏକ ବସ୍ ଯୋଗେ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ, ରବିବାର ମାଓବାଦୀମାନେ କେନ୍ଦ୍ର ସରକାରଙ୍କ ମାଓବାଦୀ ଦମନ ନୀତିକୁ ବିରୋଧ କରି ଦଣ୍ଡକାରଣ୍ୟ ବନ୍ଦ ଡାକରା ଦେଇଥିଲେ।

# ପଞ୍ଚଭୂତରେ ବିଲୀନ ହେଲେ ବୀଣାପାଣି

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

କଟକ ଅଫିସ,୨୫।୪

ପଞ୍ଚଭୂତରେ ବିଲୀନ ହୋଇଛନ୍ତି ବିଶିଷ୍ଟ ସାହିତ୍ୟିକା, ଔପନ୍ୟାସିକା ଓ ପ୍ରାଧ୍ୟାପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତି। ସୋମବାର କଟକ ସତୀଚଉରା ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୧୦ଟାରେ ବାଦାମବାଡ଼ିସ୍ଥିତ ବାସଭବନରୁ ତାଙ୍କର ଶେଷଯାତ୍ରା ଆରମ୍ଭ ହୋଇଥିଲା। ପରେ ସତୀଚଉରା ଶ୍ମଶାନରେ ଅନ୍ତିମ ବିଦାୟ ନେଇଥିଲେ ବୀଣାପାଣି। ପୁତୁରା ବିଶ୍ୱଦାଶ ମହାନ୍ତି ମୁଖାଗ୍ନି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର୍ ଦିଆଯାଇଥିଲା। ଏହି ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ, ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ



ସତୀଚଉରା ଶ୍ମଶାନରେ ବୀଣାପାଣି ମହାନ୍ତିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଡାକ୍ତର ଜୟନ୍ତ ରଥ, ସୁସ୍ମିତା ରଥ, ଡ. ବିଜୟାନନ୍ଦ ସିଂ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ରବିବାର ରାତି ପ୍ରାୟ ୯ଟାରେ ବାଦାମବାଡ଼ିସ୍ଥିତ ବାସଭବନରେ ହୃଦ୍‌ଘାତରେ ୮୫ ବର୍ଷ ବୟସରେ ବୀଣାପାଣିଙ୍କର ପରଲୋକ ଘଟିଥିଲା। ସେ ୧୯୩୬ ମସିହା ନଭେମ୍ବର ୧୧ରେ ବ୍ରହ୍ମପୁରରେ ଜନ୍ମ ଗ୍ରହଣ କରିଥିଲେ। ତେବେ କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳ ହେଉଛି ତାଙ୍କର ପୈତୃକ ଗ୍ରାମ। ସେ ଅର୍ଥନୀତି ଅଧ୍ୟାପିକା ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ୨୦୨୦ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସେ ଓଡ଼ିଆ ସାହିତ୍ୟର ସର୍ବୋଚ୍ଚ ପୁରସ୍କାର ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାର ମଧ୍ୟ ପାଇଥିଲେ। ସେ ଓଡ଼ିଶା ଲେଖିକା ସଂସଦର ସଭାପତି ରହିଥିଲେ। ୧୯୫୫ ମସିହାରେ ପ୍ରଜାତନ୍ତ୍ର ନାରୀମହଲରେ ତାଙ୍କର ପ୍ରଥମ କବିତା 'ତନ୍ଦ୍ରାହତ' ଏବଂ ୧୯୫୭ରେ ପ୍ରଜାତନ୍ତ୍ରରେ ପ୍ରଥମ ଗଳ୍ପ 'ଗୋଟିଏ ରାତ୍ରିର କାହାଣୀ' ପ୍ରକାଶ ପାଇଥିଲା। ୧୯୬୧ରେ ତାଙ୍କ ଗଳ୍ପ 'ନାଉ ଗଛ'ତାଙ୍କୁ ବହୁ ପାଠକୀୟ ସ୍ୱୀକୃତି ଆଣିଦେଇଥିଲା। ତାଙ୍କର ପ୍ରମୁଖ ପୁସ୍ତକଗୁଡ଼ିକ ମଧ୍ୟରେ କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ପାଟଦେଈ, ବସ୍ତ୍ରହରଣ, ଏକାକୀ ପରାଶର, ଆରୋହଣ, ଇଣ୍ଟରଭ୍ୟୁ, ନବ ତରଙ୍ଗ ଏବଂ ଅନ୍ଧକାରର ଛାଇ ପ୍ରଭୃତି ପାଠକଙ୍କ ମଧ୍ୟରେ ବେଶ୍ ଆଦୃତିଲାଭ କରିଛି। ତାଙ୍କ ଉପନ୍ୟାସ ସୀତାର ଶୋଣିତ, ମନସ୍ୱିନୀ ଏବଂ କୁନ୍ତୀ କୁନ୍ତଳା ଶକୁନ୍ତଳା ମଧ୍ୟ ପାଠକଙ୍କ ଢେର ପ୍ରଶଂସା ସାଉଣ୍ଟିଛି।

# ସଂଘବଦ୍ଧ ଆକ୍ରମଣ: ଜଣେ ମୃତ

## ୪ ଜଣଙ୍କ ନାଁରେ ମାମଲା

ଭଣ୍ଡାରିପୋଖରୀ, ୨୫।୪ (ଡି.ଏନ୍.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ବନ୍ଧାଲୋ ମଢ଼ିଆଳି ପଞ୍ଚାୟତ ନମକଣା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ରବିବାର ରାତିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୀତାମ୍ବର ଜେନା। ଏନେଇ ତାଙ୍କ ପୁଅ ଗଣେଶଙ୍କ ଅଭିଯୋଗ କ୍ରମେ ୪ ଜଣ ଗ୍ରାମର ଶ୍ରୀଧର ଜେନା, ପୁଅ ଭରତ, ଶତ୍ରୁଘ୍ନ ଓ ସଦାଶିବଙ୍କ ନାଁରେ ଭଣ୍ଡାରିପୋଖରୀ ଥାନାରେ ମାମଲା (ନଂ.୧୪୬/୨୨) ରୁଜୁ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏମାନେ ତାଙ୍କ ବାପାଙ୍କୁ ହତ୍ୟା କରିଥିବା ଗଣେଶ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ସୋମବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି।

ଘଟଣାରୁ ପ୍ରକାଶ ଯେ, ପଡ଼ୋଶୀ ଅଜୟ ଜେନା, ଜଣେ ଶିଶୁକନ୍ୟା ଓ ପୀତାମ୍ବର ରବିବାର ସନ୍ଧ୍ୟାରେ ମଞ୍ଜୁରୀରୋଡ ବଜାରରୁ ଘରକୁ ଫେରୁଥିଲେ। ନମକଣା ଓ ଗନ୍ଧିଆପଦୀ ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନରେ ପୀତାମ୍ବରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏହା ଦେଖି ଅଜୟ ଭୟଭୀତ ହୋଇ ଶିଶୁକୁ ଧରି ସେଠାରୁ ପଳାଇଯାଇ ନିକଟ ଚାଷ କିଆରୀରେ ଲୁଚି ଯାଇଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ପୀତାମ୍ବରଙ୍କୁ ଆକ୍ରମଣ କରି ସେଠାରୁ ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ହେବ ୫୨ ମଡେଲ୍ ମଣ୍ଡି

ଭୁବନେଶ୍ୱର,୨୫।୪(ବ୍ୟୁରୋ)

କୃଷକଙ୍କ ଆୟବୃଦ୍ଧି ନିମନ୍ତେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ସୁବିଧାରେ ବିକ୍ରିବଟାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଣ୍ଡିଗୁଡ଼ିକର ଭିତ୍ତିଭୂମିବିକାଶ କରାଯାଇ ମଡେଲ ମଣ୍ଡି ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫୨ଟି ମଡେଲ୍ ମଣ୍ଡି ନିର୍ମାଣ କରାଯିବ। ମଡେଲ୍ ମଣ୍ଡିରେ ସବୁ ପ୍ରକାର ମୌଳିକ ସୁବିଧା ରହିବ। ଏହା ଚାଷୀଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବା ସହିତ ସେମାନେ ସହଜ ଓ ସୁବିଧାରେ ନିଜର କୃଷିଜାତ ଦ୍ରବ୍ୟ ବିକ୍ରିକରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବେ ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଲୋକସେବା ଭବନଠାରେ ମଡେଲ ମଣ୍ଡି ଓ ବହୁମୁଖୀ ଗୋଦାମ ଗୃହ ନିର୍ମାଣ ସମ୍ପର୍କରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଛନ୍ତି, ମଡେଲ ମଣ୍ଡି ନିର୍ମାଣ ଦ୍ୱାରା ଏହାର କାର୍ଯ୍ୟଦକ୍ଷତାରେ ପ୍ରଭୂତ ଉନ୍ନତି ଆସିପାରିବ। ଅଧିକ ଧାନ ସଂଗ୍ରହ ହେଉଥିବା ଜିଲାକୁ ପ୍ରାଥମିକତା ପ୍ରଦାନ କରି ମଡେଲ ମଣ୍ଡି ଓ ବହୁମୁଖୀ ଗୋଦାମ ଗୃହ ନିର୍ମାଣ ପାଇଁ ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୨୮ ପାକ୍ସ/ଲ୍ୟାମ୍ପ୍‌ସରେ ବହୁମୁଖୀ ଗୋଦାମ ଗୃହ ନିର୍ମାଣ କରାଯାଉଛି। ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଦ୍ୱାରା ବହୁମୁଖୀ ଗୋଦାମ ଗୃହର ମଡେଲ ଡିଜାଇନ୍ ଓ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ପ୍ରତିଟି ବହୁମୁଖୀ ଗୋଦାମ ଗୃହ ନିର୍ମାଣ ନିମନ୍ତେ ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବହୁମୁଖୀ ଗୋଦାମ ଗୃହରେ ଅଫିସ କାର୍ଯ୍ୟାଳୟ ସମେତ ପାନୀୟ ଜଳ ଓ ଶୌଚାଳୟର ସୁବିଧା ରହିବ। ୧୨୮ ବହୁମୁଖୀ ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ବୌଦ୍ଧରୁ ବଜ୍ରକାପ୍ତା ଉଦ୍ଧାର, ଚାଲାଣକାରୀ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ବୌଦ୍ଧ, ୨୫।୪ (ସ୍ୱ.ପ୍ର)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୌଦ୍ଧ ସହର ଉପକଣ୍ଠରେ ଚଢ଼ାଉ କରି ଜଣେ ବନ୍ୟପ୍ରାଣୀ ଚାଲାଣକାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ଏସ୍‌ଟିଏଫ୍ ୧୧କେଜି ଓଜନର ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ୍‌ର ପ୍ରକାଶ ମହାକୁଡ। ଅଭିଯୁକ୍ତଙ୍କ ସହ ଉଦ୍ଧାର ବଜ୍ରକାପ୍ତାକୁ ଏସ୍‌ଟିଏଫ୍ ବୌଦ୍ଧ ବନ ବିଭାଗକୁ ହସ୍ତାନ୍ତର କରିଛି। ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ




ଉଦ୍ଧାର ବଜ୍ରକାପ୍ତା ଓ ଗିରଫ ଅଭିଯୁକ୍ତ

ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଥିବା ରେଞ୍ଜର ପ୍ରଦୀପ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରକାଶ ଏକ ବଜ୍ରକାପ୍ତା ଧରି ତାହାକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ଜାଣିବା ପରେ ବନ ବିଭାଗକୁ ସୂଚନା ଦେବା ସହ ଚଢ଼ାଉ ପାଇଁ ଯୋଜନା କରିଥିଲା। ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ପ୍ରକାଶ ଏକ ଜରି ବସ୍ତାରେ ବଜ୍ରକାପ୍ତା ଧରି ବୌଦ୍ଧ ସହର ଉପକଣ୍ଠ ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ସାମ୍ପୋଚ ପଞ୍ଚାୟତର ଜଗନ୍ନାଥ ସଡକ ବଘାରପାଲି ଛକ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଓ ବନବିଭାଗ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ୨୭ ବାଘଛାଲ, ୨ ବାଘଦାନ୍ତ, ୨୯ ବାଘନଖ, ୧୮ ହାତୀଦାନ୍ତ, ୭ ହରିଣ ଛାଲ, ୧୩ ଜୀବନ୍ତ ବଜ୍ରକାପ୍ତା, ୩୦ କେଜି ୪୦୦ ଗ୍ରାମର ବଜ୍ରକାପ୍ତା କାତି, ୪୬ ଶୁଆ ଉଦ୍ଧାର ସହ ୬୬ ଶିକାରୀଙ୍କୁ ଗିରଫ କରାଯାଇଛି।

# ସମ୍ବଲପୁର ଡିଏଚ୍‌ଏଚ୍‌ରେ ଡାଏଲିସିସ୍ ସେବା ଆରମ୍ଭ

## ରାଜ୍ୟ ସରକାରଙ୍କ ସହାୟ ଯୋଜନା

ସମ୍ବଲପୁର,୨୫।୪(ବ୍ୟୁରୋ)

ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ଦୀର୍ଘଦିନରୁ କରିଆସୁଥିବା ଦାବି ଶେଷରେ ପୂରଣ ହୋଇଛି। ରାଜ୍ୟ ସରକାରଙ୍କ ସହାୟ ଯୋଜନାରେ ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସୋମବାରଠାରୁ ଡାଏଲିସିସ୍ ସେବା ଆରମ୍ଭ ହୋଇଛି। ଅତିଥି ଭାବେ ସଦର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶ ଓ ଏଡିଏମ୍ ଉମାକାନ୍ତ ରାଜ୍ ଯୋଗଦେଇ ଡାଏଲିସିସ୍ ୟୁନିଟ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଶୋକ କୁମାର ଦାସ, ରାହି କେୟାର ମ୍ୟାନେଜର ବିବେକ ସିଂ, ଡା. ସୁଧାଂଶୁ ପଣ୍ଡା, ଡା. ମୌସମୀ ମିଶ୍ର, ଗୁରୁ କୁମାର ଭୋଇ, ହରପ୍ରସାଦ ପ୍ରଧାନ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିଦିନ ସକାଳ ୮ଟାରୁ ରାତି ୮ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତିଦିନ ଅତି କମ୍‌ରେ ୧୮ ଜଣ ରୋଗୀ ସେବା ପାଇ ପାରିବେ। ସେବା ପାଇବା ପାଇଁ ୮୮୯୫୪୦୦୫୬୫ ଓ ୮୯୭୯୫୭୦୦୭୭ ନମ୍ବର ସ୍ୱତନ୍ତ୍ର ଭାବେ ରଖାଯାଇଛି। ରୋଗୀମାନେ ଏହି ନମ୍ବରରେ ଯୋଗାଯୋଗ କରି ଚିକିତ୍ସା ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇପାରିବେ। ଏହାଦ୍ୱାରା ସମ୍ବଲପୁର ଜିଲା ସହିତ ପଡ଼ୋଶୀ ଜିଲାର କିଡ୍‌ନୀ ରୋଗୀମାନେ ଉପକୃତ ହୋଇପାରିବେ। ଏ ପର୍ଯ୍ୟନ୍ତ ୧୬ ଜଣ କିଡ୍‌ନୀ ରୋଗୀ ଡାଏଲିସିସ୍ କରିବା ପାଇଁ ପଞ୍ଜୀକରଣ କରିଛନ୍ତି।

ସୂଚନାଯୋଗ୍ୟ, ଏହି ସେବା ପିପିପି ମୋଡ୍‌ରେ କାର୍ଯ୍ୟକାରୀ ହେବ। ରାହି କେୟାର ସଂସ୍ଥା ମାଧ୍ୟମରେ ପରିଚାଳନା ହେବ। ମହିଳା ୱାର୍ଡ ପାଖରେ ଏହି ୟୁନିଟ୍ ବ୍ୟବସ୍ଥା କରାଯାଇଛି। ମୋଟ ୭ ଗୋଟି ଡାଏଲିସିସ୍ ମେଶିନ ସହ ଉନ୍ନତ ମାନର ଆଭ୍ୟନ୍ତରୀଣ ବ୍ୟବସ୍ଥା କରାଯାଇଛି। ବୁର୍ଲା ଭିମସାରରେ ଡାଏଲିସିସ୍ କରିବା ବ୍ୟବସ୍ଥା ରହିଥିଲା। ଡିଏଚ୍‌ଏଚ୍‌ରେ ନ ଥିବାରୁ ରୋଗୀମାନେ ହଇରାଣ ହେଉଥିଲେ। ବୁର୍ଲାରେ ମାତ୍ରାଧିକ ରୋଗୀ ସଂଖ୍ୟା ରହିଥିବାରୁ ରୋଗୀମାନଙ୍କୁ ନମ୍ବର ମିଳିବା କଷ୍ଟକର ହୋଇପଡୁଥିଲା। ଏହାକୁ ନେଇ ୨୦୧୯ରେ ଉତ୍କଣ୍ଠା ଅନୁଷ୍ଠାନ ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ସେ ସମୟରେ ଯଥାଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ବର୍ମା ପ୍ରତିଶ୍ରୁତି ଦେଇଥିଲେ। ପରେ ଜିଲା ସଦର ଡାକ୍ତରଖାନା କୋଭିଡ୍ ମେଡିକାଲରେ ପରିଣତ ହୋଇଥିଲା। ଏଥିଯୋଗୁ ପ୍ରକ୍ରିୟାରେ ବିଳମ୍ବ ହୋଇଯାଇଥିଲା। ଉତ୍କଣ୍ଠା ଅନୁଷ୍ଠାନ ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଜନସାଧାରଣ ଡାଏଲିସିସ୍ ୟୁନିଟ ଖୋଲିବା ପାଇଁ ଦାବି କରି ଆସୁଥିଲେ।



ସମ୍ବଲପୁର ଡିଏଚ୍‌ଏଚ୍‌ରେ ଡାଏଲିସିସ୍ ୟୁନିଟ୍ ଲୋକାର୍ପଣ କରାଯାଉଛି।

# ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଲୋକାର୍ପିତ




ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

■ ମହାନଦୀ ଓ ବ୍ରାହ୍ମଣୀରେ ପର୍ଯ୍ୟାପ୍ତ ସୁଯୋଗ ରହିଛି
■ ୨୦୨୫ ସୁଦ୍ଧା ପାରାଦୀପ ଦେଶର ୧ ନଂ. ଏବଂ ୨୦୩୦ ସୁଦ୍ଧା ବିଶ୍ୱର ବୃହତ୍ ବନ୍ଦର ତାଲିକାରେ ସାମିଲ ହେବ

ପାରାଦୀପ,୨୫।୪(ସ୍ୱ.ପ୍ର.)

ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ସୋମବାର ପାରାଦୀପର ଇଫକୋ କାରଖାନା ସଲଗ୍ନ ମହାନଦୀରେ ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ, ଜଳପଥ ଓ ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ମହାନଦୀ କୂଳରେ ହୋଇଥିବା ଭାସମାନ ପୋଣ୍ଟମଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ମନ୍ତ୍ରୀ ସୋନୱାଲ ପତାକା ଦେଖାଇ ଏକ ବାର୍ଜକୁ ନୌଚାଳନା ପାଇଁ ସଙ୍କେତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ, ଆଇଡବ୍ଲ୍ୟୁଏଆଇ(ଇନଲାଣ୍ଡ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ)ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ ଅଧ୍ୟକ୍ଷ ସଞ୍ଜୟ ବନ୍ଦୋପାଧ୍ୟାୟ, ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, ଇଫ୍‌କୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କପୁର, ଇଫ୍‌କୋ କମ୍ପାନୀ ପାରାଦୀପ ନିର୍ବାହୀ ନିର୍ଦ୍ଦେଶକ କେ.ଜେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ସୋନୱାଲ କହିଥିଲେ, ନଦୀଭିତ୍ତିକ ବନ୍ଦର ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ବନ୍ଦର ବାଟେ ଇଫ୍‌କୋର ଜିପସମ ବାର୍ଜ ଯୋଗେ ପାରାଦୀପ ବନ୍ଦର ପୋତାଶ୍ରୟକୁ ଯାଇ ସେଠାରେ ବୃହତ୍ ଜାହାଜରେ ବୋଝେଇ ହୋଇ ବିଭିନ୍ନ ସ୍ଥାନକୁ ଯିବ। ଏହାଦ୍ୱାରା ପରିବହନ ଖର୍ଚ୍ଚ କମ ହେବା ସହ ଟ୍ରାଫିକ ନିୟନ୍ତ୍ରଣ ଓ ପ୍ରଦୂଷଣ ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଦେଶର ୧୧୧ ନଦୀରେ ଜଳପଥ ବିକାଶ ପାଇଁ କେନ୍ଦ୍ର ସରକାର ଖସଡ଼ା କରିଛନ୍ତି। ସେଥିରୁ ଏପର୍ଯ୍ୟନ୍ତ ୩ ନଦୀରେ ପଣ୍ୟ କାରବାର ଓ ପର୍ଯ୍ୟଟନ ବିକାଶ କରାଯାଇଛି। ସେଗୁଡିକ ହେଲା ଗଙ୍ଗା, ବ୍ରହ୍ମପୁତ୍ର ଓ ମହାନଦୀ। ଆଗକୁ ମହାନଦୀର ଅନ୍ୟ ସ୍ଥାନ ଓ ବ୍ରାହ୍ମଣୀ ନଦୀରେ ନଦୀଭିତ୍ତିକ ବନ୍ଦର ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ପର୍ଯ୍ୟାୟକ୍ରମେ ଏହାର ବିକାଶ କରାଯିବ। କେନ୍ଦ୍ର ସରକାରଙ୍କ ଏହି ଐତିହାସିକ ଯୋଜନାରେ ଓଡ଼ିଶା ସରକାର ସହଯୋଗ କରୁଛନ୍ତି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବେହେରା ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏଥିରେ ରାଜ୍ୟ ସରକାର ସବୁମତେ ସହଯୋଗ କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ବନ୍ଦର ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଏହା ଉନ୍ନତି ଆଣିବ। ୨୦୨୫ ସୁଦ୍ଧା ପାରାଦୀପ ଦେଶର ଏକ ନମ୍ବର ଓ ୨୦୩୦ ସୁଦ୍ଧା ବିଶ୍ୱର ବୃହତ୍ ବନ୍ଦର ତାଲିକାରେ ସାମିଲ ହେବାକୁ ଯାଉଛି।

ସୂଚନାଯୋଗ୍ୟ, ଏହି ନଦୀ ଭିତ୍ତିକ ବନ୍ଦରକୁ ଓଡିଶା ସରକାର, ପାରାଦୀପ ବନ୍ଦର, ଆଇଡବ୍ଲ୍ୟୁଏଆଇ, ଇଫକୋ, ଏବଂ ଓଏସ୍‌ଏଲ (ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍)ମିଳିତ ଭାବେ କରିଛନ୍ତି। ନିର୍ମାଣ ଓ ପରିଚାଳନା କାମ ଓଏସ୍‌ଏଲ୍ କରୁଛି। ଏଥିପାଇଁ ୨୦୨୧ ଫେବୃୟାରୀ ୨୫ରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

## ସଂକ୍ଷେପରେ

### ପଞ୍ଚାୟତରେ ମିଳୁ ଭତ୍ତା ଟଙ୍କା

**ଅନୁଗୋଳ ଅଫିସ,୨୫।୪:** ଅନୁଗୋଳ ଜିଲା ରାଣୀଗୋଡ଼ା ପଞ୍ଚାୟତର ୬୦ରୁ ଅଧିକ ଭିନ୍ନକ୍ଷମ ବୃଦ୍ଧାବୃଦ୍ଧ ସୋମବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବା ସହ ଭତ୍ତା ଟଙ୍କା ପଞ୍ଚାୟତରେ ପ୍ରଦାନ ପାଇଁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପୂର୍ବରୁ ସେମାନଙ୍କୁ ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନଗଦ ଆକାରରେ ପଞ୍ଚାୟତ ଅଫିସରେ ପ୍ରଦାନ କରାଯାଉଥିଲା। ହେଲେ ଗତ ମାର୍ଚ୍ଚ ମାସ ଠାରୁ ନଗଦ ଟଙ୍କା ଦିଆ ନ ଯାଇ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦିଆଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏପରି ହେଲେ ଭତ୍ତା ଟଙ୍କା ପାଇଁ ସେମାନଙ୍କୁ ଅନୁଗୋଳ ସହରରେ ଥିବା ବ୍ୟାଙ୍କରେ ଲାଇନ ଲଗାଇ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡ଼ିବ। ଏହା ସେମାନଙ୍କ ପକ୍ଷେ ଅତ୍ୟଧିକ କଷ୍ଟକର। ତେଣୁ ପୂର୍ବପରି ପଞ୍ଚାୟତରେ ଭତ୍ତା ଟଙ୍କା ପ୍ରଦାନ ବ୍ୟବସ୍ଥା କରାଯାଉ ବୋଲି ଜିଲାପାଳଙ୍କ ନିକଟରେ ସେମାନେ ଦାବି କରିଛନ୍ତି।

### ୧୨୦ ଗ୍ରାମ ବ୍ରାଉନସୁଗାର ଜବତ



**ଅନୁଗୋଳ ଅଫିସ,୨୫।୪:** ଅନୁଗୋଳ ଜିଲା ଅବକାରୀ ବିଭାଗର ସଦର ଏବଂ ମୋବାଇଲ ରେଞ୍ଜ ପକ୍ଷରୁ ରବିବାର ଜରପଡ଼ା ଓ ନାଲ୍କୋ ଅଞ୍ଚଳରେ ଚଢ଼ାଉ କରାଯାଇ ଗଞ୍ଜେଇ ଓ ବ୍ରାଉନସୁଗାର ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଜରପଡା ଉପର ସାହିର ଆଦିତ୍ୟ ସାହୁଙ୍କଠାରୁ ୧୦ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ନାଲ୍କୋ ନିକଟସ୍ଥ ଗିରାଙ୍ଗ ଗାଁର ମୁନା ବେହେରାଙ୍କଠାରୁ ୧୨୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଉଭୟଙ୍କୁ ଗିରଫ କରାଯାଇଛି।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଦୁଗ୍ଧ ସମିତି କର୍ମଚାରୀ

**ଅନୁଗୋଳ ଅଫିସ,୨୫।୪:** ଅନୁଗୋଳ ଜିଲା ତୁକୁଡା ଦୁଗ୍ଧ ସମିତି କର୍ମଚାରୀମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଜରପଡା ଶାଖାସ୍ଥିତ ଏକ ବ୍ୟାଙ୍କରେ ସମିତିର ଜମା ଖାତା ରହିଛି। ସେହି ଆକାଉଣ୍ଟରୁ ବାରମ୍ବାର ଟ୍ୟାକ୍ସ ବାବଦରେ ଟଙ୍କା କଟିବାରେ ଲାଗିଛି। ଇତିମଧ୍ୟରେ ଆକାଉଣ୍ଟରୁ ୨ ଲକ୍ଷ ୧୩ ହଜାର ଟଙ୍କା କଟି ସାରିଲାଣି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଜଣାଇଥିଲେ ମଧ କିଛି ଲାଭ ମିଳିନି। ଏଥିସହ ସରକାରଙ୍କ ତରଫରୁ କରୋନା ସହାୟତା ସ୍ୱରୂପ ଗୋଖାଦ୍ୟ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ତୁକୁଡା ଦୁଗ୍ଧ ସମିତି ଚାଷୀମାନେ ସେଥିରୁ ବଞ୍ଚିତ ହୋଇଛନ୍ତି। ଏଣୁ ଏହି ଦୁଇ ସମସ୍ୟାର ତୁରନ୍ତ ସମାଧାନ ପାଇଁ କର୍ମଚାରୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### କୋଇଲା ଚାଲାଣ, ୨ ଗିରଫ

**କଣିହାଁ,୨୫।୪(ଡି.ଏନ.ଏ.):** ବାଇକ୍‌ରେ କୋଇଲା ଚୋରା ଚାଲାଣ ଅଭିଯୋଗରେ କଣିହାଁ ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରିଛି। ପୋଲିସ କହିଛି, ପାଟ୍ରୋଲିଂ ବେଳେ ଦାୟିତ୍ୱରେ ଥିବା ଏଏସ୍‌ଆଇ ଅମୀର ଦାସ ଦୁଇଟି ବାଇକ୍‌ରେ ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମର ଯୁବକ ସାଗର ପ୍ରଧାନ ଓ ଅନନ୍ତ ସାହୁ ଚୋରା କୋଇଲା ନେଉଥିବା ବେଳେ ଧରିଥିଲେ। ଉଭୟଙ୍କ ବାଇକ୍ ସହିତ ୩ କୁଇଣ୍ଟାଲ କୋଇଲା ଜବତ ହୋଇଛି। ୨ ଅଭିଯୁକ୍ତଙ୍କୁ ନଂ. ୧୦୦/୨୨ରେ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ପାରଦ ସହ ପାଣି ସମସ୍ୟା



ବିଲେଇନାଳୀ ପଞ୍ଚାୟତ ଧଉରାଗୋଠ ଗ୍ରାମରେ ଥିବା ପୋଖରୀ ଶୁଖିଲା ପଡ଼ିଛି।

- ଅନୁଗୋଳ ଜିଲାରେ ଜାରି ରହିଛି ଅଗ୍ନିବର୍ଷା
- ପ୍ରବଳ ତାତିରେ ସନ୍ତୁଳି ହେଉଛି ଜନଜୀବନ
- ଜଳ ସଙ୍କଟ ଯୋଗୁ ଲୋକେ ଅସ୍ତବ୍ୟସ୍ତ

**ବଇଣ୍ଡା,୨୫।୪ (ପରିକ୍ଷିତ ସାହୁ)**

କିଛି ଦିନ ହେବ ଅନୁଗୋଳ ଜିଲାରେ ଜାରି ରହିଛି ଅଗ୍ନିବର୍ଷା। ୪୦ ଡିଗ୍ରୀ ତଳକୁ ଖସୁନି ପାରଦ। ଦେହ ଜଳାଇଦେବା ଭଳି ଖରା ସାଙ୍ଗକୁ ମଧ୍ୟାହ୍ନର ତତଲା ପବନରେ ସନ୍ତୁଳି ହେଉଛି ଜନଜୀବନ। ବଢୁଥିବା ତାତିକୁ ନେଇ ସମସ୍ତେ ଚିନ୍ତାରେ ଥିବାବେଳେ ପାନୀୟ ଜଳ ସଙ୍କଟ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ବିଶେଷକରି ଗ୍ରୀଷ୍ମ ପ୍ରବାହର ଠିକଣା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ଉପରେ ସେତେଟା ଗୁରୁତ୍ୱ ଦିଆଯାଇ ନ ଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ଆକାର ଧାରଣ କରିଥିବା ଅଭିଯୋଗ ହେଉଛି।

ଗତ ୨୩ ତାରିଖରେ ୪୨.୧ ଡିଗ୍ରୀ ତାପମାତ୍ରା ସହ ଅନୁଗୋଳ ରାଜ୍ୟର ସବୁଠୁ ଉତ୍ତପ୍ତ ଜିଲା ଥିଲା। ୨୪ ତାରିଖରେ ଜିଲାର ତାପମାତ୍ରା ୪୩.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ୨୫ ତାରିଖ ସୋମବାର ଅନୁଗୋଳର ତାପମାତ୍ର ୪୩.୭ ଡିଗ୍ରୀ ରହିଥିଲା। ୩ ଦିନ ହେଲା ଜିଲାରେ ପାରଦ ଉପରମୁହାଁ ରହିଥିବାରୁ ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହ ଆହୁରି କଷ୍ଟକର ହୋଇପଡ଼ିବ ବୋଲି ସୂଚନା ମିଳୁଛି। ଏପରି ସମୟରେ ପ୍ରଶାସନ ପକ୍ଷରୁ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ଆଠମଲ୍ଲିକ ଉପଖଣ୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଂଶୁଘାତର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆ ଯାଇ ନ ଥିବାବେଳେ କେଉଁଠି କାଁ ଭାଁ ଜଳଛତ୍ର ଖୋଲାଯାଇଛି। ଫଳରେ ପଥଚାରୀଙ୍କ ସମେତ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଉପଖଣ୍ଡର ୪୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ନଳକୂଅ, ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲେ ମଧ ତାହାକୁ ସଚଳ କରିବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଭୂତଳ ଜଳସ୍ତର ହ୍ରାସ ପାଇବା ସହ ଅନେକ କୂଅ, ପୋଖରୀ, ନାଳ, ଶୁଖି ଯାଇଥିବାବେଳେ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଜଙ୍ଗଲ ଗୁଡିକରେ ଥିବା ଜଳାଶୟ ଶୁଖିଯାଇଥିବାରୁ ବନ୍ୟଜନ୍ତୁ ପିଇବା ପାଣି ନ ପାଇ ଗାଁ ଭିତରକୁ ପଶି ଆସୁଛନ୍ତି। ସେହିପରି ଧଣ୍ଡାତୋପା, ମଇମୁରା, କରଡା ସିଙ୍ଗ, ଟାପଡୋଲ, ପେଡିପଥର, ରାଇନାଳୀ, ରାଣୀଭୂଇଁ, ଟକବା, ବାଦୀବାହାଳ, ମଧପୁର ଅଞ୍ଚଳରେ ଥିବା ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଥିବା ଯୋଗୁ ତାପମାତ୍ରା ଅଧିକ ବୃଦ୍ଧି ପାଉଥିବା ହଣ୍ଡପା ଗ୍ରାମବାସୀ କହିଛନ୍ତି। ଜଙ୍ଗଲ ନିଆଁ କିପରି ଆୟତ୍ତ ହେବ ଓ ଗ୍ରୀଷ୍ମ ପ୍ରବାହର ଉଚିତ ମୁକାବିଲା କରାଯିବ, ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ମୁକାବିଲା ବ୍ୟବସ୍ଥା କରାଯାଇଛି



ଗ୍ରୀଷ୍ମ ମୁକାବିଲା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କିଶୋରନଗର ଓ ଆଠମଲ୍ଲିକ ବ୍ଲକ ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ଅଚଳ ନଳକୂଅ, ଜଳ ପ୍ରକଳ୍ପ ମରାମତି ନିମନ୍ତେ କୁହାଯାଇଛି। ଜଳଛତ୍ର ମଧ ଖୋଲାଯାଇଛି।

-ଲଳିତ ମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ

### ପ୍ରଶାସନ ଜଳ ଯୋଗାଣ କରୁ



ପଥରଗଡ଼, ଭାଙ୍ଗମୁଣ୍ଡା ସହ ଅନେକ ଗ୍ରାମରେ ଏବେ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ନଳକୂଅଗୁଡିକରୁ ଲୌହଗୁଣ୍ଡ ବାହାରୁଥିବା ଯୋଗୁ ଲୋକେ ପାଣି ବ୍ୟବହାର କରୁନାହାନ୍ତି। ବ୍ଲକ ପ୍ରସାଶନ ପକ୍ଷରୁ ଜଳ ଯୋଗାଣ ଉପରେ ପଦକ୍ଷେପ ନିଆଯାଉ।

-ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ

### ଜୀବଜନ୍ତୁ ଗ୍ରାମାଭିମୁଖୀ ହେଲେଣି



ବହୁ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସେହିପରି ଜଙ୍ଗଲ ଜଳୁଥିଲେ ମଧ ତାହାକୁ ଲିଭାଯାଉନାହିଁ। ଫଳରେ ନିଆଁ ଓ ପାଣି ନ ପାଇ ବହୁ ଜୀବଜନ୍ତୁ ଗ୍ରାମାଭିମୁଖୀ ହେଉଛନ୍ତି। ଜଙ୍ଗଲରେ ଅସ୍ଥାୟୀ କୁଣ୍ଡ ନିର୍ମାଣ କରାଯାଉ।

-ଦିଲୀପ ପ୍ରଧାନ, ଅର୍ଜୁନଧରା

### ଭୂତଳ ଜଳସ୍ତର ହ୍ରାସପାଇଛି



ପେଡ଼ିପଥର ପଞ୍ଚାୟତର ଅନେକ ଗ୍ରାମକୁ ଜଳ ଯୋଗାଣ ହୋଇପାରୁନାହିଁ। ଭୂତଳ ଜଳସ୍ତର ହ୍ରାସ କାରଣରୁ ବହୁ ନଳକୂଅରୁ ପାଣି ବାହାରୁନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଗଲେ ଲୋକେ ଉପକୃତ ହୁଅନ୍ତେ।

-ଭରତ ଚନ୍ଦ୍ର ସାହୁ, ପେଡିପଥର ସରପଞ୍ଚ



ହଣ୍ଡପା ପଞ୍ଚାୟତ ଅର୍ଜୁନଧରା ଗ୍ରାମର ମହିଳାମାନେ ନଳକୂଅରୁ ପାଣି ନେବାକୁ ଧାଡ଼ି ବାନ୍ଧିଛନ୍ତି।

### ମଦ ଜବତ, ୫ ଗିରଫ

**ବଇଣ୍ଡା,୨୫।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ଦୁଧିଆନାଳି ଗ୍ରାମରେ ଚଢ଼ାଉ କରାଯାଇ ନରୋତ୍ତମ ମିର୍ଦ୍ଧାଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ବାଟିମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ପ୍ରଭାକର ମିର୍ଦ୍ଧାଙ୍କ ଘରୁ ୧୦୦ ଲିଟର ଦେଶୀ ମହୁଲି ସହ ୬୦୦ କେଜି ମହୁଲ ପୋଚ ଜବତ କରାଯାଇଛି। ଏଥିସହ ଦୁହିଁଙ୍କୁ ଗିରଫ କରାଯାଇଛି। ରବିବାର ରାତିରେ ହଣ୍ଡପା ଥାନା ଅଞ୍ଚଳର ଅରୁଣ ସାହୁଙ୍କ ଘରୁ ୬୦ ଲିଟର ଦେଶୀ ମହୁଲି ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଳବୀର ଗଡନାୟକ ଚଢ଼ାଉ କରି ମଦ ଜବତ କରିବା ସହ ଗିରଫ କରିଥିଲେ। ସେହିପରି ପାପସରା ଗ୍ରାମରେ ହଣ୍ଡପା ପୋଲିସ ଚଢ଼ାଉ କରି ପବିତ୍ର ପ୍ରଧାନଙ୍କ ଘରୁ ୧୦ ଲିଟର, ବଇଣ୍ଡା ଅଞ୍ଚଳର ଏମ୍. ସାହୁଙ୍କଠାରୁ ୧୦ ଲିଟର ବିଦେଶୀ ମଦ ଜବତ କରିଛି। ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୫।୪(ଡି.ଏନ.ଏ.)**

ଆଠମଲ୍ଲିକ ଥାନା ସରିଗିଶେଣି ଗ୍ରାମର ପ୍ରାଣବନ୍ଧୁ ବେହେରାଙ୍କୁ ସେହି ଗ୍ରାମର ଟଙ୍କଧର ମାଝି, ସଦା ମାଝି ରବିବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୯୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପ୍ରାଣବନ୍ଧୁଙ୍କର ଏକ ଗାଈ ଟଙ୍କଧରଙ୍କ ଘର ଆଡକୁ ଯାଇ ଫସଲ ଖାଇଦେଇଥିବାବେଳେ ଏହାକୁ କେନ୍ଦ୍ର କରି ପ୍ରାଣବନ୍ଧୁଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୦ ଲକ୍ଷ



ହୁଣ୍ଡିରୁ ବାହାରିଥିବା ଟଙ୍କା ଗଣତି ହେଉଛି।

**ତାଳଚେର,୨୫।୪(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲାଯାଇ ଅର୍ଥ ଗଣତି କରାଯାଇଛି। ଟ୍ରଷ୍ଟବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର କୁମାର ସିଂହ, ସନ୍ତୋଷ କୁମାର ପ୍ରଧାନ, ଗଗନ ବିହାରୀ ସାହୁଙ୍କ ସହ ରାଜସ୍ୱ ନିରୀକ୍ଷକ ସୁବୋଧ ଦାସ ଓ କନିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲାଯାଇ ମୋଟ ୧୦ ଲକ୍ଷ ୪ ହଜାର ୨ ଶହ ୧୦ ଟଙ୍କା ସଂଗ୍ରହ କରାଯାଇଥିଲା। ଏଥିରେ ପଞ୍ଚାନନ ବେହେରା, ପ୍ରତାପ ବେହେରା, ମଳୟ ମହାନ୍ତି, ତପନ ଜ୍ୟୋତିଷ, ମାନସ ସ୍ୱାଇଁ, ସୁମନ୍ତ ବେହେରା, ବିକାଶ ପ୍ରଧାନ, ବିଷ୍ଣୁସେନ ପଡିଆର, ସୁଶାନ୍ତ ବେହେରା, ବିନୟ କୁମାର ମହାନ୍ତି, ଅଜିତ ସାମଲ, ରାକେଶ ପଣ୍ଡା, ଅନୀଲ ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରଦୀପ ସାମଲ, ରାକେଶ ପଣ୍ଡା, ଅଜୟ ସାହୁ ଓ ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ



ରତ୍ନମୁଦ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

**ବଇଣ୍ଡା,୨୫।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାଇଶିଣା ଗ୍ରାମରେ ନିର୍ମାଣ ହେଉଥିବା ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବହୁ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ସାମିଲ ହୋଇ ପାଣି ଆଣିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗଦେଇ ମନ୍ଦିରରେ ଅଷ୍ଟଧାତୁ ଦେଇ ରତ୍ନମୁଦ କାର୍ଯ୍ୟକ୍ରମ କରିଥିଲେ। ଏହି ଉତ୍ସବରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ପ୍ରଧାନ, ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ସରପଞ୍ଚ ଅଜୟ କୁମାର ପ୍ରଧାନ, କାଳନ୍ଦୀ ଚରଣ ପ୍ରଧାନଙ୍କ ସମେତ ବହୁ ଅତିଥି ଯୋଗଦେଇଥିଲେ। ଗ୍ରାମବାସୀ ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ।

## ବ୍ୟବସାୟୀମାନଙ୍କ ସମସ୍ୟାର ସମାଧାନ ହେବ

### ଶପଥ ନେଲେ ସିଏଆଇଟି କର୍ମକର୍ତ୍ତା

**ଅନୁଗୋଳ ଅଫିସ,୨୫।୪**

ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ଅନୁଗୋଳ ଜିଲା ଶାଖାର ତୃତୀୟ ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚିତ ଅଧ୍ୟକ୍ଷ ରାଜକୁମାର ଶୁକ୍ଳା ଏବଂ ରାଜେଶ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ମହାସଂଘର ଜାତୀୟ ସାଧାରଣ ସମ୍ପାଦକ ପ୍ରବୀନ ଜି ଖଣ୍ଡେଲୱାଲ, ଜାତୀୟ ଉପାଧ୍ୟକ୍ଷ ବ୍ରିଜ ମୋହନ ଅଗ୍ରୱାଲ, ରାଜ୍ୟ ସଭାପତି ସୁଧାକର ପଣ୍ଡା ଏବଂ ଜାତୀୟ ଉପସଭାପତି ଜିତେନ୍ଦ୍ର ଗୁପ୍ତା ଯୋଗଦାନ କରିଥିଲେ। ଜାତୀୟ ଉପସଭାପତି ଜିତେନ୍ଦ୍ର ଗୁପ୍ତା ସ୍ୱାଗତ ଭାଷଣ ଦେବା ସହ ଅନୁଗୋଳ ଶାଖା ଗଠନ କରିବାର ଉଦ୍ଦେଶ୍ୟ ଓ ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଜାତୀୟ ସାଧାରଣ ସମ୍ପାଦକ ପ୍ରବୀନ ଜି ଖଣ୍ଡେଲୱାଲ ଅନୁଗୋଳର ନୂତନ ନିର୍ବାଚିତ ଅଧ୍ୟକ୍ଷ ରାଜ କୁମାର ଶୁକ୍ଳା, ସଭପତି ରମେଶ ଚନ୍ଦ୍ର ସାହ, ସମ୍ପାଦକ ରୋହିତ କୁମାର ଲିହାଲା, କୋଷାଧ୍ୟକ୍ଷ ମାନସ ଅଗ୍ରୱାଲ, ସ୍କିନିଂ କମିଟି ଅଧ୍ୟକ୍ଷ ଆନନ୍ଦ କୁମାର ଅଗ୍ରୱାଲା, ଉପସଭାପତି କୈଳାସ ଚନ୍ଦ୍ର ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ସହ ସମ୍ପାଦକ ଶ୍ରୀରାମ ମାଣ୍ଡୋଠିଆ, ଲୋକସମ୍ପର୍କ ଅଧିକାରୀ ଜଗନ୍ନାଥ ଅଗ୍ରୱାଲ ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଏହାପରେ ସଭାପତି ସାହ ନୂତନ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ। ସମ୍ପାଦକ ରୋହିତ କୁମାର ଲିହାଲା ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରତିଷ୍ଠା ଦିବସ ଅବସରରେ ସିଏଆଇଟି କର୍ମକର୍ତ୍ତାମାନେ।

## ଆମ ଆଦ୍‌ମୀ ପାର୍ଟି ପକ୍ଷରୁ ଦସ୍ତଖତ ଅଭିଯାନ



ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା ଗ୍ରାମବାସୀ।

**ବଇଣ୍ଡା,୨୫।୪(ଡି.ଏନ.ଏ.)**

କିଶୋରନଗର ବ୍ଲକର ନାକିଚି, ବାମୁର ଅଞ୍ଚଳରେ ସୋମବାର ଆମ ଆଦ୍‌ମୀ ପାଟି ପକ୍ଷରୁ ଓଡ଼ିଶାରେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ପାର୍ଟିର ନେତା ପ୍ରସାଦୀ ବେହେରା, ମିଳନ ବିଶ୍ୱାଳ, ବିଷ୍ଣୁ ଚରଣ ବାରିକ, ଲିଟୁ ପ୍ରଧାନ ପ୍ରମୁଖ ନାକିଚି, ବାମୁର ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭେଟି ଦସ୍ତଖତ ଅଭିଯାନରେ ସାମିଲ କରୁଛନ୍ତି। ପାର୍ଟି ପକ୍ଷରୁ କୁହାଯାଉଛି, ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହେଉଥିଲେ ମଧ ଉଚ୍ଚ ଦରରେ ଲୋକେ କିଣି ବ୍ୟବହାର କରୁଛନ୍ତି। ଓଡ଼ିଶାରେ କମ୍ପାନୀ ପ୍ରୀତି ଯୋଗୁ ଲୋକେ ଏପରି ଶୋଷଣର ଶିକାର ହେଉଛନ୍ତି। ବିଶେଷକରି ଓଡ଼ିଶାରେ ଆମ୍ ଆଦମୀ ପାର୍ଟି ସରକାର ଗଢ଼ିଲେ ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ୍ ବିଜୁଳି ମାଗଣାରେ ବଣ୍ଟନ କରାଯିବ ବୋଲି କୁହାଯାଇ ଦସ୍ତଖତ ନିଆଯାଉଛି।

## ମୌଳିକ ସମସ୍ୟା ଉପରେ ଆଲୋଚନା




ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

### ନୋଟାରି ମହାସଂଘ କାର୍ଯ୍ୟକାରୀ କମିଟି ବୈଠକ

**ଅନୁଗୋଳ ଅଫିସ,୨୫।୪**

ନିଖିଳ ଓଡ଼ିଶା ନୋଟାରି ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ କଟକ କାଳୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ମହେନ୍ଦ୍ର କୁମାର ବସ୍ତିଆ, ସାଧାରଣ ସମ୍ପାଦକ ନଳିନୀକାନ୍ତ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ସଂଘମିତ୍ର ବହେରାଙ୍କ ଅକାଳ ବିୟୋଗ ହୋଇଥିବାରୁ ଉକ୍ତ ପଦବୀ ସର୍ବସମ୍ମତିକ୍ରମେ ଉପସଭାପତି ଅଖିଳ କୁମାର ରଥଙ୍କୁ ଅର୍ପଣ କରାଯାଇଥିଲା। ସଂଘ ସମ୍ପାଦକ (ପ୍ରଶାସନ) ନଟବର ପଣ୍ଡାଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା। ନୋଟାରିମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉକ୍ତ ସଭାରେ ମହାସଂଘ ତରଫରୁ ବିଭିନ୍ନ ଦାବି ବିଷୟରେ ସନ୍ତୋଷ କୁମାର ଭୂୟାଁ, ଦୀପନ କୁମାର ମହାନ୍ତି, ରାଧାରମଣ ଦାସ, ପ୍ରଦୀପ୍ତ କିଶୋର ମହାପାତ୍ର, ଗଙ୍ଗାରାମ ବେହେରା, ଦୟାନିଧି ଦାସ, ଦିଲୀପ କୁମାର ବରାଳ, ଦୀପକ କୁମାର ପୁରୋହିତ, ବେଣୁଧର ସାହୁ, ପ୍ରମୋଦ ସାହୁ, ଗୋଲାପ ବିହାରୀ ସୂତାର, ବିଳେଶ୍ୱର ମହାନ୍ତି, ଜନ୍ମେଜୟ ରାଉତରାୟ, ଅମ୍ବିକା ପ୍ରସାଦ ସାମଲ ଓ ଚନ୍ଦ୍ରକାନ୍ତ ପାତ୍ର ଆଲୋଚନା କରିଥିଲେ। ଉକ୍ତ ସଭାକୁ ଅରୁଣ କୁମାର ମଲ୍ଲିକ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ବିଷ୍ଣୁପ୍ରିୟା ବେହେରା ଓ ରବୀନ୍ଦ୍ର କୁମାର ପରିଡ଼ା ପରିଚାଳନା କରିଥିଲେ।

## ଉପାନ୍ତ ଅଞ୍ଚଳକୁ ଆମ୍ବୁଲାନ୍ସ ପ୍ରଦାନ

**ଖମାର,୨୫।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳ ବାନ୍ଧଭୂଇଁ ପଞ୍ଚାୟତ ଜମରଡିହଠାରେ ଥିବା ଡାକ୍ତରଖାନାକୁ ରବିବାର ବିକାଶ ଫାଉଣ୍ଡେଶନ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଫାଉଣ୍ଡେଶନ ମୁଖ୍ୟ ମୃଦଳା ଠାକୁର ପ୍ରଧାନ ପ୍ରଥମେ ପାଲଲହଡା ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବୀରାଙ୍କ ଦର୍ଶନ କରିବା ପରେ ଜମରଡିହ ଅଭିମୁଖେ ବାହାରିଥିଲେ। ସେଠାରେ ଆମ୍ବୁଲାନ୍ସର ଶୁଭ ଉଦ୍‌ଘାଟନ କରିଥିଲେ। ଉପାନ୍ତ ଅଞ୍ଚଳ ହୋଇଥିବାରୁ ସରକାରୀ ଭାବେ ପହଞ୍ଚିପାରୁ ନାହିଁ। ତେଣୁ ସହାୟତା ଏହି ଅଞ୍ଚଳରେ ଠିକ୍ ଫାଉଣ୍ଡେଶନ ପକ୍ଷରୁ ପ୍ରାଥମିକ ଭାବେ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ଉପାନ୍ତ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କୁ ଫାଉଣ୍ଡେଶନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇବାରେ ସହଯୋଗ କରାଯିବ ବୋଲି ଫାଉଣ୍ଡେଶନ ମୁଖ୍ୟ ଠାକୁର ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ସମିତି ସଭ୍ୟା ଗୌରୀ ହାଇବ୍ରୁଙ୍କ ସମେତ ଜମରଡିହ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ଆମ୍ବୁଲାନ୍ସ ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଫାଉଣ୍ଡେଶନ ମୁଖ୍ୟ ଓ ଅନ୍ୟମାନେ।

## ନେପାଳରେ ଦୁର୍ଘଟଣା: ୪ ଭାରତୀୟ ମୃତ

ନେପାଳର ଧାଡିଙ୍ଗ ଜିଲାରେ ବସ୍-କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଭାରତୀୟ ପର୍ଯ୍ୟଟକ ଓ ଜଣେ ନେପାଳୀ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ରବିବାର ବିଳମ୍ବିତ ରାତିରେ ଠାକ୍ରେ ଅଞ୍ଚଳ ଅନ୍ତର୍ଗତ ପୃଥ୍ୱୀ ହାଇୱେର ଏହି ଦୁର୍ଘଟଣା ଘଟିଛି। ଭାରତୀୟ ପର୍ଯ୍ୟଟକମାନେ ପୋଖରା ଭ୍ରମଣ କରି କାର୍‌ରେ କାଠମାଣ୍ଡୁ ଫେରୁଥିବାବେଳେ ବସ୍‌ଟି ଧାଡ଼ିଙ୍ଗ୍‌ରୁ କାଠମାଣ୍ଡୁ ଯାଉଥିଲା। ମୃତକମାନେ ଉତ୍ତରପ୍ରଦେଶର ବୋଲି ଜଣାପଡ଼ିଛି।

### ସଂକ୍ଷେପରେ

## ଜାମିନ ପରେ ପୁଣି ଗିରଫ ହେଲେ ବିଧାୟକ ଜିଗ୍ନେଶ



**ଗୁଆହାଟୀ,୨୫।୪ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମାନହାନିକାରୀ ଟୁଇଟ୍ କରିବା ମାମଲାରେ ଗିରଫ ଗୁଜରାଟ ବିଧାୟକ ଜିଗ୍ନେଶ ମେଭାନିଙ୍କୁ ଆସାମର ଏକ ଅଦାଲତ ସୋମବାର ଜାମିନ ପ୍ରଦାନ କରିବା ପରେ ତାଙ୍କୁ ଅନ୍ୟ ଏକ ମାମଲାରେ ପୁଣିଥରେ ଗିରଫ କରାଯାଇଛି। ଅଫିସରଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିବା ଅଭିଯୋଗରେ ଆସାମ ବାରପେଟା ପୋଲିସ ତାଙ୍କୁ ଗିରଫ କରିଥିବା କହିଛି। ଆସାମ କୋକ୍ରାଝରର ଜଣେ ଭାଜପା ନେତା ଅରୂପ କୁମାର ଦେ'ଙ୍କ ଅଭିଯୋଗ କ୍ରମେ ଜିଗ୍ନେଶଙ୍କୁ ପ୍ରଥମେ ଗୁରୁବାର ଗୁଜରାଟର ପାଲାନପୁରରୁ ଆସାମ ପୋଲିସ ଟିମ୍ ଗିରଫ କରିଥିଲା। ତାଙ୍କ ଗିରଫଦାରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ରାଜନୈତିକ ଷଡ଼ଯନ୍ତ୍ର ବୋଲି ଜିଗ୍ନେଶ ଅଭିଯୋଗ କରିଥିଲେ। ସୋମବାର ଗିରଫଦାରି ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଷଡ଼ଯନ୍ତ୍ର। ସେମାନେ ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଲାଗି ଏଭଳି କରିଥିବା ଜିଗ୍ନେଶ ଖବରଦାତାମାନଙ୍କୁ କହିଛନ୍ତି। ୪୧ ବର୍ଷୀୟ ବିଧାୟକଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର, ଉପାସନା ପୀଠରେ ଅପରାଧ, ଧର୍ମୀୟ ଭାବନାକୁ ଉତ୍ତେଜିତ କରିବା ଓ ଶାନ୍ତି ଭଙ୍ଗ ପାଇଁ ଉସୁକାଇବା ଆଦି ଅଭିଯୋଗ ହୋଇଛି।

## ୧୬ ୟୁଟ୍ୟୁବ୍ ଚ୍ୟାନେଲ ବ୍ଲକ୍ କଲା କେନ୍ଦ୍ର

**ନୂଆଦିଲ୍ଲୀ,୨୫।୪:** ରାଷ୍ଟ୍ର ବିରୋଧୀ ମିଥ୍ୟା ଖବର ପ୍ରସାରଣ ନେଇ କେନ୍ଦ୍ର ସରକାର ସୋମବାର ୧୬ଟି ୟୁଟ୍ୟୁବ୍ ନ୍ୟୁଜ୍ ଚ୍ୟାନେଲ୍ ବ୍ଲକ୍ କରିଛନ୍ତି। ଏଗୁଡ଼ିକ ମଧ୍ୟରେ ୬ଟି ପାକିସ୍ତାନ ନ୍ୟୁଜ୍ ଚ୍ୟାନେଲ, ଗୋଟିଏ ଫେକ୍ ଫେସ୍‌ବୁକ ଆକାଉଣ୍ଟ ଓ ୧୦ଟି ଭାରତୀୟ ୟୁଟ୍ୟୁବ୍ ଚ୍ୟାନେଲ ରହିଛି, ଯାହାର ପାଖାପାଖି ୬୮ କୋଟି ଭ୍ୟୁୟର୍ସ ରହିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚ୍ୟାନେଲଗୁଡ଼ିକ ମିଥ୍ୟା ଖବର ପ୍ରସାରଣ ସାଙ୍ଗକୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରୁଥିଲେ। ତିନି ସପ୍ତାହ ପୂର୍ବେ ସରକାର ୧୮ଟି ୟୁଟ୍ୟୁବ୍ ଚ୍ୟାନେଲ ବ୍ୟାନ୍ କରିଥିଲେ। ଏହି ସବୁ ଚ୍ୟାନେଲ ଜାତୀୟ ସୁରକ୍ଷା, ଭାରତର ବୈଦେଶିକ ସମ୍ପର୍କ, ଭାରତୀୟ ସେନା, ଜମ୍ମୁ, କଶ୍ମୀର ବାବଦରେ ମିଥ୍ୟା ଖବର ପ୍ରସାରଣ କରୁଥିବା ଜଣାପଡ଼ିଛି।

## କୋଠା ଭୁଶୁଡ଼ି ୨ ମୃତ

**ନୂଆଦିଲ୍ଲୀ,୨୫।୪:** ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନଠାରେ ସୋମବାର ଅପରାହ୍ଣରେ ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ମାସେ ହେଲା ଉକ୍ତ ବିଲ୍ଡିଂର ମରାମତି କାମ ଚାଲିଥିଲା। ଶ୍ରମିକମାନେ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଏହା ଭୁଶୁଡ଼ି ପଡିବାରୁ ଭଗ୍ନାବଶେଷ ତଳେ ୭ ଜଣ ଦୀର୍ଘ ସମୟ ଚାପି ହୋଇ ରହିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଓ ଅଗ୍ନିଶମ ବାହିନୀ ସାମିଲ ହୋଇଥିଲେ। କଂକ୍ରିଟ୍ ଉଠାଇବା ଲାଗି କ୍ରେନ୍ ନିୟୋଜିତ ହୋଇଥିଲା।

## ୧,୪୩୯ କୋଟିର ହେରୋଇନ୍ ଜବତ

**ଅହମଦାବାଦ,୨୫।୪:** ।ଗୁଜରାଟର କାଣ୍ଡଲା ବନ୍ଦର ନିକଟରୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ୨୦୫.୬ କିଲୋଗ୍ରାମ ହେରୋଇନ୍ ଜବତ କରିଛି। ଏହାର ମୂଲ୍ୟ ୧,୪୩୯ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ପଞ୍ଜାବର ଜଣେ ଆମଦାନିକାରୀଙ୍କୁ ଗିରଫ କରାଯାଇଛି। ଗତବର୍ଷ ସେପ୍ଟେମ୍ବର-ଅକ୍ଟୋବର ମଧ୍ୟରେ କାଣ୍ଡଲା ବନ୍ଦରକୁ ଇରାନରୁ ଆସିଥିବା ୧୭ଟି କଣ୍ଟେନର ମଧ୍ୟରୁ ଗୋଟିଏରେ ଏହି ନିଶାଦ୍ରବ୍ୟ ମହଜୁଦ ରହିଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଗୁଜରାଟ ଏଟିଏସ୍ ଅଧିକାରୀ ଏବଂ ଡିଆର୍‌ଆଇ ଅଧିକାରୀମାନଙ୍କ ଗୋଇନ୍ଦା ତଥ୍ୟ ଆଧାରରେ କଣ୍ଟେନରଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଉତ୍ତରାଖଣ୍ଡର ଏକ କମ୍ପାନୀ ପାଇଁ ୧୭ଟି କଣ୍ଟେନରରେ ୧୦,୩୧୮ ବସ୍ତା ଜିପ୍‌ସମ୍ ଗୁଣ୍ଡ ଆସିଥିଲାବେଳେ ଗୋଟିଏ କଣ୍ଟେନରରେ ବେଆଇନ ଭାବେ ୨୦୫.୬ କିଲୋଗ୍ରାମ ହେରୋଇନ ଆସିଥିଲା। ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ଡିଆର୍‌ଆଇ ପକ୍ଷରୁ କୁହାଯାଇଛି।

# ପ୍ରତିରକ୍ଷା ବ୍ୟୟ ୨ ଟ୍ରିଲିୟନ ଡଲାର ଟପିଲା

## ଶକ୍ତି ବୃଦ୍ଧି ପାଇଁ ପ୍ରତିଯୋଗିତା

- ଭାରତର ଖର୍ଚ୍ଚ ବିଶ୍ୱରେ ୩ୟ ସର୍ବାଧିକ
- ଆଗରେ ଆମେରିକା, ଚାଇନା

ୱାଶିଂଟନ୍/ନୂଆଦିଲ୍ଲୀ, ୨୫।୪

କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ସତ୍ତ୍ୱେ ପ୍ରତିରକ୍ଷା ବ୍ୟୟ ବୃଦ୍ଧି ପାଇଛି। ୨୦୨୧ରେ ବିଶ୍ୱର ମୋଟ ସାମରିକ ବ୍ୟୟ ୨.୧ ଟ୍ରିଲିୟନ ଡଲାର ଟପିଛି। ଲଗାତର ୭ମ ବର୍ଷ ପାଇଁ ମିଲିଟାରୀ ଏକ୍ସପେଣ୍ଡିଚର ବଢ଼ିଥିବାବେଳେ ଆମେରିକା ସର୍ବାଧିକ ବ୍ୟୟକାରୀ ରାଷ୍ଟ୍ର ପାଲଟିଛି। ଏହା ତଳକୁ ଚାଇନା ଏବଂ ତୃତୀୟରେ ଭାରତ ରହିଛି। ଆମେରିକା ଗତ ବର୍ଷ ୮୦୧ ବିଲିୟନ ଡଲାର ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିଥିବାବେଳେ ଭାରତର ବ୍ୟୟ ୭୬.୬ ବିଲିୟନ ଡଲାର ରହିଥିବା ସ୍ୱିଡେନ୍‌ସ୍ଥିତ ଷ୍ଟକ୍‌ହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ଏକ ରିପୋର୍ଟ ପ୍ରକାଶ କରିଛନ୍ତି।

ରିପୋର୍ଟ ଅନୁସାରେ, ଆମେରିକା, ଚାଇନା, ଭାରତ, ବ୍ରିଟେନ ଏବଂ ରୁଷିଆର ପ୍ରତିରକ୍ଷା ବ୍ୟୟ ମୋଟ ଖର୍ଚ୍ଚର ୬୨%। ବିଶ୍ୱସ୍ତରରେ ସମୁଦାୟ ସାମରିକ ବ୍ୟୟ ୦.୭% ବଢ଼ିଛି। ୨୦୨୦ ତୁଳନାରେ ଭାରତର ପ୍ରତିରକ୍ଷା ବ୍ୟୟ ୦.୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୨ରେ ନୂଆଦିଲ୍ଲୀର ଡିଫେନ୍ସ ବଜେଟ ଗତବର୍ଷଠାରୁ ୩୩ ପ୍ରତିଶତ କମ୍ ଥିଲା। ସୀମାରେ ଚାଇନା ଓ ପାକିସ୍ତାନ ମଧ୍ୟରେ



ବିବାଦ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ସଶସ୍ତ୍ର ବାହିନୀର ଆଧୁନିକୀକରଣ ସହ ଅସ୍ତ୍ରଶସ୍ତ୍ର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପ୍ରାଥମିକତା ଦେଉଛି। ବିଶ୍ୱସ୍ତରରେ ମୋଟ ପ୍ରତିରକ୍ଷା ବ୍ୟୟ ମଧ୍ୟରୁ ଆମେରିକାର ଭାଗ ୩୮% ଏବଂ ଚାଇନା ଖର୍ଚ୍ଚ ୧୪% ବୋଲି ରିପୋର୍ଟରୁ ଜଣାପଡ଼ିଛି। ଆମେରିକା ପରେ ଦ୍ୱିତୀୟ ସ୍ଥାନରେ ଥିବା ଚାଇନା ଗତ ବର୍ଷ ପ୍ରାୟ ୨୯୩ ବିଲିୟନ ଡଲାର ଏହି କ୍ଷେତ୍ରରେ ବ୍ୟୟ କରିଛି। ବ୍ରିଟେନ୍ ୨ ସ୍ଥାନ ଉପରକୁ ଉଠି ଗତବର୍ଷ ୪ ନମ୍ବରରେ ପହଞ୍ଚିଛି। ୨୦୨୧ରେ ବ୍ରିଟେନ୍ ୬୮.୪ ବିଲିୟନ ଡଲାର ଖର୍ଚ୍ଚ କରିଛି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିବା ରୁଷିଆର ପ୍ରତିରକ୍ଷା ଖର୍ଚ୍ଚ ବଢ଼ି ୬୫.୯ ବିଲିୟନ ଡଲାର ରହିଛି। ରୁଷିଆ ଜିଡିପିର ୪.୧% ସାମରିକ ବ୍ୟୟରେ ଲାଗୁଛି। ୟୁକ୍ରେନ୍ ଯୁଦ୍ଧ କାରଣରୁ ମସ୍କୋ ଏହାର ଖର୍ଚ୍ଚ ବଢ଼ାଇଥିବା କୁହାଯାଇଛି। ୨୦୧୪ରେ ରୁଷିଆ କ୍ରିମିଆ ଉପଦ୍ୱୀପ କବ୍‌ଜା କରିବା ପରଠାରୁ ୟୁକ୍ରେନ୍‌ର ପ୍ରତିରକ୍ଷା ବ୍ୟୟ ୭୨% ବଢ଼ିଛି। ତେବେ ୨୦୨୧ରେ ୟୁକ୍ରେନ୍‌ର ଖର୍ଚ୍ଚ ୮% ଖସି ୫.୯ ବିଲିୟନ ଡଲାରରେ ପହଞ୍ଚିଥିଲେ ମଧ୍ୟ ଏହି ଅର୍ଥ ଏହାର ମୋଟ ଜିଡିପିର ୩.୨%। ଏଥିସହ ନାଟୋ ସଦସ୍ୟ ଦେଶଗୁଡ଼ିକ ମଧ୍ୟ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ବୃଦ୍ଧି କରିଛନ୍ତି। ଏହାର ୮ ସଦସ୍ୟ ରାଷ୍ଟ୍ର ଗତବର୍ଷ ସେମାନଙ୍କ ଜିଡିପିର ୨% ସାମରିକ ଖର୍ଚ୍ଚରେ ଲଗାଇବାର ଟାର୍ଗେଟ ପୂରଣ କରିଛନ୍ତି। ଦଶନ୍ଧି ଧରି ଆମେରିକା ଗବେଷଣା ଓ ବିକାଶ ଦିଗରେ ଏହାର ଖର୍ଚ୍ଚ ବୃଦ୍ଧି କରିଛି। ଏହି କ୍ଷେତ୍ରରେ ୱାଶିଂଟନ୍‌ର ବ୍ୟୟ ୨୪% ବଢ଼ିଥିବାବେଳେ ଅସ୍ତ୍ରଶସ୍ତ୍ର କ୍ରୟ ୬.୪% ହ୍ରାସ ପାଇଛି।

## ଗ୍ରୀଷ୍ମାବକାଶ ପରେ ଅନୁଚ୍ଛେଦ ୩୭୦ ଉଚ୍ଛେଦର ଶୁଣାଣି



ନୂଆଦିଲ୍ଲୀ,୨୫।୪ (ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ ଉପରେ ଶୁଣାଣି ଗ୍ରୀଷ୍ମାବକାଶ ପରେ କରିବାକୁ ସୁପ୍ରିମକୋର୍ଟ ସୋମବାର ରାଜି ହୋଇଛନ୍ତି। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ନିର୍ବାଚନ ମଣ୍ଡଳୀଗୁଡ଼ିକୁ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଚଳାଇଥିବାରୁ ପିଟିଶନର ଜରୁରୀ ଶୁଣାଣି ଲାଗି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶେଖର ନାଫାଡେ ନିବେଦନ କରିଥିଲେ। ମାମଲାକୁ ତାଲିକାଭୁକ୍ତ କରିବା ଲାଗି ଉଦ୍ୟମ କରୁଛୁ। ଏଥିପାଇଁ ୫ ଜଣିଆ ପୀଠ ପୁନର୍ଗଠନ କରିବେ ବୋଲି ସିଜେଆଇ କହିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ପୂର୍ବରୁ ୫ ଜଣିଆ ଖଣ୍ଡପୀଠରେ ବିଚାରାଧୀନ ରହିଥିବାବେଳେ ଏହାକୁ ୭ ଜଣିଆ ବେଞ୍ଚକୁ ପଠାଇବାର ଆବଶ୍ୟକ ନାହିଁ ବୋଲି ୨୦୨୦ ମାର୍ଚ୍ଚରେ ଅଦାଲତ କହିଥିଲେ।

## ଜୈବିକ ସାର ଉତ୍ପାଦନରେ ରେକର୍ଡ ହ୍ରାସ

ନୂଆଦିଲ୍ଲୀ,୨୫।୪ (ଆଇଏଏନ୍‌ଏସ୍)

ଭାରତ ୨୦୧୭-୧୮ ବର୍ଷରେ ୩୩୮.୭୨ ନିୟୁତ ଟନ୍ ଜୈବିକ ସାର ଉତ୍ପାଦନ କରିଥିବାବେଳେ ୨୦୨୦-୨୧ରେ ମାତ୍ର ୩.୮୮ ନିୟୁତ ଟନ୍ ଉତ୍ପାଦନ କରିଛି। ଜୈବିକ ତଥା ପ୍ରାକୃତିକ କୃଷିକୁ ପ୍ରାଧାନ୍ୟ ଦେଇ ଆଗେଇବାକୁ ହେଲେ ଦେଶବ୍ୟାପୀ ଏକ ଲକ୍ଷ୍ୟଭିତ୍ତିକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବା ଜରୁରୀ ବୋଲି ସିଏସ୍‌ଇ (ବିଜ୍ଞାନ ଓ ପରିବେଶ କେନ୍ଦ୍ର) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ଜୈବ ଖତ ଓ ଜୈବିକ ସାର ଉତ୍ପାଦନ ଓ ବ୍ୟବହାର ବଢ଼ାଇବା ପାଇଁ କେନ୍ଦ୍ର ସରକାର ଏକାଧିକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ପରମ୍ପରାଗତ କୃଷି ବିକାଶ ଯୋଜନା, ଉତ୍ତରପୂର୍ବାଞ୍ଚଳ ପାଇଁ ମିଶନ ଅର୍ଗାନିକ୍ ଭାଲ୍ୟୁ ଚେନ୍ ଡେଭେଲପମେଣ୍ଟ, ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଏବଂ ଜାତୀୟ ତୈଳବୀଜ ଓ ପାମ୍ ଅଏଲ୍ ମିଶନ ସେଥିରୁ ଅନ୍ୟତମ। ତେବେ ଏଥିରେ ବ୍ୟୟ ହେଉଥିବା ମୋଟ ପାଣ୍ଠି ପରିମାଣ ରାସାୟନିକ ସାର ଉପରେ ଦିଆଯାଉଥିବା ବାର୍ଷିକ ସବ୍‌ସିଡି ତୁଳନାରେ ଯଥେଷ୍ଟ କମ୍। କାରଣ ଦେଶରେ ମୋଟ ୧୪୦.୧ ନିୟୁତ ହେକ୍ଟର ଜମିରେ ଚାଷ ହେଉଥିବାବେଳେ ସେଥିରୁ ଉପରୋକ୍ତ ଯୋଜନାରେ ଜୈବିକ କୃଷି ହେଉଥିବା ଜମି ପରିମାଣ ପ୍ରାୟ ୨.୭ ପ୍ରତିଶତ ବୋଲି ସିଏସ୍‌ଇ ରିପୋର୍ଟରେ କୁହାଯାଇଛି। ୨୦୧୮ରୁ ୨୦୨୧ ମଧ୍ୟରେ ପରମ୍ପରାଗତ କୃଷି



ବିକାଶ ଯୋଜନା ପାଇଁ ୯୯୪ କୋଟି ଟଙ୍କା ମଞ୍ଜୁରୀ ହୋଇଥିବାବେଳେ ମିଶନ ଅର୍ଗାନିକ ଭାଲ୍ୟୁ ଚେନ୍ ଡେଭେଲପମେଣ୍ଟ ଯୋଜନାରେ ୪୧୬ କୋଟି, ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ଜୈବସାର ପାଇଁ ୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଅନ୍ୟ ପକ୍ଷରେ ରାସାୟନିକ ସାର ଉପରେ ସବସିଡି ପ୍ରତିବର୍ଷ ବଢ଼ିଚାଲିଛି। ୨୦୨୦-୨୧ରେ ଏହି ସବ୍‌ସିଡି ପରିମାଣ ୧,୩୧,୨୩୦ କୋଟି ଟଙ୍କା ରହିଥିଲା।

୩ ବର୍ଷ ମଧ୍ୟରେ ଜୈବିକ ସାର ଉତ୍ପାଦନ ଏତେମାତ୍ରାରେ ହ୍ରାସ ପାଇବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ତେବେ ୨୦୨୦-୨୧ରେ ମୋଟ ତରଳ ଜୈବସାର ଉତ୍ପାଦନ ୨୬,୪୪୨ କିଲୋଲିଟର ରହିଛି, ଯାହା ୨୦୧୪-୧୫ ତୁଳନାରେ ୫୫୨ ପ୍ରତିଶତ ଅଧିକ। ୨୦୨୦୨୧ରେ କ୍ୟାରିୟର ଭିତ୍ତିକ କଠିନ ଜୈବସାର ଉତ୍ପାଦନ ୧,୩୪,୩୨୩ ଟନ୍ ରହିଛି ଯାହା ୨୦୦୮-୦୯ ତୁଳନାରେ ୪୩୫ ପ୍ରତିଶତ ଅଧିକ।

### ହନୁମାନ ଚାଳିଶା ବିବାଦ

## ରାଣା ଦମ୍ପତିଙ୍କ ଆବେଦନ ହାଇକୋର୍ଟରେ ଖାରଜ

ମୁମ୍ବାଇ,୨୫।୪

ହନୁମାନ ଚାଳିଶା ବିବାଦରେ ଫସି ଗିରଫ ହୋଇଥିବା ମହାରାଷ୍ଟ୍ର ଏମ୍‌ପି ନବନୀତ ରାଣା ଓ ତାଙ୍କ ବିଧାୟକ ସ୍ୱାମୀ ରବି ରାଣାଙ୍କ ଏକ ପିଟିଶନକୁ ବମ୍ବେ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଗିରଫ ବେଳେ ସେମାନେ ପୋଲିସ ଅଫିସରଙ୍କୁ ଆକ୍ରମଣ କରିଥିବା ନେଇ ଦାଏର ଏତଲା ଖାରଜ ପାଇଁ ରାଣା ଦମ୍ପତି ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ମୁମ୍ବାଇ ବାସଭବନ ମାତୋଶ୍ରୀ ବାହାରେ ହନୁମାନ ଚାଳିଶା ପାଠ କରିବେ ବୋଲି ରାଣା ଦମ୍ପତି ଧମକ ଦେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ମସ୍‌ଜିଦଗୁଡ଼ିକରୁ ଡାକବାଜି ଯନ୍ତ୍ର ମେ' ୩ ସୁଦ୍ଧା ହଟା ନ ଗଲେ ଆଜାନକୁ ବିରୋଧ କରି ହନୁମାନ ଚାଳିଶା ଗାନ କରାଯିବ ବୋଲି ମହାରାଷ୍ଟ୍ର ନବନିର୍ମାଣ ସେନା ଅଧ୍ୟକ୍ଷ ରାଜ ଠାକ୍‌ରେ ଧମକ ଦେବା ପରେ ମହାରାଷ୍ଟ୍ର ରାଜନୀତି ଜୋର୍ ଧରିଛି। ମାତୋଶ୍ରୀ ବାହାରେ ହନୁମାନ ଚାଳିଶା ଗାନ କରିବେ ବୋଲି ଶନିବାର ରାଣା ଦମ୍ପତି ଘୋଷଣା କରି ଅଡୁଆରେ ପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେମାନେ ଉକ୍ତ ଯୋଜନାରୁ ଓହରିଯାଇଥିଲେ ହେଁ ଶନିବାର ରାତିରେ ମୁମ୍ବାଇ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ଜୁଡିସିଆଲ ଭିଷ୍ଟା ଉପରେ ନିଷ୍ପତ୍ତି ଜଣାଅ

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୫।୪ (ଆଇଏଏନ୍‌ଏସ୍)

ସୁପ୍ରିମକୋର୍ଟ ଭଲ ଭାବେ କାର୍ଯ୍ୟ କରିବା ଲାଗି 'ଜୁଡିସିଆଲ୍ ଭିଷ୍ଟା ନିର୍ମାଣ ଉପରେ ସର୍ବୋଚ୍ଚ ଅଦାଲତ ସୋମବାର କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଜାଣିବାକୁ ଚାହିଁଛନ୍ତି। ନ୍ୟାୟପାଳିକା ପାଇଁ ଜୁଡିସିଆଲ ଭିଷ୍ଟା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେବା ଲାଗି ହୋଇଥିବା ଆବେଦନ ଉପରେ ଜଷ୍ଟିସ ବିନୀତ ଶରଣ ଓ ଜେ.କେ. ମାହେଶ୍ୱରୀଙ୍କ ଖଣ୍ଡପୀଠ କହିଛନ୍ତି, ନିର୍ଦ୍ଦେଶ ଦେବାରେ ଅଦାଲତ କୁଣ୍ଠାବୋଧ କରିବେ ନାହିଁ। କିନ୍ତୁ ସରକାର ଏହା ଉପରେ ବିଚାର କରି ନିଷ୍ପତ୍ତି ନେବା ଖଣ୍ଡପୀଠ ଚାହାନ୍ତି ବୋଲି କହିଥିଲେ।

ସ୍ଥାନାଭାବରୁ ଆଇନଜୀବୀମାନେ ବାହାରେ ଛିଡ଼ା ହେଉଥିବା ଆବେଦନକାରୀ ଆଇନଜୀବୀ ଅର୍ଦ୍ଧେନ୍ଦୁମୌଳି କୁମାର ପ୍ରସାଦ ଉପସ୍ଥିତ ରହି ଖଣ୍ଡପୀଠଙ୍କୁ ଜଣାଇଥିଲେ। ସେଣ୍ଟ୍ରାଲ ଭିଷ୍ଟା ଭଳି ଯୋଜନାବଦ୍ଧ ଭାବେ ଜୁଡିସିଆଲ ଭିଷ୍ଟା ରହିବା ଏକ ତର୍କସଙ୍ଗତ ଓ ଠିକ୍ କଥା ବୋଲି ଖଣ୍ଡପୀଠ ମତ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାରକୁ ଧାର୍ଯ୍ୟ କରିବା ସହ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତରେ ଏକ କେନ୍ଦ୍ରୀୟ ଭିତ୍ତିଭୂମି କମିଟି ଗଠନ ଲାଗି ଆଇନ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକର ମତାମତ ଲୋଡ଼ିଥିବା ସରକାରଙ୍କ ପକ୍ଷର ଓକିଲ ଖଣ୍ଡପୀଠଙ୍କୁ କହିଥିଲେ। ସୁପ୍ରିମକୋର୍ଟର ବର୍ତ୍ତମାନର ପରିସର ନିକଟରେ ଜୁଡ଼ିସିଆଲ ଭିଷ୍ଟା ନିର୍ମାଣ ସହ କେନ୍ଦ୍ରୀୟ ନ୍ୟାୟିକ ଭିତ୍ତିଭୂମି ପାଣ୍ଠି କର୍ତ୍ତୃପକ୍ଷ ଗଠନ ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିଲା।

## ଚନ୍ଦ୍ରୟାନ-୩ ଫଟୋ ଛାଡ଼ିଲା ଇସ୍ରୋ

ବେଙ୍ଗାଲୁରୁ,୨୫।୪

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପ୍ରଥମ ଥର ଚନ୍ଦ୍ରୟାନ-୩ ମିଶନର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଚନ୍ଦ୍ରୟାନ-୩ ମିଶନ ଚଳିତ ବର୍ଷ ଅଗଷ୍ଟରେ ଲଞ୍ଚ ହେବାକୁ ଥିବାବେଳେ ଏହାର ସଂଚାଳକ ଶକ୍ତି ପରୀକ୍ଷଣ ଜାରିଥିବା ଇସ୍ରୋ ମୁଖ୍ୟ ଏସ୍. ସୋମନାଥ କହିଛନ୍ତି। ଏହି ମୁନ୍ ମିଶନର ଡକ୍ୟୁମେଣ୍ଟାରି ଟାଇଟଲ 'ସ୍ପେସ୍ ଅନ୍ ୱିଲ୍ସ'ରଖାଯାଇଛି। ୨୦୨୦ରେ ଚନ୍ଦ୍ରୟାନ-୩ ଲଞ୍ଚ ହେବା ନେଇ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ କରୋନା ମାହାମାରୀ କାରଣରୁ ଏଥିରେ ବିଳମ୍ବ ହୋଇଥିଲା। ୨୦୧୯ ଜୁଲାଇ ୨୨ରେ



ଚନ୍ଦ୍ରୟାନ-୨ ଲଞ୍ଚ କରାଯାଇଥିଲା। ହେଲେ ଚନ୍ଦ୍ରପୃଷ୍ଠ ଭାଗ ଛୁଇଁବା ପୂର୍ବରୁ ଲ୍ୟାଣ୍ଡର କ୍ରାସ୍ କରିଯାଇଥିଲା। ଫଳରେ ମିଶନ ଅସଫଳ ହୋଇଥିଲା।

# ଯୁଦ୍ଧ ଜିତୁଛି ୟୁକ୍ରେନ୍

## ଲକ୍ଷ୍ୟ ହାସଲରେ ରୁଷିଆ ବିଫଳ: ବ୍ଲିଙ୍କେନ୍

କିଭ୍, ୨୫।୪

ୟୁକ୍ରେନ୍ ଉପରେ ଆକ୍ରମଣ କରି ଲକ୍ଷ୍ୟ ହାସଲ କରିବାରେ ରୁଷିଆ ବିଫଳ ହୋଇଛି। ବିଜୟ ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପ୍ରତିବଦ୍ଧତା ଏବଂ ଆତ୍ମବିଶ୍ୱାସ ରହିଛି। ରୁଷିଆ ବିରୋଧରେ ୟୁକ୍ରେନ୍ ଯୁଦ୍ଧ ଜିତୁଛି ବୋଲି କିଭ୍‌ରେ ଜେଲେନ୍‌ସ୍କିଙ୍କ ସହ ବୈଠକ ପରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ସମ୍ପୂର୍ଣ୍ଣ ବିଜୟ ପାଇଁ ଆମେରିକା ୟୁକ୍ରେନ୍‌କୁ ସବୁ ପ୍ରକାର ସହାୟତା ଯୋଗାଇଦେବ ବୋଲି ସେ ପ୍ରକାଶ କରିଛନ୍ତି। ବ୍ଲିଙ୍କେନ୍‌ଙ୍କ ସହ କିଭ୍ ଗସ୍ତ କରିଥିବା ଆମେରିକା ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍ ପୋଲାଣ୍ଡରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏବେ ୟୁକ୍ରେନ୍‌ରେ ଯୁଦ୍ଧର ସ୍ଥିତି ବଦଳିଛି। ରୁଷିଆ ଉତ୍ତର ୟୁକ୍ରେନ୍‌ରୁ ଫେରି ଡୋନ୍‌ବାସ ଅଞ୍ଚଳରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ଏଥିଯୋଗୁ ୟୁକ୍ରେନ୍‌ର ସାମରିକ ଆବଶ୍ୟକତା



କିଭ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ( ମଝି)ଙ୍କ ସହ ଆମେରିକା ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍ (ବାମ) ଓ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍।

ବଢ଼ିଛି। ଜେଲେନ୍‌ସ୍କି ଏବେ ଅଧିକ ଯୁଦ୍ଧାସ୍ତ୍ର ଯୋଗାଣକୁ ଗୁରୁତ୍ୱ ଦେଇଛନ୍ତି। ଜିତିବାର ବିଶ୍ୱାସ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ନିକଟରେ ରହିଛି। ତାଙ୍କୁ ଆବଶ୍ୟକ ସାମରିକ ସହାୟତା ଓ ସମର୍ଥନ ମିଳିଲେ ୟୁକ୍ରେନ୍ ଯୁଦ୍ଧରେ ବିଜୟ ଲାଭ କରିବ। ଆମେରିକା ଏହି ସହାୟତା ଦେବାକୁ ପ୍ରସ୍ତୁତ ବୋଲି ଅଷ୍ଟିନ୍ କହିଛନ୍ତି।

### ୩୦୦ ନିୟୁତ ଡଲାର ସାମରିକ ସହାୟତା ଘୋଷଣା କଲା ଆମେରିକା

ଏହି ପୂର୍ବ ୟୁରୋପୀୟ ଦେଶକୁ ଆମେରିକା ଅତିରିକ୍ତ ୩୦୦ ମିଲିୟନ ଡଲାରର ସାମରିକ ସହାୟତା ଦେବାକୁ ଘୋଷଣା କରିଥିବାବେଳେ ଗୁଳିଗୋଳା କିଣିବା ନିମନ୍ତେ ୧୬୫ ମିଲିୟନ ଡଲାରକୁ ମଞ୍ଜୁରୀ ଦେଇଥିବା ବ୍ଲିଙ୍କେନ୍ କହିଛନ୍ତି। ଆମେରିକା ଚାହେଁ ୟୁକ୍ରେନ୍ ଏକ ସ୍ୱାଧୀନ ଦେଶ ହୋଇ ରହିବା ସହ ନିଜ ସାର୍ବଭୌମତ୍ୱକୁ ରକ୍ଷା କରିବାରେ ସଫଳ ହେଉ ଏବଂ ରୁଷିଆ ଦୁର୍ବଳ ହୋଇ କେବେ ଅନ୍ୟ ରାଷ୍ଟ୍ରକୁ ଆକ୍ରମଣ କରିବା ସ୍ଥିତିରେ ନ ରହୁ ବୋଲି ଅଷ୍ଟିନ୍ ପ୍ରକାଶ କରିଛନ୍ତି। ଏଥିସହ ଖୁବଶୀଘ୍ର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍ ରାଷ୍ଟ୍ରଦୂତ ଭାବେ ବ୍ରିଡ୍‌ଗେଟ୍ ବ୍ରିଙ୍କ୍‌ଙ୍କୁ ନିଯୁକ୍ତ କରିବେ ବୋଲି ସୂଚନା ରହିଛି।

## ରୁଷିଆର ତୈଳ ଡିପୋ ଜଳିଗଲା

**ମସ୍କୋ, ୨୫।୪:** ୟୁକ୍ରେନ୍ ସୀମା ନିକଟ ରୁଷୀୟ ସହର ବ୍ରିୟାନ୍‌ସ୍କରେ ଥିବା ଏକ ତୈଳ ଡିପୋ ସୋମବାର ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣାପଡି ନ ଥିବାବେଳେ କେହି ମୃତାହତ ହୋଇଥିବା ନେଇ ଜଣାପଡ଼ିନାହିଁ। ପ୍ରଥମେ ବଡ଼ ଧରଣର ବିସ୍ଫୋରଣ ଶବ୍ଦ ହେବା ପରେ ସ୍ଥାନୀୟ ଲୋକେ ସେଠାରେ ସାଇରନ୍ ଶୁଣିବାକୁ ପାଇଥିଲେ। ଏଥିରେ ୧୦ ହଜାର ଟନ୍‌ର ଡିଜେଲ ଟ୍ୟାଙ୍କରେ ନିଆଁ ଲାଗିଥିବା କୁହାଯାଉଛି। ସେହିପରି ଫୋକିନ୍‌ସ୍କି ଜିଲାରେ ଆଉ ଏକ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ଗୁରୁବାର ରୁଷିଆର ଏକ ମିଲିଟାରୀ ରିସର୍ଚ୍ଚ ଫ୍ୟାକ୍ଟ୍ରିରେ ନିଆଁ ଲାଗି ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏହାର କାରଣ ମଧ୍ୟ ଜଣାପଡ଼ିନାହିଁ।

## ନାଟୋ ସଦସ୍ୟତା ପାଇଁ ଆବେଦନ କରିବେ ଫିନ୍‌ଲାଣ୍ଡ, ସୁଇଡେନ

ବ୍ରସେଲ୍ସ, ୨୫।୪

ରୁଷିଆର ଧମକ ସତ୍ତ୍ୱେ ଫିନ୍‌ଲାଣ୍ଡ ଏବଂ ସୁଇଡେନ୍ ଆସନ୍ତା ମେ'ରେ ନାଟୋ ସଦସ୍ୟତା ପାଇଁ ଆବେଦନ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ୨୦୧୪ରେ ରୁଷିଆ ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପ କବ୍‌ଜା କରିବା ପରେ ଫିନ୍‌ଲାଣ୍ଡ ଓ ସୁଇଡେନ୍ ନାଟୋରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ୟୁକ୍ରେନ୍ ଉପରେ ରୁଷିଆର ସଦ୍ୟ ଆକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଏହି ଦୁଇ ଦେଶ ଏବେ ନାଟୋ ପ୍ରତି ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛନ୍ତି। ମେ' ତୃତୀୟ ସପ୍ତାହରେ ଫିନ୍‌ଲାଣ୍ଡ ଓ ସୁଇଡେନ୍‌ର ପ୍ରମୁଖ ଲିଡର ବୈଠକ କରି ଏ ବାବଦରେ ଆଲୋଚନା କରିବେ। ପରେ ନାଟୋରେ ସାମିଲ ହେବା ନେଇ ସେମାନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରିବେ ବୋଲି ରିପୋର୍ଟରୁ ଜଣାପଡ଼ିଛି।

**ଖସିଲା ଶେୟାର ବଜାର**

**ମୁମ୍ବାଇ:** ସପ୍ତାହର ୧ମ କାରବାର ଦିନ ଅର୍ଥାତ୍ ସୋମବାର ଶେୟାର ବଜାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୬୧୭.୨୬ ପଏଣ୍ଟ (୧.୦୮%) ଏବଂ ନିଫ୍ଟିରେ ୨୧୮.୦୦ ଅଙ୍କ (୧.୨୭%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୬,୫୭୯.୮୯ ଇନ୍‌ଡେକ୍ସ ଏବଂ ୧୬,୯୫୩.୯୫ ଇନ୍‌ଡେକ୍ସରେ ବନ୍ଦ ହୋଇଥିଲା। କାରବାରର ଟପ୍ ଗେନର୍ସ ତାଲିକାରେ ବଜାଜ ଅଟୋ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ମାରୁତି ସୁଜୁକି ଏବଂ ଏଚ୍‌ଡିଏଫ୍‌ସି ରହିଥିବା ବେଳେ କୋଲ୍ ଇଣ୍ଡିଆ, ବିପିସିଏଲ୍, ଟାଟା ଷ୍ଟିଲ୍, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍, ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ଟପ୍ ଲୁଜର୍ସ ତାଲିକାରେ ରହିଛନ୍ତି।

**ସଂକ୍ଷେପରେ**

## ୭.୫% ବଢ଼ିବ ଭାରତୀୟ ଅର୍ଥବ୍ୟବସ୍ଥା

**ନୂଆଦିଲ୍ଲୀ,୨୫।୪:** ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ଅର୍ଥବ୍ୟବସ୍ଥା ୭.୫%-୮% ହାରରେ ବୃଦ୍ଧି ଘଟିବ ଏବଂ ରପ୍ତାନି ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଭାରତୀୟ ଶିଳ୍ପ କନ୍‌ଫେଡେରେସନ (ସିଆଇଆଇ) ଅଧ୍ୟକ୍ଷ ଟିଭି ନରେନ୍ଦ୍ରନ୍ କହିଛନ୍ତି। ନରେନ୍ଦ୍ରନ୍ ଦେଇଥିବା ଗଣମାଧ୍ୟମ ସାକ୍ଷାତକାର ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥବ୍ୟବସ୍ଥାରେ ଦେଖାଯିବାକୁ ଥିବା ବୃଦ୍ଧିରେ ରପ୍ତାନି ବିଶେଷ ଭୂମିକା ଗ୍ରହଣ କରିବ। ସେହିପରି ଇଣ୍ଟରନ୍ୟାଶନାଲ୍ ମନିଟାରୀ ଫଣ୍ଡ୍ (ଆଇଏମ୍‌ଏଫ୍) ପକ୍ଷରୁ ଭାରତର ଆନୁମାନିକ ଅଭିବୃଦ୍ଧି ୮.୨% ସ୍ଥିର କରାଯାଇଛି। ଏହାଛଡ଼ା ଦେଶର ହାରାହାରି ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁତାବକ ରହିବ ବୋଲି ଆଇଏମ୍‌ଏଫ୍ ପକ୍ଷରୁ ଅନୁମାନ କରାଯାଇଛି।

## ଏନ୍‌ପିସିଆଇର ନିଯୁକ୍ତି ଅଭିଯାନ

**ନୂଆଦିଲ୍ଲୀ,୨୫।୪ :** ନ୍ୟାଶନାଲ୍ ପେମେଣ୍ଟ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ସର୍ବଭାରତୀୟ ନିଯୁକ୍ତି ଅଭିଯାନ ଘୋଷଣା କରାଯାଇଛି। ଏହା ଜରିଆରେ କମ୍ପାନୀ ସାରା ଦେଶରୁ ୨୫୦ରୁ ଅଧିକ ଗ୍ରାଜୁଏଟ୍ ଇଞ୍ଜିନିୟରିଂ ଟ୍ରେନିଂ (ଜିଇଟି) ଙ୍କୁ ନିଯୁକ୍ତି ଦେବ। ଏ ସମ୍ପର୍କରେ ଏନ୍‌ପିସିଆଇର ମାନବ ସମ୍ବଳ ଓ ପ୍ରଶାସନ ମୁଖ୍ୟ ନିଶିଥ୍ ଚତୁର୍ବେଦୀ କହିଛନ୍ତି, ଏହି ଅଭିଯାନ ଜରିଆରେ ଆମେ ଯୁବ ନବସୃଜନକାରୀମାନଙ୍କ ଲାଗି ଉଚ୍ଚ ପ୍ରଭାବଶାଳୀ କ୍ୟାରିୟର ସୁଯୋଗ ସୃଷ୍ଟି କରିବାକୁ ଆଶା ରଖିଛୁ ଯାହା ପେମେଣ୍ଟ୍ କ୍ଷେତ୍ରରେ ବୈପ୍ଳବିକ ପ୍ରଯୁକ୍ତି ବିକଶିତ କରିବା ପ୍ରତି ଯୋଗଦାନ ଦେବ। ଜିଇଟି ପାଇଁ ଆବେଦନ ଆରମ୍ଭ ହୋଇଛି ଓ ତାହା ଏପ୍ରିଲ୍ ୨୮ରେ ବନ୍ଦ ହେବ। ୨୦୨୧ ଓ ୨୦୨୨ ବ୍ୟାଚ୍‌ର ଇଞ୍ଜିନିୟରିଂ ଗ୍ରାଜୁଏଟ୍‌ମାନେ ଏନ୍‌ପିସିଆଇ ୱେବସାଇଟ୍‌ର କ୍ୟାରିୟର ପେଜ୍ ଜରିଆରେ ଆବେଦନ କରିପାରିବେ।

# ୪୫୦ ମିଲିୟନ୍ ଭାରତୀୟ ଚାକିରି ଚାହୁଁନାହାନ୍ତି

**ନୂଆଦିଲ୍ଲୀ,୨୫।୪**



ଦେଶରେ ରୋଜଗାର ସମସ୍ୟା ଦିନକୁ ଖରାପ ହେବାରେ ଲାଗିଛି। ମୁମ୍ବାଇର ଏକ ଘରୋଇ ରିସର୍ଚ୍ଚ ଫାର୍ମ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ)ର ରିପୋର୍ଟ ଅନୁସାରେ ଭଲ ଚାକିରି ନ ମିଳିବା କାରଣରୁ ଲକ୍ଷଲକ୍ଷ ସଂଖ୍ୟାରେ ଭାରତୀୟ ତଥା ବିଶେଷ ଭାବରେ ମହିଳାମାନେ ଲେବର ଫୋର୍ସରୁ ସମ୍ପୂର୍ଣ୍ଣ ଭାବେ ବାହାର ହୋଇଯାଇଛନ୍ତି। ବିଶ୍ୱର ଦ୍ରୁତ ଅଗ୍ରଗତି କରୁଥିବା ଅର୍ଥବ୍ୟବସ୍ଥା ମଧ୍ୟରୁ ଭାରତ ଅନ୍ୟତମ। ତେବେ ଦେଶର ଏହି ଅର୍ଥବ୍ୟବସ୍ଥାର ଅଗ୍ରଗତିକୁ ତ୍ୱରାନ୍ୱିତ କରାଇବା ପାଇଁ ଯୁବଗୋଷ୍ଠୀଙ୍କ ଉପରେ ବାଜି ଲଗାଯାଉଛି। ସେହଭଳି ଖବର ଏଜେନ୍ସି କମ୍ପାନୀ ବ୍ଲୁମ୍‌ବର୍ଗର ରିପୋର୍ଟ ଅନୁସାରେ, ୨୦୧୭-୨୦୨୨ ବର୍ଷ ମଧ୍ୟରେ ସର୍ବମୋଟ୍ ଶ୍ରମିକ ଅଂଶଗ୍ରହଣ ହାର ୪୬%ରୁ ୪୦%କୁ ହ୍ରାସ ପାଇଛି। ପ୍ରାୟ ୨୧ ମିଲିୟନ୍ କର୍ମଜୀବୀ କାମ ଛାଡ଼ିଥିବା ବେଳେ ମୋଟ୍ ଜନସଂଖ୍ୟାର ୯% ଯୋଗ୍ୟ ଲୋକଙ୍କୁ ରୋଜଗାର ମିଳିପାରିଛି। ସେହିପରି ସିଏମ୍‌ଆଇଇର ସୂଚନା ଅନୁସାରେ, କାମ କରିବା ପାଇଁ ଆଇନଗତ ବୟସ ଛୁଇଁ ସାରିଥିବା ୯୦୦ ମିଲିୟନ ଭାରତୀୟଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଲୋକ ଚାକିରି କରିବାକୁ ଚାହୁଁନାହାନ୍ତି। ବେଙ୍ଗାଲୁରୁସ୍ଥିତ ସୋସାଇଟି ଜେନେରାଲ୍ ଜିଏସ୍‌ସି ପ୍ରାଇଭେଟ୍‌ର ଅର୍ଥଶାସ୍ତ୍ରବିତ୍

### ଶ୍ରମିକ ଅଂଶଗ୍ରହଣ ହାର ୪୦%କୁ ହ୍ରାସ

କୁନାଲ କୁଣ୍ଡୁ କହିଛନ୍ତି ଯେ, ଭାରତୀୟ ଯୁବ ଜନସଂଖ୍ୟାକୁ ଲାଭାଂଶ ପ୍ରାପ୍ତ କରିବାର କୌଣସି ସମ୍ଭାବନା ନଥିବା ନିରାଶ ଶ୍ରମିକଙ୍କ ସଂଖ୍ୟା ସୂଚିତ କରାଉଛି। ଏହା ଦ୍ୱାରା ଅସମାନତାକୁ ଅଗ୍ରାଧିକାର ମିଳିବ ବୋଲି କୁଣ୍ଡୁ କହିଛନ୍ତି। ମୈକିନ୍ସେ ଗ୍ଲୋବାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ୨୦୨୦ ମସିହାର ଏକ ରିପୋର୍ଟ ଅନୁସାରେ, ଭାରତକୁ ୨୦୩୦ସୁଦ୍ଧା ଅତିକମ୍‌ରେ ୯୦ ମିଲିୟନ ନୂଆ ଅଣ-କୃଷି ରୋଜଗାର ସୃଷ୍ଟି କରିବାର ଆବଶ୍ୟକତା ରହିଛି। ତେବେ ଏଥିପାଇଁ ଦେଶର ବାର୍ଷିକ ଜିଡିପି ବୃଦ୍ଧି ୮%-୮.୫% ହେବାର ଆବଶ୍ୟକତା ରହିଛି।

# ଚାନ୍ଦି ଭଣ୍ଡାରରେ ଅକ୍ଷୟ ତୃତୀୟା ଅଫର




**ଭୁବନେଶ୍ୱର,୨୫।୪**

ରାଜ୍ୟର ଅଗ୍ରଣୀ ରୁପା ଅଳଙ୍କାରର ସ୍ୱତନ୍ତ୍ର ଷ୍ଟୋର 'ଚାନ୍ଦି ଭଣ୍ଡାର' ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଅନେକ ସୁବିଧା ଓ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ରୁପା ତଥା ଚାନ୍ଦିର ଆଭିଜାତ୍ୟ ତଥା ଶୁଦ୍ଧ ଧାତୁ ଭାବେ ପରିଗଣିତ ହୋଇଥାଏ। ଦେଶର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଅକ୍ଷୟ ତୃତୀୟାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ହିନ୍ଦୁ କ୍ୟାଲେଣ୍ଡରରେ ଏହା ଏକ ଶୁଭ ଦିନ, ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ଏହା ପାଳନ କରାଯାଇଥାଏ। ଅକ୍ଷୟ ତୃତୀୟାରେ ଚାନ୍ଦି ଭଣ୍ଡାର ଶୁଦ୍ଧତାର ପ୍ରତିଶ୍ରୁତି ସହ ରୁପା ସାମଗ୍ରୀ ଏବଂ ଗହଣାର ଗଢ଼ା ମୂଲ୍ୟରେ ଫ୍ଲାଟ ୩୦% ରିହାତି ପ୍ରଦାନ କରୁଛି। ଏହି ଅଫର ଚଳିତବର୍ଷ ମେ' ୩ ତାରିଖ ପର୍ଯ୍ୟନ୍ତ ବୈଧ। ଭଗବାନଙ୍କ ପ୍ରତି ପ୍ରେମ ଏବଂ ଭକ୍ତିସ୍ୱରୂପ ଚାନ୍ଦି ଭଣ୍ଡାରରେ ରୁପା ପ୍ରତିମୂର୍ତ୍ତି ଏବଂ ପୂଜା ସାମଗ୍ରୀ ମଧ୍ୟ ଉପଲବ୍ଧ। ଜୀବନରେ ରୁପାର ବିଭିନ୍ନ ସ୍ୱରୂପକୁ ମାନ୍ୟତା ଦେବା କ୍ଷେତ୍ରରେ ଏହା ହେଉଛି ଏକ ମାତ୍ର ବ୍ରାଣ୍ଡ। ଗ୍ରାହକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଷ୍ଟୋର ପକ୍ଷରୁ ଏଭଳି ଅଭିନବ ସପିଂ ଅନୁଭୂତି ପ୍ରଦାନ କରିଥାଏ ବୋଲି ଶୋ'ରୁମ୍ କର୍ତ୍ତୃପକ୍ଷ ମତବ୍ୟକ୍ତ କରିଛନ୍ତି। ସେହିପରି ରୁପା ସାମଗ୍ରୀ ଉପରେ ୯୦% ରିଟର୍ନ ଭାଲ୍ୟୁ ସୁନିଶ୍ଚିତ କରାଯାଉଛି।

# ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ 'ହୋଣ୍ଡା ହୋମ୍ କମିଂ ଫେଷ୍ଟ'

**ନୂଆଦିଲ୍ଲୀ,୨୫।୪**




ଦେଶର ପ୍ରମୁଖ ୨ଚକିଆ ଯାନନିର୍ମାଣକାରୀ କମ୍ପାନୀ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର୍ ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'ହୋଣ୍ଡା ହୋମ୍ କମିଂ ଫେଷ୍ଟ'ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ହାଇନେସ୍ ସିବି୩୫୦ ଓ ସିବି୩୫୦ଆର୍‌ଏସର ଜନ୍ମସ୍ଥାନ ହରିୟାଣାର ମାନେସର ସ୍ଥିତ ଗ୍ଲୋବାଲ୍ ରିସୋର୍ସ କାରଖାନାକୁ ଗ୍ରାହକମାନଙ୍କୁ ସ୍ୱାଗତ ଜଣାଇବା ସହ ହାଇନେସ୍ ସିବି୩୫୦ର ୧ମ ବାର୍ଷିକୀ ପାଳନ କରାଯାଇଛି।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ଭାରତରେ ଆମର ସିବି୩୫୦ ଗ୍ରାହକମାନଙ୍କ ପାଇଁ ପ୍ରଥମ ଥର ପାଇଁ ହୋଣ୍ଡା ହୋମ୍ କମିଂ କାର୍ଯ୍ୟକ୍ରମର ଆୟୋଜନ ସହ ଏଚ୍‌ଏମ୍‌ଏସ୍‌ଆଇରେ ଆମେ ଉଲ୍ଲସିତ ଓ ଏହି କାର୍ଯ୍ୟକ୍ରମକୁ ଜବରଦସ୍ତ ସମର୍ଥନ ମିଳିଥିବାରୁ ଆମେ ବହୁତ ଖୁସି। ଆମକୁ ମାର୍ଗଦର୍ଶନ କରୁଥିବା ନୀତି ହେଉଛି ପ୍ରଥମେ ଗ୍ରାହକ ଓ ଆମେ ଗୁଣାତ୍ମକ ଉତ୍ପାଦ ଓ ସେବାର ବିଶ୍ୱସ୍ତରୀୟ ମାନ ପ୍ରଦାନ କରି ଗ୍ରାହକମାନଙ୍କୁ ଉଲ୍ଲସିତ କରିବାର ଶ୍ରେଷ୍ଠ ସ୍ତର ବଜାୟ ରଖିଛୁ। ସେହିଭଳି କମ୍ପାନୀର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯଦ୍ୱିନ୍ଦର ସିଂହ ଗୁଲେରିଆ କହିଛନ୍ତି, ସେମାନେ କହୁଥିବା ଭଳି, ପ୍ରକୃତ ଉତ୍ସବ ସେତେବେଳେ ହୁଏ, ଯେତେବେଳେ ଆପଣଙ୍କ ଘରବାହୁଡ଼ା ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଆମ ବିଗ୍‌ୱିଙ୍ଗ୍ ଟିମ୍ ସ୍ୱତନ୍ତ୍ର ଭାବେ ହୋମ୍ କମିଂ ଉତ୍ସବର ଆୟୋଜନ କରିଛନ୍ତି। ସିବି୩୫୦ରେ ଗ୍ରାହକମାନେ ବ୍ୟବହାର କରୁଥିବା ମେଶିନ୍‌କୁ କିଭଳି ତିଆରି କରାଯାଉଛି।

# ୫ମ ସ୍ଥାନରେ ଆଦାନୀ

**ନୂଆଦିଲ୍ଲୀ,୨୫।୪**

ବିଶ୍ୱ ଧନୀ ତାଲିକାରେ ଭାରତୀୟଙ୍କ ଦବଦବା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ତାଲିକାରେ ଆଦାନୀ ଓ ଅମ୍ବାନୀଙ୍କ ସ୍ଥାନ ଦୀର୍ଘ ଦିନ ହେବ ଉପର ତଳ ହୋଇ ଆସୁଛି। ବିଶେଷକରି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ 'ଫୋର୍ବସ ୱାର୍ଲ୍ଡସ୍ ରିୟଲ୍ ଟାଇମ୍ ବିଲିୟନେୟାର୍ସ' ତାଲିକାରେ ଆମେରିକାନ୍ ଇନ୍‌ଭେଷ୍ଟର ୱାରେନ୍ ବଫେଟ୍‌ଙ୍କୁ ପଛରେ ପକାଇ ୫ମ ସ୍ଥାନରେ ପହଞ୍ଚିଛନ୍ତି। ରିପୋର୍ଟ ଅନୁସାରେ ଆଦାନୀଙ୍କ ସର୍ବମୋଟ୍ ସମ୍ପତ୍ତି ୧୨୩.୧ ବିଲିୟନ ଡଲାର ଥିବାବେଳେ ୯୧ ବର୍ଷୀୟ ୱାରେନ୍‌ଙ୍କ ନେଟ୍ ୱର୍ଥ ୧୨୧.୭ ବିଲିୟନ ଡଲାର ଥିବା ଉଲ୍ଲେଖ କରାଯାଇଛି। ଏହି ତାଲିକାର ଟପ୍ ଟେନ୍‌ରେ ଆଦାନୀଙ୍କ ବ୍ୟତୀତ ରିଲାୟନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଅନ୍ୟତମ ଭାରତୀୟ ଭାବେ ଏହି ତାଲିକାର ୮ମ ସ୍ଥାନରେ ରହିଛନ୍ତି। ଟେସ୍‌ଲା ଏବଂ ସ୍ପେସ୍ ଏକ୍ସ ମୁଖ୍ୟ ଏଲନ ମସ୍କ ୨୬୯.୭୦ ବିଲିୟନ୍ ଡଲାର ମୋଟ୍ ସମ୍ପତ୍ତି ସହିତ ତାଲିକାର ଶୀର୍ଷରେ ନିଜ ସ୍ଥାନ ବଜାୟ ରଖିଛନ୍ତି।

# ନିବେଶକଙ୍କୁ ଟଙ୍କା ଦେଉନି ସେବି: ସାହାରା

**ନୂଆଦିଲ୍ଲୀ,୨୫।୪**

### ୨୫ହଜାର କୋଟି ରଖିଛି ବୋର୍ଡ

ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିରେ ନିବେଶକମାନେ ଯେଉଁ ସବୁ ସମସ୍ୟା ଦେଇ ଗତି କରୁଛନ୍ତି, ସମାନ ସମସ୍ୟା ଦେଇ ସାହାରା ଇଣ୍ଡିଆ ପରିବାର ମଧ୍ୟ ଗତି କରୁଛି। ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ନିକଟରେ ଗତ ୯ବର୍ଷ ହେବ କମ୍ପାନୀର ୨୫,୦୦୦ କୋଟି ଟଙ୍କା ପଡ଼ି ରହିଛି। ସେଥିରୁ ସେବି ନିବେଶକମାନଙ୍କୁ ମାତ୍ର ୧୨୫କୋଟି ଟଙ୍କା ଫେରାଇଛି। ବଳକା ଟଙ୍କାକୁ ସେବି ନିଜ ପାଖରେ ରଖିଛି। ତାହାକୁ ନିବେଶକଙ୍କୁ ଦେଉନାହିଁ କିମ୍ବା ସାହାରାକୁ ଫେରସ୍ତ କରୁନାହିଁ। ଏହା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସାହାରା ଇଣ୍ଡିଆ ପରିବାର ପକ୍ଷରୁ କୁହାଯାଇଛି। ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ହେଉଛି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାହାରା ପକ୍ଷରୁ ସାହାରା-ସେବି ଖାତାରେ ୨୫ହଜାରରୁ ଅଧିକ କୋଟିଟଙ୍କା ଜମା କରାଯାଇଛି। ଯାହା ଗତ ୯ବର୍ଷ ଧରି ସେମିତି ପଡ଼ି ରହିଛି ଏବଂ ଅନ୍ୟ ପକ୍ଷରେ ନିବେଶକଙ୍କୁ ସିଧାସଳଖ ଫେରସ୍ତ କରିବା ଲାଗି ସାହାରା ଏହାର ସମ୍ପତ୍ତିକୁ ବିକ୍ରି କିମ୍ବା ବନ୍ଧକ ରଖିବା ନେଇ ସାହାରା ଉପରେ କଟକଣା ଜାରି କରାଯାଇଛି।

**ଫୁର୍‌ସତ୍**

# ବ୍ୟବସାୟକୁ ସୁଗମ କରେ ବୌଦ୍ଧିକ ସମ୍ପଦ ଆଇନ



ବିଶ୍ୱସ୍ତରରେ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ର ନିଜ ନିଜ ଉତ୍ପାଦର ସ୍ଥାୟିତ୍ୱକୁ ବଜାର ରଖିବା ଜରୁରୀ। ନଚେତ୍ ଅନ୍ୟ ରାଷ୍ଟ୍ର ଅବା କମ୍ପାନୀ ଏସବୁକୁ ନକଲ କରି କାରବାର କରିବା ଆଶଙ୍କା ସୃଷ୍ଟି ହୋଇଥାଏ। କୌଣସି ରାଷ୍ଟ୍ର ଏବଂ କମ୍ପାନୀ ଯେପରି ଅନ୍ୟ କାହାର ଉତ୍ପାଦର ନକଲ ନ କରିପାରିବେ, ସେ ନେଇ ବୌଦ୍ଧିକ ସମ୍ପଦ ଆଇନର ପ୍ରଣୟନ କରାଯାଇଛି। ଏହା ଦ୍ୱାରା ପେଟେଣ୍ଟ, କପିରାଇଟ୍, ଟ୍ରେଡ୍ ମାର୍କ ଏବଂ ଡିଜାଇନ ଆଦିକୁ ସମ୍ପୃକ୍ତ ରାଷ୍ଟ୍ର ଅବା କମ୍ପାନୀ ପାଇଁ ସଂରକ୍ଷିତ ରଖାଯାଇଥାଏ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୨୬ରେ ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ ପାଳନ କରାଯାଇଥାଏ। ୨୦୦୦ରେ ବିଶ୍ୱ ବୌଦ୍ଧିକ ସମ୍ପଦ ସଂଗଠନ (ଡବ୍ଲ୍ୟୁଆଇପିଓ) ଦ୍ୱାରା ପେଟେଣ୍ଟ, କପିରାଇଟ୍, ଟ୍ରେଡ୍ ମାର୍କ ଏବଂ ଡିଜାଇନକୁ ସଂରକ୍ଷିତ ରଖିବା ଉପରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୧୯୭୦ ଏପ୍ରିଲ ୨୬ରେ ବିଶ୍ୱ ବୌଦ୍ଧିକ ସମ୍ପଦ ସଂଗଠନ ପକ୍ଷରୁ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ହୋଇଥିଲା। ଏହା ସ୍ମୃତିରେ ଏହି ଦିବସକୁ ପାଳନ କରାଯାଇଥାଏ। ସେପ୍ଟେମ୍ବର ୧୯୯୮ରେ ବିଶ୍ୱ ବୌଦ୍ଧିକ ସମ୍ପଦ ସଂଗଠନର ସଦସ୍ୟ ରାଷ୍ଟ୍ର ବୈଠକରେ ଏକ ବିବୃତି ପରେ, ନ୍ୟାଶନାଲ ଆଲଜେରିଆନ୍ ଇନ୍‌ଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ ପ୍ରପର୍ଟି (ଆଇଏନ୍‌ଏପିଆଇ)ର ମହାନିର୍ଦ୍ଦେଶକ ୭ ଏପ୍ରିଲ ୧୯୯୯ରେ ଏହି ଅନ୍ତର୍ଜାତୀୟ ଦିବସର ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ୯ ଅଗଷ୍ଟ ୧୯୯୯ରେ, ଡବ୍ଲ୍ୟୁଆଇପିଓକୁ ଚାଇନାର ଏକ ପ୍ରତିନିଧି ଦଳ ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବିଶ୍ୱ ବୌଦ୍ଧିକ ସମ୍ପଦ ସଂରକ୍ଷଣର ସଚେତନତାକୁ ପ୍ରୋତ୍ସାହିତ କରିବା, ବିଶ୍ୱ ବୌଦ୍ଧିକ ସମ୍ପଦ ସଂରକ୍ଷଣର ପ୍ରଭାବକୁ ସମଗ୍ର ବିଶ୍ୱରେ ବିସ୍ତାର କରିବା, ବିଶ୍ୱ ବୌଦ୍ଧିକ ସମ୍ପଦର ସୁରକ୍ଷା ଆଇନ ଏବଂ ନିୟମାବଳୀକୁ ସାର୍ବଜନୀନ ତଥା ଲୋକପ୍ରିୟ କରିବା, ବିଶ୍ୱ ବୌଦ୍ଧିକ ସମ୍ପଦ ଅଧିକାର ନେଇ ଜନସାଧାରଣଙ୍କ ଆଇନଗତ ସଚେତନତା ବୃଦ୍ଧି, ଉଦ୍ଭାବନ ଏବଂ ନବୀକରଣକୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଦେଶରେ କାର୍ଯ୍ୟକଳାପ ଏବଂ ବିଶ୍ୱ ବୌଦ୍ଧିକ ସମ୍ପଦ କ୍ଷେତ୍ରରେ ଅନ୍ତର୍ଜାତୀୟ ବିନିମୟକୁ ସୁଦୃଢ଼ କରିବା ଲାଗି ଏଥିରେ ଉଲ୍ଲେଖ କରାଯାଇଥିଲା। ଅକ୍ଟୋବର ୧୯୯୯ରେ, ଡବ୍ଲ୍ୟୁଆଇପିଓର ସାଧାରଣ ସଭା ଏକ ନିର୍ଦ୍ଦିଷ୍ଟ ଦିନକୁ ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ ଭାବରେ ଘୋଷଣା କରିବା ନେଇ ସ୍ୱୀକୃତି ପ୍ରଦାନ କରିଥିଲା।

### ବିଶ୍ୱ ବୌଦ୍ଧିକ ସମ୍ପଦ ଦିବସ

# ଲେଡି ସିଙ୍ଗମ ଶିଳ୍ପା

**ମୁମ୍ବାଇ:** ଶିଳ୍ପା ସେଟ୍ଟୀ କୁନ୍ଦ୍ରା ଓଟିଟିରେ ଡେବ୍ୟୁ କରିବାକୁ ଯାଉଛନ୍ତି । ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଇଣ୍ଡିଆନ୍ ପୋଲିସ ଫୋର୍ସ' ଜରିଆରେ ଶିଳ୍ପା ଓଟିଟି ପ୍ଲାଟଫର୍ମରେ ପାଦ ଥାପିଛନ୍ତି। ତେବେ ଏଥିରେ ଶିଳ୍ପାଙ୍କୁ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବ। ଏହି ୱେବ୍ ସିରିଜ୍‌ର ଫାଷ୍ଟ ଲୁକ୍ ପୋଷ୍ଟର ରିଲିଜ୍ ହୋଇସାରିଛି। ତେବେ ଏ ନେଇ ନିଜେ ଶିଳ୍ପା ସୋସିଆଲ ମିଡିଆରେ ପୋଷ୍ଟ ଶେୟାର କରି ଫ୍ୟାନ୍ସମାନଙ୍କୁ ଏହି ସୂଚନା ଦେଇଛନ୍ତି। ଖାଲି ଶିଳ୍ପା ନୁହନ୍ତି ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ମଧ୍ୟ ଏହା ଜରିଆରେ ଓଟିଟିରେ ଡେବ୍ୟୁ କରିଛନ୍ତି। ରୋହିତଙ୍କ ଦ୍ୱାରା ନିର୍ଦ୍ଦେଶିତ ଇଣ୍ଡିଆନ ପୋଲିସ ଫୋର୍ସ ଆମାଜନ୍ ପ୍ରାଇମ୍‌ରେ ମୁକ୍ତିଲାଭ କରିବ । ରୋହିତ ସେଟ୍ଟୀ ପୋଲିସ କ୍ୟାରେକ୍ଟରକୁ ନେଇ ଅଦ୍ୟାବଧି ୪ଟି ଫିଲ୍ମ ତିଆରି କରିସାରିଥିବାବେଳେ ଫିଲ୍ମ ସବୁ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ତେବେ ଶିଳ୍ପା ଶେଷଥର ପାଇଁ ଫିଲ୍ମ ହଙ୍ଗାମା-୨ରେ ଦେଖାଯାଇଥିଲେ। ଫିଲ୍ମରେ ପରେଶ ରାୱଲ, ମିରାଜ ଜାଫରି ପ୍ରମୁଖ କଳାକାର ଦେଖିବାକୁ ମିଳିଥିଲେ। ସବିର ଖାନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ 'ନିକମା'ର ଲିଡ୍ ରୋଲ୍‌ରେ ଶିଳ୍ପା ଅଭିନୟ କରିଥିବାବେଳେ ଫିଲ୍ମଟି ଜୁନ୍ ୧୭ରେ ରିଲିଜ୍ ହେବ। ବର୍ତ୍ତମାନ ଶିଳ୍ପା ସୁପର ଡ୍ୟାନ୍ସର ଚାପ୍ଟର-୪ର ଜଜ୍ ରହିଛନ୍ତି। ଓଟିଟି ଏକ ସଫଳ ପ୍ଲାଟଫର୍ମ ଭାବେ ମନୋରଞ୍ଜନ ଜଗତରେ ଉଭା ହୋଇଛି। ଯେଉଁସବୁ କଳାକାର ଫିଲ୍ମ କିମ୍ବା ସିରିଏଲ୍‌ରେ ଅଭିନୟ କରି ସଫଳ ହୋଇପାରୁ ନ ଥିଲେ। ସେମାନେ ଓଟିଟିରେ କାମ କରି ଖୁବ୍ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି।



# ଫଳ ଚୋପାରେ ପେଣ୍ଟିଂ

**ନୂଆଦିଲ୍ଲୀ:** ନାଁ ତାଙ୍କର ମୁତାଜ୍-ଅଲ୍-ଫାତେହ। ପେସାରେ ସେ ଜଣେ ପେଣ୍ଟର। କାନ୍‌ଭାସରେ ଜୀବନ୍ତ ଚିତ୍ର ଆଙ୍କିବା ତାଙ୍କୁ ଖୁବ୍ ପସନ୍ଦ। ତେବେ ମୁତାଜ୍ କୌଣସି ରଙ୍ଗ ବା କାଳିରେ ଚିତ୍ର ଆଙ୍କୁ ନାହାନ୍ତି। ବରଂ ଫଳ ଚୋପା, କଫି ଓ ଚା ପତ୍ରକୁ ବ୍ୟବହାର କରି ସେ ଚିତ୍ର ଆଙ୍କୁଛନ୍ତି। ତେବେ ଏ ପ୍ରକାର ଭିନ୍ନ ପ୍ରୟାସ ବାବଦରେ ସୁଦାନର ମୁତାଜ କୁହନ୍ତି , ମୋତେ ପେଣ୍ଟିଂ କରିବାକୁ ଖୁବ୍ ପସନ୍ଦ। କିନ୍ତୁ ରଙ୍ଗ ତୂଳୀରେ ନୁହେଁ। ପ୍ରାକୃତିକ ଜିନିଷକୁ ବ୍ୟବହାର କରି ତାକୁ ନୂଆ ରୂପ ଦେବାକୁ ମୁଁ ଚାହେଁ। ସେଥିପାଇଁ ମୁଁ ରଙ୍ଗ ବଦଳରେ ଫଳ ଚୋପା, ଖଜୁରି ଗଛ ପତ୍ର ଭଳି ପ୍ରାକୃତିକ ଜିନିଷକୁ ବ୍ୟବହାର କରି ଚିତ୍ର ଆଙ୍କିବା ଆରମ୍ଭ କରିଛି, ଯାହାକୁ ଲୋକେ ଗ୍ରହଣ କରିବା ସହ ଖୁବ୍ ପସନ୍ଦ କରୁଥିବା ସେ କହିଛନ୍ତି। ଅନ୍ୟପଟେ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ସେ ଏ ପ୍ରକାର ଭିନ୍ନ ଚିନ୍ତାଧାରା ଆପଣାଇଥିବା କୁହନ୍ତି। କୃତ୍ରିମ ରଙ୍ଗ ବଦଳରେ ମୁତାଜ୍ ଏହିସବୁ ପ୍ରାକୃତିକ ଜିନିଷକୁ ବ୍ୟବହାର କରି ରଙ୍ଗ ବାହାର କରନ୍ତି। ମନ୍ଦାର ପତ୍ରରୁ ସେ ବ୍ଲ୍ୟୁ, ପରପଲ୍ ଓ ରେଡ୍ ଆଦି ରଙ୍ଗ ବାହାର କରନ୍ତି। ସେହିପରି ମାଟିଆ ଓ ସୁନେଲି ରଙ୍ଗ ପାଇଁ କଫିକୁ ସେ ବ୍ୟବହାର କରୁଛନ୍ତି। ତିନି ବର୍ଷ ପୂର୍ବରୁ ମୁତାଜ୍ ନିଜର ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ପେଣ୍ଟିଂ ପ୍ରତି ତାଙ୍କର ପିଲାଟି ଦିନରୁ ଆଗ୍ରହ ରହି ଆସିଛି। ପୂର୍ବରୁ ସେ ରାସ୍ତା କଡ଼ରେ ଥିବା କାନ୍ଥରେ ଛବି ଆଙ୍କିବା ସହ ସ୍ଲୋଗାନ ଆଦି ଲେଖୁଥିଲେ।



# ଜେସିବିରେ ଏଟିଏମ୍ ଭାଙ୍ଗି ଲୁଟ୍

**ମୁମ୍ବାଇ:** ଲୁଟ୍ କରିବା ପାଇଁ ଚୋରମାନେ ଏମିତି ସବୁ ଉପାୟ ଅବଲମ୍ବନ କରନ୍ତି, ଯାହାକୁ ସାଧାରଣ ଲୋକ ଭାବିପାରି ନ ଥାଏ। ମହାରାଷ୍ଟ୍ରର ପୁଣେରେ ଏଭଳି ଏକ ଲୁଟ୍ ଘଟଣା ସାମ୍ନାକୁ ଆସିଛି। ଦୁର୍ବୃତ୍ତମାନେ ଜେସିବି ସାହାଯ୍ୟରେ ଏଟିଏମ୍ ଭାଙ୍ଗି ଲୁଟ କରିନେଇଛନ୍ତି ୨୭ ଲକ୍ଷ ଟଙ୍କା। ତେବେ ସବୁଠାରୁ ରୁଚିକର କଥା ହେଲା ବ୍ୟବହୃତ ଜେସିବିକୁ ମଧ୍ୟ ସେମାନେ ଚୋରି କରିଆଣିଥିଲେ। ଏହି ଚୋରି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ହଟଚମଟ ସୃଷ୍ଟି କରିଛି। ଜେସିବି ସହାୟତାରେ ସେମାନେ ଏଟିଏମ୍ ମେଶିନ୍‌ଟିକୁ ସମୂଳେ ଉଠାଇ ନେଇଥିଲେ। କିଛି ଦୂର ପର୍ଯ୍ୟନ୍ତ ଗଲାପରେ ସେମାନେ ମେଶିନରୁ ଟଙ୍କା ବାହାର କରିଥିଲେ। ଚୋରି ସମୟରେ ଏଟିଏମ୍‌ରେ କୌଣସି ସୁରକ୍ଷା କର୍ମଚାରୀ ନ ଥିବାବେଳେ ସେଠାରେ କୌଣସି ସିସିଟିଭି ନ ଥିବା କୁହାଯାଉଛି।

# ମୁସଲମାନଙ୍କ ଘରେ ହିନ୍ଦୁ ବାହାଘର

**ଲକ୍ଷ୍ନୌ:** ମୁସଲମାନଙ୍କ ଘରେ ହିନ୍ଦୁ ବାହାଘର। ଏମିତି ଏକ କଥାକୁ ହୁଏତ କେହି ବିଶ୍ୱାସ କରୁ ନ ଥିବେ। କିନ୍ତୁ ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶରେ। ଉତ୍ତରପ୍ରଦେଶର ଆଜମଗଡ଼ରେ ଥିବା ଅଲବାଲ ମହଲା ଅଞ୍ଚଳରେ ଏକ ମୁସଲମାନ ପରିବାରରେ ଆୟୋଜନ ହୋଇଥିଲା ଏକ ହିନ୍ଦୁ ପରିବାରର ବିବାହ। ଏହି ଅଞ୍ଚଳରେ ରହୁଥିବା ରାଜେଶ ଚୌରାସିଆ ତାଙ୍କ ଭାଣିଜୀ ବିବାହ ଆୟୋଜନ କରୁଥିଲେ। କିନ୍ତୁ ସେ ଏକ ଛୋଟ ଘରେ ରହୁଥିଲେ ଏବଂ ଅର୍ଥ ଅଭାବରୁ ସେମାନେ ମଣ୍ଡପ ନେବା ପାଇଁ ମଧ୍ୟ ସକ୍ଷମ ନ ଥିଲେ। ଏମିତି ଏକ ସମୟରେ ତାଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ ତାଙ୍କ ପଡ଼ୋଶୀ ପରଭେଜ। ରାଜେଶ ଚୌରାସିଆ ହିନ୍ଦୁ ଏବଂ ପରଭେଜ ହେଉଛନ୍ତି ମୁସଲମାନ। କୌଣସି ଭେଦଭାବ ଭାବନା ନ ରଖି ପରଭେଜ ତାଙ୍କ ଘରେ ବିବାହ ବେଦି ତିଆରି ସହିତ ବିବାହର ପ୍ରତ୍ୟେକ କାମରେ ସହଯୋଗ କରିଥିଲେ। ଏମିତିକି ପରଭେଜଙ୍କ ପରିବାରର ସମସ୍ତେ ବିବାହରେ ଏକାଠି ହୋଇ ନାଚଗୀତ ସହିତ ସାଜସଜ୍ଜାରେ ବି ସାହାଯ୍ୟ କରିଥିଲେ। ଖାଲି ସେତିକି ନୁହେଁ , ପରଭେଜ ଏହି ବିବାହରେ ସମସ୍ତ ପ୍ରକାର ସହଯୋଗ କରିବା ସହିତ ଏକ ସୁନାଚେନ୍ ଉପହାର ବି ଦେଇଥିଲେ।



## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ଲକ୍ଷ୍ମୀଧରପୁର ଗ୍ରାମ ନିକଟ ରେଳ ଧାରଣାରୁ ସୋମବାର ଠାକୁରଗଡ ଥାନା କୃତ୍ତିବାସପୁର ପଞ୍ଚାୟତ କରଡାବାହାଳ ଗ୍ରାମର କଣ୍ଟିଆ ସାହୁଙ୍କ ପୁଅ ବସନ୍ତ କୁମାର ସାହୁ(୩୨)ଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପୋଲିସ ଜବତ କରିଛି। ପ୍ରକାଶ ଯେ, ସକାଳେ ଜଣେ ଯୁବକଙ୍କ ମୃତଦେହ ରେଳଧାରଣାରେ ପଡ଼ିଥିବା ଦେଖି ଗ୍ରାମବାସୀ ରେଳ କର୍ମଚାରୀଙ୍କୁ ଖବର ଦେଇଥିଲେ। ସେଠାରେ ଏକ ମୋଟରସାଇକେଲ (ନଂ.ଓଡି୧୪ସି-୦୫୫୮) ପଡ଼ିଥିବାରୁ ସମ୍ପୃକ୍ତ ଯୁବକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବସନ୍ତ ଏକ ତେଲ ଟ୍ୟାଙ୍କର ଚାଳକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପ୍ରେମିକା ଜଣେ ସମ୍ପର୍କୀୟଙ୍କୁ ବିବାହ କରିବା ପରେ ଏଥିରେ ମର୍ମାହତ ହୋଇ ବସନ୍ତ ଆତ୍ମହତ୍ୟା କରିଥିବା ସାଧାରଣରେ ଆଲୋଚନା ହେଉଛି।

### ଅମାନ୍ତପୁରରେ ଅଗ୍ନିକାଣ୍ଡ

**ଅନୁଗୋଳ ଅଫିସ,୨୫।୪:** ଅନୁଗୋଳ ଜିଲା ନାଲ୍‌କୋ ଥାନା ଅମାନ୍ତପୁର ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ରଞ୍ଜିତ ନାଥଙ୍କ ଏକ ବଖରା ଜଳିଯାଇଛି। ଅଗ୍ନିକାଣ୍ଡ ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ଘରେ ନିଆଁ ଲାଗିଥିଲା ତାହା ଜଣାପଡ଼ି ନ ଥିବାବେଳେ କ୍ଷୟକ୍ଷତି ଆକଳନ ଜାରି ରହିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ



**ଅନୁଗୋଳ ଅଫିସ,୨୫।୪:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ସୋମବାର ଛେଣ୍ଡିପଦା ଓ ନିଶା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୬୩ ଲିଟର ଚୋରା ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନିଶା ଥାନା କୋଶଳା ଗ୍ରାମର ଦିଲୀପ କୁମାର ସାହୁ, ଜିତେନ ସାହୁ ଓ ଛେଣ୍ଡିପଦା ଥାନା ବ୍ରାହ୍ମଣବିଲି ଗ୍ରାମର ଅର୍ଜୁନ ବାରିକ ବୋଲି ସୂଚନା ମିଳିଛି।

# ରାଜ୍ୟରେ ଶ୍ରେଷ୍ଠ କଣିହାଁ ସିଏଚ୍‌ସି

**କଣିହାଁ, ୨୫।୪(ଡି.ଏନ୍.ଏ.)**

ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସୁବ୍ୟବସ୍ଥିତ ମଶାରି ବଣ୍ଟନ ଏବଂ ସଚେତନଧର୍ମୀ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରି ରାଜ୍ୟସ୍ତରରେ ପ୍ରଶଂସା ସାଉଁଟିଛି ଅନୁଗୋଳ ଜିଲାର କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)। ସୋମବାର ଭୁବନେଶ୍ୱର ଜୟଦେବ

### ପ୍ରଶଂସା ଆଣିଲା ମଶାରି ବଣ୍ଟନ ସ୍ୱଚ୍ଛତା, ପ୍ରାମାଣିକ ଚଳଚ୍ଚିତ୍ର

ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରରେ ଶ୍ରେଷ୍ଠ ପୁରସ୍କାର ମିଳିଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ଔଷଧ ନିଗମ ନିର୍ଦ୍ଦେଶିକା ଜାମିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ



ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଅଧିକାରୀ ଡା. ସୁମନ୍ତ କୁମାର ପଟେଲ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ନିରୁପମା ଦାସ ପ୍ରମୁଖ ଏହି ପୁରସ୍କାର ଗ୍ରହଣ କରିଥିଲେ।

ମ୍ୟାଲେରିଆ ଭଳି ମାରାତ୍ମକ ମଶାବାହିତ ଜ୍ୱରକୁ ନେଇ ଏବେ ବି ଆତଙ୍କ କମିନାହିଁ। ଏଭଳି ସଂକ୍ରାମକ ଜ୍ୱରର ମୂଳୋତ୍ପାଟନ ପାଇଁ ଜନସଚେତନତା ଅତ୍ୟାବଶ୍ୟକ। ଏହାକୁ ଦୃଷ୍ଟିରେ ରଖି କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୫ ମିନିଟ୍ ଅବଧି ବିଶିଷ୍ଟ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିୟମିତ ଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଉଛି। ମଶାରି ବଣ୍ଟନ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରାଯାଇଛି, ଯାହାକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଛନ୍ତି।

ଏ ସଂକ୍ରାନ୍ତରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ଏଭଳି ପୁରସ୍କାର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ପ୍ରେରଣା ଯୋଗାଇବ। ଅଞ୍ଚଳବାସୀଙ୍କ ସହଯୋଗ ଏବଂ କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବା ପାଇଁ ଏହି ସମ୍ମାନ ମିଳିପାରିଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଗୁଣାତ୍ମକ ସେବା ଯୋଗାଇ ଦିଆଯିବା ଲାଗି ଯଥାସାଧ୍ୟ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଗୋଲାଗାଡିଆ ଗ୍ରାମ ଶିବ ମନ୍ଦିର ନିକଟ ପୋଖରୀରେ ବୁଡ଼ି ସୋମବାର ପୂର୍ବାହ୍ନରେ ଜଣେ ବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ବାଳିକା ହେଲେ ଗୋଲାଗାଡିଆ ଗ୍ରାମର ପ୍ରତାପ ସାହୁଙ୍କ ଝିଅ ପୂଜା ସାହୁ(୮)। ପୂଜା ବିଦ୍ୟାଳୟରୁ ଫେରି ସାଙ୍ଗମାନଙ୍କ ସହିତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ଗଭୀର ପାଣିରେ ବୁଡିଯାଇଥିଲେ। ଏହା ଦେଖି ସାଙ୍ଗମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପୋଖରୀରୁ ପୂଜାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ପୂଜାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ପୂଜାଙ୍କ ମୃତ୍ୟୁରେ ଗ୍ରାମ ତଥା ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।

## ମଶାରି ବ୍ୟବହାର ଉପରେ ଗୁରୁତ୍ୱାରୋପ

**ଅନୁଗୋଳ ଅଫିସ,୨୫।୪**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି.) ଡା. ପୂର୍ଣ୍ଣିମା ଉଦ୍‌ଗାତା ସଭାପତିତ୍ୱ କରି ମ୍ୟାଲେରିଆର ଲକ୍ଷଣ, ଚିକିତ୍ସା ଓ ଏହାର ପ୍ରତିକାର ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ସମସ୍ତଙ୍କ ପାଇଁ ଦୀର୍ଘ ଓ ସୁସ୍ଥ ଜୀବନ ଯାପନ ନିମନ୍ତେ ଟିକାକରଣ ସୁନିଶ୍ଚିତ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମ୍ୟାଲେରିଆ ରୋଗକୁ କମାଇବା ନିମନ୍ତେ 'ଅଭିନବ ଉପାୟରେ ରହିବା ଓ ମାନବ ଜୀବନ ରକ୍ଷା କରିବା' ଚଳିତ ବର୍ଷର ବାର୍ତ୍ତା ସମ୍ପର୍କରେ ଡା. ବିନୋଦ କୁମାର ସାହୁ ଆଲୋଚନା କରିଥିଲେ। ଡିଏଲ୍‌ସି ଔଷଧ ଉପଚାରିତ ମଶାରି ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାମେଡିକାଲ ଷ୍ଟାଫ୍, ନର୍ସ ଷ୍ଟାଫ, ଆଶା ଓ ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# 'ଉନ୍ନତ ହୋଇଛି ସ୍ୱାସ୍ଥ୍ୟସେବା'

**ଢେଙ୍କାନାଳ ଅଫିସ, ୨୫।୪**

ସମ୍ପ୍ରତି ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ଯଥେଷ୍ଟ ଉନ୍ନତି ହୋଇଛି। ସାଧାରଣ ଚିକିତ୍ସାଳୟଠାରୁ ଆରମ୍ଭ କରି ଡିଜିଟାଲ ମାଧ୍ୟମରେ ରୋଗୀ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି। ସରକାରୀ ଡାକ୍ତରଖାନାରେ ନିଃଶୁଳ୍କ ଔଷଧ ମିଳୁଛି। ବଡ଼ ବଡ଼ ମେଡିକାଲରେ ବୀମା ସୁବିଧା ଉପଲବ୍ଧ ହେଉଛି। ଜନସାଧାରଣ ସଚେତନ ହୋଇ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନାର ସୁଯୋଗ ନେବାକୁ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଆୟୋଜିତ ଆୟୁଷ୍ମାନ ଭାରତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାରେ ଯୋଗଦେଇଥିବା ଅତିଥିମାନେ ଆହ୍ୱାନ ଦେଇଛନ୍ତି।

ଗଁଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏମ୍‌ପି



ଅତିଥିମାନେ ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରୁଛନ୍ତି।

ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ଖଟୁଆ, ବିଡିଓ ଆଶିଷ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ୭୫୬ ରୋଗୀ ନାମ ପଞ୍ଜୀକରଣ କରିଥିଲେ। ୧୫୬ଜଣଙ୍କ ସ୍ୱାସ୍ଥ୍ୟ ପରିଚୟପତ୍ର ପଞ୍ଜୀକୃତ ହୋଇଥିଲା। ୨୩ଜଣଙ୍କ ଲେପ୍ରସି ସ୍କ୍ରିନିଂ, ୫୮ଜଣଙ୍କ ଯକ୍ଷ୍ମା ପରୀକ୍ଷା, ୫୬ଜଣଙ୍କ ମ୍ୟାଲେରିଆ ପରୀକ୍ଷା, ୩୪୨ଜଣଙ୍କ ଅଣସଂକ୍ରମଣ ରୋଗ ପରୀକ୍ଷା, ୫ଜଣଙ୍କ ଏଚ୍‌ଆଇଭି ପରୀକ୍ଷା, ୧୦୧ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେହିପରି ୧୦୦ଜଣଙ୍କୁ କରୋନା ଟିକା ପ୍ରଦାନ କରାଯାଇଥିବାବେଳେ ବିଶେଷଜ୍ଞଙ୍କ ଦ୍ୱାରା ୮ଜଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସ୍ଥିତପ୍ରଜ୍ଞ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରୁଦ୍ରନାରାୟଣ ନାଥ, ନ୍ୟୁ ଇଣ୍ଡିଆ ସମ୍ବାଦକ ଶେଷଦେବ ରାଉତଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**ବଇଣ୍ଡା,୨୫।୪(ଡି.ଏନ୍.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅଧକ୍ଷ ବଳରାମ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ସବୁବେଳେ ସୁରକ୍ଷା ଦେବା ସହ ତାଲିମ ନେଇଥିବା ଛାତ୍ରୀମାନେ ବିପଦ ସମୟରେ ଶିଖିଥିବା କୌଶଳ କାର୍ଯ୍ୟରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ବିଜୟ କୁମାର ଗଡନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ଖେଳ ଶିକ୍ଷକ ବିଭୁଦେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ୬୨ ଅଭିଯୋଗ ଶୁଣାଣି

**ଅନୁଗୋଳ ଅଫିସ,୨୫।୪**

ସୋମବାର ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୬୨ଟି ଅଭିଯୋଗରୁ ୪୭ଟି ବ୍ୟକ୍ତିଗତ ଓ ୧୫ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଶିକ୍ଷା, ଖଣି, ବିସ୍ଥାପିତ ପରିବାରଙ୍କ ସମସ୍ୟା, ଚିକିତ୍ସା ଓ ଜିଲା ମଙ୍ଗଳ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଡେପୁଟି କଲେକ୍ଟର ବଇତୁରା ଦୀପ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଡେପୁଟି କଲେକ୍ଟର ସରିତା ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସହକାରୀ ଜିଲାପାଳ ଅଜୟ ଗଡନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER**
**L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com Tel. 0674-2391847
**e-Procurement Notice**
Bid Identification No.1198/2022-23 Dt. 22.04.2022

**No.CAD-305:** The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites percentage Rate bids in online mode for Execution of work for Lift Irrigation Projects in Puri district under BKVY in TURNKEY BASIS as mentioned below from the reputed Contractors/ Firms having valid HT license issued by E.L.B.O., Odisha and Civil license as mentioned below.

1. Nature of work : Execution of work for 50 Nos L. I. Projects in Puri & Khordha district.
2. No. of packages : 13 Nos.
3. Estimated cost : 908885/-to 2609072/-
4. Period of completion : 30 days.
5. Date & time of availability of bid documents in the portal : 29.04.2022 at 10.00 A.M.
6. Last date & time for receipt of bids in the portal : 09.05.2022.. up to 5.00P.M.
7. Date & time of seeking clarification : 29.04.2022 at 10.00 A.M. to 07.05.2022 up to 5.00P.M.
8. Opening date & time : 10.05.2022 at 11.00AM.
9. Name & address of the Officer Inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website.

**Sd./-Executive Engineer,L.I.Division,Bhubaneswar**
OIPR-32432/11/0005/2223

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**OFFICE OF THE PROJECT ADMINISTRATOR,**
**INTEGRATED TRIBAL DEVELOPMENT AGENCY, RAIRANGPUR**
**e- Procurement Notice**
Bid Identification No. PA. ITDA(RAIRANGPUR)-01//2022-23
No.661//2022-ITDA Dated 25.04.2022

**No.CAD-297:** Bid documents consisting of work. Tender Value, Cost of Tender paper, "Bid Security Declaration" instead of EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in"

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 44 (Forty Four] Numbers only |
| 03. | Estimated Cost | : | Rs. 5.00 Lakhs to Rs. 82.00 Lakhs |
| 04. | Period of completion | : | 1 (One) Months to 9 (Nine] Months as per work category |
| 05. | Date & Time of availability of bid document in the portal | : | 26.04.2022 at 10.00 A.M. to 11.05.2022 13.00 hours |
| 06. | Last date for receipt of bids in the portal | : | 11.05.2022 till 13.00 hours |
| 07. | Bid received Online shall be opened on | : | 12.05.2022 at 11.00 hours onwards respectively |
| 08. | Name and address of the officer inviting Bid | : | Project Administrator, I.T.D.A. Rairangpur |

Further details can be seen from the "www.tendersodisha.gov.in"
**Sd./- Project Administrator, I.T.D.A., Rairangpur**
OIPR-19080/11/0001/2223

See Career Appointment on every Wednesday & Saturday

**GOVERNMENT OF ODISHA**
**SUPERINTENDING ENGINEER**
**GANJAM [R&B] DIVISION NO.II, BERHAMPUR**
**Corrigendum to Tender Call Notice**
**Bid Identification No. SC (R&B) GM-II-01/2022-23**
**No.2656 //Dated.20.04.2022//**

**No.B-87:** The following modifications are made in respect of the Bid Identification No. SC (R&B) GM-II-01/2022-23 of Superintending Engineer, Ganjam (R&B) Division No.II, Berhampur. 1.The bid documents such as DTCN/ BOQ etc. can be seen / downloaded from the Government website https//tendersorissa.gov.in during the period from 10.00 AM of 26.04.2022 to 07.05.2022 and opening on 09.05.2022 11.30 A.M. instead of 12.04.2022 to 27.04.2022 and opening on 28.04.2022 at 11.30 A.M.

**Signature of Authorised Office**
**OIPR-34080/11/0003/2223**

**NOTICE INVITING TENDER** No. CAD-291
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), BALASORE (DISTRICT)**
**Tender No. 1239** **Dated: 22.04.2022**
**Cost of Tender Document: Rs.11800/- Inclusive of GST.**
Online tenders are invited from eligible bidders for selection and appointment of Level-II contractor for transportation of Custom Milled Rice (CMR) from Rice Receiving Center (RRC) to Retail Center (FPS).

| | | |
|---|---|---|
| 1 | Availability of tender document | From Date: 26.04.2022 Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.05.05.2022, At: 11 A.M., Place: Office Chamber of Collector & District Magistrate, Balasore |
| 3 | Last date and time for online submission of completed tender documents with enclosures | Through e-procurement portal **www.tendersodisha.gov.in** upto 5 P.M. of Dt.17.05.2022 |
| 4 | Date, time and venue for opening of Technical Bid by the Tender Committee | On Dt.18.05.2022 at 11 A.M. Place Office Chamber of Collector & District Magistrate, Balasore |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.20.05.2022 at 11 A.M., Place: Office Chamber of Collector & District Magistrate, Balasore |
| 6 | Date & time of Financial Bid opening by the Tender Committee (only of Technically Qualified Bidder's) | To be announced after technical bid evaluation |
| 7 | Venue of the opening of Technical & Financial Bids | Office Chamber of Collector & District Magistrate, Balasore |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the tender | The tender should be prepared by the bidder in English language only. |
| 10 | Help Desk Telephone No. | (i) OSCSC Ltd., District Manager: No. **9668180241**, Account Head No. **7326933673** (ii) State Procurement Cell: **0674-2530998/ 18003456765** |

**N.B.:**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.tendersodisha.gov.in**.
4. The bidder must deposit tender document fee and EMD at the time of submission of tender through online payment gate way service.
5. Any amendment/cancellation/re-tender/corrigendum please refer to the website **www.tendersodisha.gov.in, www.oscsc.in & www.foododisha.in**.

OIPR-07018/11/0001/2223 **Sd./- District Manager, OSCSC Ltd., Balasore**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : ccescbam@gmail.com
INVITATIONS FOR BIDS (IFB) [e-Procurement]
Bid Identification No. CCE, S.C (R&B)-BAM-01/2022-23
No. 1346 // Dated : 21.04.2022

**No.B-86:** 1) The **Chief Construction Engineer, Southern (R&B) Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Road / Bridge / Building Works** as detailed in the table below.
2) Nature of work : Road / Bridge / Building works
3) No. of work : 09 Nos.
4) Tender Cost : Rs.10,000/-(online)
5) Class of Contractor : "B" Class, "A" Class, Special Class & Super Class
6) Availability of Bid document in the website : From 09.05.2022 10.00 AM to 24.05.2022 4.00 PM
7) Date of Opening of Bid : 25.05.2022 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.

**Sd./- (D. C. Behera)**
**Chief Construction Engineer,**
**Southern (R&B) Circle, Berhampur**
OIPR-34103/11/0001/2223

**GOVERNMENT OF ODISHA**
**SUPERINTENDING ENGINEER**
**GANJAM [R&B] DIVISION NO.II, BERHAMPUR**
**Corrigendum to Tender Call Notice**
**Bid Identification No. SC (R&B) GM-II-02/2022-23**
**No.2664 //Dated.20.04.2022//**

**No.B-88:** The following modifications are made in respect of the Bid Identification No. SC (R&B) GM-II-02/2022-23 of Superintending Engineer, Ganjam (R&B) Division No.II, Berhampur. 1. The bid documents such as DTCN/ BOQ etc. can be seen / downloaded from the Government website https//tendersorissa.gov.in during the period from 10.00 AM of 26.04.2022 to 12.05.2022 and opening on 13.05.2022 11.30A.M. instead of 12.04.2022 to 04.05.2022 and opening on 05.05.2022 at 11.30A.M.

**Signature of Authorised Office**
**OIPR-34080/11/0004/2223**

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**
**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
1. **TPWODL/SD/O/SU/020- Rate Contract for Supply of Insulated Conductor.**
2. **TPWODL/PJ/O/SU/019- RC for Supply of 5MVA and 8MVA, 33/11KV Power Transformer.**

Interested bidders to submit Tender Participation Fee and Authorization Letter through email on or before **5th & 6th May 2022 (for Sl. No. 1 & 2), 15:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**SAMBALPUR (R&B) DIVISION NO.-II, SAMBALPUR**
**E-mail: eesbprnbdivision2@gmail.com, Phone: 0663-2410104**
**BID IDENTIFICATION No. SE/R and B/SBP II/02 (Online)/2022-23**
**E-Procurement Notice**
**No. 1297** **Dated: 21.04.2022**

No. B-78: The **Superintending Engineer, Sambalpur (R&B) Division No. II, Sambalpur** on behalf of Governor of Odisha, invites percentage rate bids in Double Cover System in ONLINE MODE.
1. No. of work : 01 (One) No. of Building Work
2. Tender Cost : Rs.10,000/-
3. Class of Contractor : "B" & "A"
4. Availability of Bid document in the website : 18.00 hours of 29.04.2022 to 17.00 hours of 10.05.2022
5. Date of Opening of Tenders : 11.30 hours on Dt.11.05.2022
6. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only.

**Sd./- Superintending Engineer**
**Sambalpur (R&B) Division No. II**
**OIPR-34136/11/0003/2223**

## ବାୟୋ-ବବଲ ମୁକ୍ତ ହୋଇପାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ

**ନୂଆଦିଲ୍ଲୀ, ୨୫।୪ (ପି.ଟି.):** କ୍ରିକେଟରମାନଙ୍କ ମାନସିକ ଅବସ୍ଥାର ହିତ ଦୃଷ୍ଟିରୁ ଆସନ୍ତା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ବାୟୋ-ବବଲ ରହି ନ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏହି ସୂଚନା ଦିଆଯାଇଛି। କୋଭିଡ ମହାମାରୀ ଯୋଗୁ ବର୍ତ୍ତମାନ ଦେଶ ହେଉ ଅବା ବିଦେଶରେ ଆୟୋଜିତ ପ୍ରାୟ ସମସ୍ତ ସିରିଜରେ କ୍ରିକେଟରମାନେ କଠୋର ବାୟୋ-ବବଲ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜୁନ୍ ୯ରୁ ୧୯ ମଧ୍ୟରେ ଟି୨୦ ସିରିଜ ୫ଟି ଭେନ୍ୟୁ ଯଥା ଦିଲ୍ଲୀ, କଟକ, ଭାଇଜାଗ୍, ରାଜକୋଟ୍, ବେଙ୍ଗାଲୁରୁରେ ଖେଳାଯିବ। ଖେଳାଳିମାନଙ୍କ ସୁରକ୍ଷା ଦୃଷ୍ଟିରୁ ବାୟୋ-ବବଲରେ ଖେଳାଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମେ ୨୯ରେ ଶେଷ ହେଉଛି। ଲିଗ୍ ଶେଷ ହେବାପରେ ଖେଳାଳିମାନେ ଗୋଟିଏ ବାୟୋ-ବବଲରୁ ଅନ୍ୟ ଏକ ବାୟୋ-ବବଲରେ ଆବଦ୍ଧ ହୋଇ ରୁହନ୍ତୁ ବୋଲି ବିସିସିଆଇ ଚାହୁଁନାହିଁ। ବର୍ତ୍ତମାନ ଭଳି କୋଭିଡ୍ ଯଦି ନିୟନ୍ତ୍ରଣରେ ରୁହେ ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରେ କଠୋର କ୍ୱାରାଣ୍ଟାଇନ କିମ୍ବା ବାୟୋ-ବବଲ ରହିବ ନାହିଁ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପରେ ଆମେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯିବୁ ସେଦେଶଗୁଡ଼ିକରେ ବର୍ତ୍ତମାନ ବାୟୋ-ବବଲକୁ ବାଦ୍ ଦିଆଯାଇଛି। ଦୀର୍ଘ ଦିନ ଧରି ବାୟୋ-ବବଲରେ ସୀମିତ ଅଞ୍ଚଳ ମଧ୍ୟରେ ଆବଦ୍ଧ ରହିବାଦ୍ୱାରା ଏହା ଖେଳାଳିମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଏ ବିଷୟ ବୋର୍ଡ ସଚେତନ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

# କୋର୍ ଗ୍ରୁପ୍‌ରେ ଓଡ଼ିଶାର ୯ ଖେଳାଳି

**ବେଙ୍ଗାଲୁରୁ, ୨୫।୪ (ପି.ଟି.)**

ଆସନ୍ତା ମାସରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଏବଂ ଆଗକୁ ଆସୁଥିବା ହକି ବିଶ୍ୱକପ ପାଇଁ ଭାରତୀୟ ମହିଳା କୋର୍ ଗ୍ରୁପ୍ ଖେଳାଳି ତାଲିକା ପ୍ରସ୍ତୁତ ହୋଇଛି। ସେହିପରି ଆଗାମୀ ପ୍ରୋ ଲିଗ୍ ଏବଂ ଏସିଆ କପ୍ ହକି ପାଇଁ ଭାରତୀୟ ପୁରୁଷ କୋର୍ ଗ୍ରୁପ୍ ତାଲିକା ମଧ୍ୟ ପ୍ରକାଶିତ ହୋଇଛି। ଭାରତୀୟ ମହିଳା କୋର୍ ଗ୍ରୁପରେ ଓଡ଼ିଶାରୁ ୪ ଓ ପୁରୁଷ କୋର୍ ଗ୍ରୁପ୍‌ରେ ୫ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା କୋର୍ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ରଶ୍ମିତା ମିଞ୍ଜ, ନମିତା ଟପ୍ପୋ ଓ ମାରିଆନା କୁଜୁର। ସେହିପରି ପୁରୁଷ କୋର୍ ଗ୍ରୁପରେ ଓଡ଼ିଶାର ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ, ଆଶିଷ କୁମାର ଟପ୍ପୋ ଓ ଶୀଳାନନ୍ଦ ଲାକ୍ରା ସାମିଲ ହୋଇଛନ୍ତି। କୋର ଗ୍ରୁପ୍ ଖେଳାଳିଙ୍କୁ ନେଇ କ୍ୟାମ୍ପ ସ୍ଥାନୀୟ ସାଇ ସେଣ୍ଟରରେ ରବିବାର ଆରମ୍ଭ ହୋଇଛି। ମହିଳା ବିଭାଗ କ୍ୟାମ୍ପ ମେ ୩୧ ପର୍ଯ୍ୟନ୍ତ ଚାଲିବ। ପୁରୁଷ କ୍ୟାମ୍ପ ଜୁନ୍ ୪ରେ ଶେଷ ହେବ।

**ଫିଟ୍‌ନେସ ଓ ସ୍କିଲ୍ ଉପରେ ଗୁରୁତ୍ୱ**

ଭାରତୀୟ ମହିଳା ହକି ଦଳ ଫିଟ୍‌ନେସ ଓ ସ୍କିଲ୍ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛି। ଆସନ୍ତା ମାସରେ ହେବାକୁଥିବା ପ୍ରୋ ଲିଗ୍ ମ୍ୟାଚ ଏବଂ ଆଗାମୀ ବିଶ୍ୱକପରେ ମଧ୍ୟ ଭାରତୀୟ ଦଳ ବର୍ତ୍ତମାନର ଫର୍ମ ବଜାୟ ରଖିବାକୁ ଚେଷ୍ଟା କରିବ ବୋଲି କୋଚ୍ ଜାନେକ ସ୍କୁପମାନ ଆଶାପ୍ରକାଶ କରିଛନ୍ତି। ପ୍ରୋ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ ପାଇଁ ଭାରତ ଏବେ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ବିଶ୍ୱକପ ପୂର୍ବରୁ ଭାରତ ବେଲଜିୟମ, ଆର୍ଜେଣ୍ଟିନା ଓ ଆମେରିକା ବିପକ୍ଷରେ ପ୍ରୋ ଲିଗ୍ ମ୍ୟାଚ ଖେଳିବ। "ପ୍ରଦର୍ଶନକୁ ଅଧିକ ମାର୍ଜିତ କରିବା ସହ ଫିଟ୍‌ନେସ ସ୍ତର ଓ ସ୍କିଲ୍ ବୃଦ୍ଧି ଉପରେ ଆମେ ଫୋକସ କରୁଛୁ। ଖେଳାଳିମାନେ ସେମାନଙ୍କ ଦୁର୍ବଳ ଦିଗ ସମ୍ପର୍କରେ ଅବଗତ ଅଛନ୍ତି। ସେମାନେ ବ୍ୟକ୍ତିଗତଭାବେ ସେଥିରେ ସୁଧାର ଆଣିବାକୁ ଆଗଭର ହେବା ମୋତେ ଖୁସି କରିଛି" ବୋଲି ସ୍କୁପମାନ କହିଛନ୍ତି।

**କୋର୍ ଗ୍ରୁପ ସିନିୟର ମହିଳା**

ଆଗାମୀ ଏସିଆ କପ୍ ଏବଂ ବେଲ୍‌ଜିୟମ ଓ ନେଦରଲାଣ୍ଡ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ ପାଇଁ ଭାରତୀୟ ପୁରୁଷ ହକି ଦଳ ପ୍ରସ୍ତୁତି ଆରମ୍ଭ କରିଛି। ସମ୍ଭାବ୍ୟ କୋର୍ ଗ୍ରୁପ୍‌ରେ ପି.ଆର. ଶ୍ରୀଜେଶ, ଅମିତ ରୋହିଦାସ, ମନପ୍ରୀତ ସିଂ, ହରମନପ୍ରୀତ ସିଂ, ଆକାଶଦୀପ ସିଂଙ୍କ ପରି ଅଭିଜ୍ଞ ଏବଂ ଅଭିଷେକ, ସୁଖଜିତ ସିଂ ଓ ଜୁଗରାଜ ସିଂଙ୍କ ପରି ଯୁବ ଖେଳାଳି ରହିଛନ୍ତି। ସିନିୟର ମହିଳା ଓ ପୁରୁଷଙ୍କ ବ୍ୟତୀତ ଭାରତୀୟ ଜୁନିୟର ଏବଂ 'ଏ' କୋର୍ ଗ୍ରୁପ୍‌ର କ୍ୟାମ୍ପ ମଧ୍ୟ ଏଠାରେ ଅନୁଷ୍ଠିତ ହେଉଛି।



ଭାରତୀୟ ସିନିୟର ମହିଳା ହକି ଦଳ ସହ କୋଚ୍ ଜାନେକ ସ୍କୁପମାନ।

**ଭାରତୀୟ ସିନିୟର ମହିଳା ଓ ପୁରୁଷ ହକି**

**କୋର୍ ଗ୍ରୁପ୍ ସିନିୟର ମହିଳା**

ଗୋଲକିପର: ସବିତା, ରିଜୀ ଇଟିମାରପୁ, ବିଚୁ ଦେବୀ ଖାରିବାମ୍।
ଡିଫେଣ୍ଡର: ଦୀପ୍ ଗ୍ରେସ୍ ଏକ୍କା, ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ସୁମନ ଦେବୀ ଥୌଉମ, ଅକ୍ଷତା ଆବାସୋ ଧେକଲେ, ରଶ୍ମିତା ମିଞ୍ଜ, ନିଶା, ସାଲିମା ଟେଟେ।
ମିଡ୍‌ଫିଲ୍ଡର: ମହିମା ଚୌଧାରୀ, ସୁଶୀଳା ଚାନୁ ପୁଖରାମବାମ, ଜ୍ୟୋତି, ନବଜୋତ କୌର, ମୋନିକା, ନମିତା ଟପ୍ପୋ, ସୋନିକା, ବଲଜିତ କୌର, ଉପାସନା ସିଂ।
ଫରୱାର୍ଡ: ଲାଲରେମସିଆମି, ନବନୀତ କୌର, ନେହା, ରାଜୱିନ୍ଦର କୌର, ବନ୍ଦନା କାଟରିଆ, ଶର୍ମିଳା ଦେବୀ, ମାରିଆନା କୁଜୁର, ଦୀପିକା, ସଙ୍ଗିତା କୁମାରୀ, ପ୍ରୀତି ଦୁବେ, ଐଶ୍ୱର୍ଯ୍ୟା ରାଜେଶ ଚଭନ।
ରିହାବିଲିଟେଶନ: ରାଣୀ, ରୀନା ଖୋଖର, ମନପ୍ରୀତ କୌର।

**କୋର୍ ଗ୍ରୁପ୍ ସିନିୟର ପୁରୁଷ**

ଗୋଲକିପର: ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୂର ପାଠକ, ସୂରଜ କରକେରା।
ଡିଫେଣ୍ଡର: ହରମନପ୍ରୀତ ସିଂ, ଅମିତ ରୋହିଦାସ, ସୁରେନ୍ଦର କୁମାର, ବରୁଣ କୁମାର, ଜରମନପ୍ରୀତ ସିଂ, ନୀଲମ ସଞ୍ଜୀପ୍ ଖେସ୍, ଦୀପସାନ ତିର୍କୀ, ମନଦୀପ ମୋର, ସଞ୍ଜୟ।
ମିଡ୍‌ଫିଲ୍ଡର: ମନପ୍ରୀତ ସିଂ, ନିଲକାନ୍ତ ଶର୍ମା, ସୁମିତ, ହାର୍ଦ୍ଦିକ ସିଂ, ଜସକରନ ସିଂ, ରାଜକୁମାର ପାଲ, ସମସେର ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ଆଶିଷ କୁମାର ଟପ୍ପୋ, ଜୁଗରାଜ ସିଂ।
ଫରୱାର୍ଡ: ଗୁରଜାନ୍ତ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଆକାଶଦୀପ ସିଂ, ଗୁରସାହିବଜିତ ସିଂ, ଶୀଳାନନ୍ଦ ଲାକ୍ରା, ଦିଲପ୍ରୀତ୍ ସିଂ, ଅଭିଷେକ, ମହମ୍ମଦ ରାହିଲ, ସୁଖଜିତ ସିଂ, ସିମରନଜିତ ସିଂ, ଗୁରିନ୍ଦର ସିଂ।

## ଉଡାନ ଏକାଡେମିରେ ଫୁଟସାଲ



ଫୁଟସାଲ ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ।

**ଭୁବନେଶ୍ୱର, ୨୫।୪ (କ୍ରିଡ଼ା ପ୍ରତିନିଧି)**

ପଟିଆସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ସୋମବାର ଫୁଟସାଲ ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୬ହଜାର ବର୍ଗ ଫୁଟ ଅଞ୍ଚଳରେ ଫିଫା ଅନୁମୋଦିତ ସିନ୍ଥେଟିକ୍ ଟର୍ଫ ବିଛାଯାଇ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଫୁଟବଲ ପ୍ରେମୀ ଫୁଟବଲ୍‌ର ମଜା ନେଇ ପାରିବେ। କ୍ରିକେଟ ପ୍ରେମୀ ମଧ୍ୟ ଗେମ୍‌କୁ ଉପଭୋଗ କରିପାରିବେ। ଫ୍ଲଡ ଲାଇଟ୍ ଉପଲବ୍ଧ ଥିବାରୁ ଉଭୟ ଦିନ ଏବଂ ରାତିରେ ଏଠାରେ ଖେଳ ହୋଇପାରିବ। ଫୁଟସାଲରେ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଖେଳ ପ୍ରେମୀମାନେ ମଜା ଉଠାଇ ପାରିବେ। ଫୁଟସାଲ ଉଦ୍‌ଘାଟନ ହେବାଦ୍ୱାରା ଉଡାନ ସ୍ପୋର୍ଟ୍ସ ଏକାଡେମୀ ଚେୟାର ପର୍ସନ ଉର୍ମିଳା ମିଶ୍ର ଓ ଇଞ୍ଜିନିୟର ସିଦ୍ଧାନ୍ତ ମହାନ୍ତିଙ୍କ ସ୍ୱପ୍ନ ସାକାର ହୋଇଛି। ରାଜ୍ୟ ସରକାରଙ୍କ ଅର୍ଥ ସଚିବ ବିଶାଳ କୁମାର ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗୁପ୍ତା ପାୱାର ପ୍ରାଇଭେଟ୍ ଲିମିଟେଡର ଚେୟାରମ୍ୟାନ ମହେନ୍ଦ୍ର ଗୁପ୍ତା, ଉଡାନ ସ୍ପୋର୍ଟ୍ସ ଏକାଡେମି ନିର୍ଦ୍ଦେଶକ ଆଶୋକ ମିଶ୍ର, କେ.ସି. ମେମୋରିଆଲ ଟ୍ରଷ୍ଟ ଚେୟାରମ୍ୟାନ ସୂର୍ଯ୍ୟକାନ୍ତ ମିଶ୍ର, ଅନ୍ତର୍ଜାତୀୟ କରାଟେକା ଭାଲେନା ଭାଲେଣ୍ଟିନା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ଭିସେସ୍‌ଠାରୁ ହାରିଲା ଓଡ଼ିଶା

**ମାଲାପୁରମ (କେରଳ), ୨୫।୪ (ପି.ଟି.):** ସନ୍ତୋଷ ଟ୍ରଫିରେ ସୋମବାର ଖେଳାଯାଇଥିବା ଗ୍ରୁପ୍ 'ବି'ର ଏକ ମ୍ୟାଚରେ ପୂର୍ବତନ ଚାମ୍ପିୟନ ସର୍ଭିସେସ ୨-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ବିବେକ ଶର୍ମା (୭୪ତମ ମିନିଟ) ଓ ନିଖିଲ ଶର୍ମା (୮୨ତମ) ଗୋଟିଏ ଲେଖାଏ ଗୋଲ ସ୍କୋରକୁ କରି ସର୍ଭିସେସ୍‌କୁ ବିଜୟୀ କରାଇଥିଲେ। ୮୭ତମ ମିନିଟ୍‌ରେ ବିପକ୍ଷ ଦଳର ଦୀପକ ସିଂଙ୍କୁ ଫାଉଲ ଯୋଗୁ ଓଡ଼ିଶା ଖେଳାଳି ଦୀପକ ସିଂଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଏହାପରଠାରୁ ଓଡ଼ିଶା ୧୦ ଖେଳାଳିଙ୍କୁ ନେଇ ଖେଳିଥିଲା। ଓଡ଼ିଶା ଯଦି ଏହି ମ୍ୟାଚକୁ ଅତି କମ୍‌ରେ ଡ୍ର' ରଖିପାରିଥାନ୍ତା ତେବେ ଗ୍ରୁପ୍ 'ବି'ରୁ ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥାନ୍ତା।

## ଓପନ ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ଓଡ଼ିଶାରୁ ୪



ଓଡ଼ିଶା ପ୍ରତିଯୋଗୀଙ୍କ ସହ ଏଭରେଷ୍ଟ ଆରୋହୀ ଗଣେଶ ଜେନା(ବାମ)।

**ଭୁବନେଶ୍ୱର, ୨୫।୪ (କ୍ରୀଡ଼ା ପ୍ରତିନିଧି)**

ପଶ୍ଚିମବଙ୍ଗ ମାଇଣ୍ଟନେରିଙ୍ଗ ଆଣ୍ଡ ଆଡଭେଞ୍ଚର ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଓପନ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୪ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସେମାନେ ହେଲେ ସୁନୀଲ କୁମାର ସାହୁ, ସୁଶ୍ରୀ ସଙ୍ଗୀତା ସାହୁ, ସୋନାଲି ସ୍ୱାଇଁ ଓ ନ୍ୟାଶନାଲ କ୍ଲାଇମ୍ବର ମନୋଜ କୁମାର ଡାକୁଆ। ଚିନ୍ମୟ ମହାରଣା ଅଫିସିଆଲଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ଏଭରେଷ୍ଟ ଆରୋହୀ ଗଣେଶ ଜେନା, ଶକ୍ତି ମହାନ୍ତି, ବିକ୍ରମ ଦାସ ଓ ସସ୍ମିତା ପ୍ରଧାନ ଓଡ଼ିଶା ପ୍ରତିନିଧି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰କୌଶଲ୍ୟା ସ୍ୱାଇଁ
ପୋଡ଼ାକାଛି, ରାହାମା, ଜଗତ୍‌ସିଂହପୁର
ଆବିର୍ଭାବ: ୧୯୩୫ ମସିହା
ତିରୋଧାନ: ୨୦୨୧, କୃଷ୍ଣପକ୍ଷ ଏକାଦଶୀ ବୈଶାଖ ମାସ
ବୋଉ! ବର୍ଷେ ହେବ ତୁ ଆମକୁ ଏକା ଛାଡ଼ି ଚାଲିଗଲୁ। ତୋର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ ଜଣାଉଛୁ।
:ଶୋକସନ୍ତପ୍ତ ପରିବାରବର୍ଗ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀମାନେ
ଧ-୨୪୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଅଭିଷେକ ସାମଲ
ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪
-ପୁଅ ପ୍ରୀତି- ସମୟ ଚକଟି ଗଡ଼ିଗଡ଼ି ଗଲା, ତୋ ବିନା ଦଶ ଶ୍ରାବଣ ସରିଲା। ଦେଖିଥିଲେ ମିଶି କେତେ ସପନ, ଭାଙ୍ଗି ଆଜି ସବୁ ହୋଇଛି ଚୂନା। ଯୋଡ଼ିବା ଆଉ ନାହିଁ ସାହସ, ତୋ ବିନା ଆମେ ନୋହୁଁ ସରସ। ଦୀପ ସଳିତା ପରସ୍ପର ବଳ, ସେପରି ମିଶି ଆମେ ଥିଲେ ସବଳ, କ'ଣ ଭୁଲ ହେଲା ଆମେ ଜାଣିନୁ। ହୋଇଗଲୁ ତୁ ଆମଠୁଁ ଅନ୍ୟ, ଛାଡ଼ି ଚାଲିଗଲୁ ଆମକୁ ଏକା, ଚିହ୍ନି ପାରିଲୁନି କିଏ ତୋ ସଖା, ତୁ ଦେଖିଥିବା ଆମ ସପନ, ଆଖି ଲୁହରେ ପଡ଼ି ଯାଉଛି ମଳିନ, ତଥାପି ପୁଅ ଆମେ ମା ତୁମରି, ବୀର ଦର୍ପେ ଯିବୁ କର୍ତ୍ତବ୍ୟ କରି। ମା' ଭାଇଙ୍କ ଆଶା କରିବୁ ପୂର୍ଣ୍ଣ। ପ୍ରଭୁ ଚରଣେ ନିବେଦନ ଏତିକି, ତୋ ଆତ୍ମା ଚାଲୁ ସଦା ସଦ୍‌ଗତି।
ହତଭାଗିନୀ ମମି, ବାପା, ରିଣ୍ଟୁ, ଜଲି, ବେବି।
ଧ-୭୧୦୩୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ କନକଲତା ଜେନା
ଇଟାମାଟି, ମେଡିକାଲ ରୋଡ଼, ନୟାଗଡ଼
ଆବିର୍ଭାବ - ୨୫.୦୨.୧୯୫୧
ତିରୋଧାନ - ୦୮.୦୫.୨୦୨୧
(ବୈଶାଖ କୃଷ୍ଣପକ୍ଷ ଏକାଦଶୀ)
ଆପଣ ଆମ୍ଭମାନଙ୍କୁ ଶୋକ ସାଗରରେ ଛାଡ଼ି ଚାଲିଗଲେ। ଆପଣଙ୍କର ସ୍ମୃତି ଆମର ଚିର ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶ୍ରଦ୍ଧାଞ୍ଜଳି ସହ :-
ସ୍ୱାମୀ- ନିମାଇଁ, ପୁଅ- ମଣ୍ଟୁ, ପିଣ୍ଟୁ
ବୋହୂ-ସାଗରିକା, ପିଙ୍କି
କନ୍ୟା- ଲିଲି, ବଲି, ଜଲି
ଜ୍ୱାଇଁ- ନିରଞ୍ଜନ, ଟୁକ, ବାପୁନି,
ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୩୩୧୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ପାଢ଼ୀ
ବୈକୁଣ୍ଠନଗର, ୨ୟ ଗଳି, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୦୭।୦୫।୨୦୨୧
ଆପଣଙ୍କ ଅଶ୍ରୁଳ ବିଦାୟକୁ ଆଜି ଏକ ବର୍ଷ ପୂରିଲା। ଆପଣଙ୍କ ଶୂନ୍ୟତା ଆମକୁ ସବୁବେଳେ ବ୍ୟଥିତ କରୁଥିଲେ ମଧ୍ୟ ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ନିଷ୍ଠାପରତା ଆଜି ମଧ୍ୟ ଆମ ପାଇଁ ପ୍ରେରଣାର ଉତ୍ସ। ଆଜି ଆପଣଙ୍କ ଏହି ପୁଣ୍ୟ ତିଥିରେ ଆଶୀର୍ବାଦ ପ୍ରାର୍ଥନା ସହିତ ଆପଣଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ପରିବାର ଓ ଆତ୍ମୀୟସ୍ୱଜନ।
ଧ-୨୩୩

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଶକୁନ୍ତଳା ଦେଈ
ସ୍ୱାମୀ ୰ଗଙ୍ଗାଧର ମହାପାତ୍ର
ମେଡିକାଲ ଛକ, ଭିଆଇପି ରୋଡ୍, ପୁରୀ
ଆବିର୍ଭାବ: ୦୪।୦୨।୧୯୩୮
ତିରୋଧାନ: ୧୭।୦୪।୨୦୨୨
ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ନାରାୟଣ-ସରଳା, ବିଜ୍ଞାନ-ସୁକାନ୍ତୀ, ସୁରେନ୍ଦ୍ର-ସଚଳା, ବିକ୍ରମ-ଜ୍ୟୋତ୍ସ୍ନା, ବିକାଶ-ରୀତାଞ୍ଜଳି।
ଧ-୬୯୦୬୧

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ
ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ-୧୪।୦୩।୧୯୪୨
ତିରୋଧାନ- ୨୮।୦୪।୨୦୧୧
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା, ଆପଣ କିନ୍ତୁ ଆମ ହୃଦୟରେ ବିରାଜମାନ କରୁଛନ୍ତି। ଆପଣଙ୍କ ଶୂନ୍ୟସ୍ଥାନ ଅପୂରଣୀୟ। ଆଜିର ଏହି ୧୧ତମ ଶ୍ରାଦ୍ଧ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ ସ୍ମୃତି କମିଟି ଓ ଗୌରାଙ୍ଗ କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ।
ଧ-୨୪୧

# ରାଜ୍ୟ ଖବର

## ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଲୋକାର୍ପିତ



ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ପାରାଦୀପ, ୨୫।୪(ସ୍ୱ.ପ୍ର.)**

ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ସୋମବାର ପାରାଦୀପର ଇଫକୋ କାରଖାନା ସଲଗ୍ନ ମହାନଦୀରେ ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ, ଜଳପଥ ଓ ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ମହାନଦୀ କୂଳରେ ହୋଇଥିବା ଭାସମାନ ପୋଣ୍ଟୁନଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଠାରେ ମନ୍ତ୍ରୀ ସୋନୱାଲ ପତାକା ଦେଖାଇ ଏକ ବାର୍ଜକୁ ନୌଚାଳନା ପାଇଁ ସଙ୍କେତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ, ଆଇଡବ୍ଲ୍ୟୁଏଆଇ(ଇନଲାଣ୍ଡ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ)ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ ଅଧ୍ୟକ୍ଷ ସଞ୍ଜୟ ବନ୍ଦୋପାଧ୍ୟାୟ, ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, ଇଫ୍‌କୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କପୁର, ଇଫ୍‌କୋ କମ୍ପାନୀ ପାରାଦୀପ ନିର୍ବାହୀ ନିର୍ଦ୍ଦେଶକ କେ.ଜେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ସୋନୱାଲ କହିଥିଲେ, ନଦୀଭିତ୍ତିକ ବନ୍ଦର ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ବନ୍ଦର ବାଟେ ଇଫ୍‌କୋର ଜିପସମ ବାର୍ଜ ଯୋଗେ ପାରାଦୀପ ବନ୍ଦର ପୋତାଶ୍ରୟକୁ ଯାଇ ସେଠାରେ ବୃହତ୍ ଜାହାଜରେ ବୋଝେଇ ହୋଇ ବିଭିନ୍ନ ସ୍ଥାନକୁ ଯିବ। ଏହାଦ୍ୱାରା ପରିବହନ ଖର୍ଚ୍ଚ କମ ହେବା ସହ ଟ୍ରାଫିକ ନିୟନ୍ତ୍ରଣ ଓ ପ୍ରଦୂଷଣ ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଦେଶର ୧୧୧ ନଦୀରେ ଜଳପଥ ବିକାଶ ପାଇଁ କେନ୍ଦ୍ର ସରକାର ଖସଡ଼ା କରିଛନ୍ତି। ସେଥିରୁ ଏପର୍ଯ୍ୟନ୍ତ ୩ ନଦୀରେ ପଣ୍ୟ କାରବାର ଓ ପର୍ଯ୍ୟଟନ ବିକାଶ କରାଯାଇଛି। ସେଗୁଡିକ ହେଲା ଗଙ୍ଗା, ବ୍ରହ୍ମପୁତ୍ର ଓ ମହାନଦୀ। ଆଗକୁ ମହାନଦୀର ଅନ୍ୟ ସ୍ଥାନ ଓ ବ୍ରାହ୍ମଣୀ ନଦୀରେ ନଦୀଭିତ୍ତିକ ବନ୍ଦର ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବେହେରା ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ବନ୍ଦର ଅଧ୍ୟକ୍ଷ ହାରାନ୍ଧ କହିଥିଲେ, ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଏହା ଉନ୍ନତି ଆଣିବ। ୨୦୨୫ ସୁଦ୍ଧା ପାରାଦୀପ ଦେଶର ଏକ ନମ୍ବର ଓ ୨୦୩୦ ସୁଦ୍ଧା ବିଶ୍ୱର ବୃହତ୍ ବନ୍ଦର ତାଲିକାରେ ସାମିଲ ହେବାକୁ ଯାଉଛି।

**■ ମହାନଦୀ ଓ ବ୍ରାହ୍ମଣୀରେ ପର୍ଯ୍ୟାପ୍ତ ସୁଯୋଗ ରହିଛି**

## ରାଜ୍ୟରେ ହେବ ୫୨ ମଡେଲ୍ ମଣ୍ଡି

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

କୃଷକଙ୍କ ଆୟବୃଦ୍ଧି ନିମନ୍ତେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ସୁବିଧାରେ ବିକ୍ରିବଟାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମଣ୍ଡିଗୁଡ଼ିକର ଭିତ୍ତିଭୂମିବିକାଶ କରାଯାଇ ମଡେଲ ମଣ୍ଡି ସ୍ଥାପନ ପାଇଁ ଉଦ୍ୟମ ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫୨ଟିମଡେଲ୍‌ମଣ୍ଡିନିର୍ମାଣ କରାଯିବ। ମଡେଲ୍ ମଣ୍ଡିରେ ସବୁ ପ୍ରକାର ମୌଳିକ ସୁବିଧା ରହିବ ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଲୋକସେବା ଭବନଠାରେ ମଡେଲ ମଣ୍ଡି ଓ ବହୁମୁଖୀ ଗୋଦାମ ଗୃହ ନିର୍ମାଣ ସମ୍ପର୍କରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଛନ୍ତି, ମଡେଲ ମଣ୍ଡି ନିର୍ମାଣ ଦ୍ୱାରା ଏହାର କାର୍ଯ୍ୟଦକ୍ଷତାରେ ପ୍ରଭୂତ ଉନ୍ନତି ଆସିପାରିବ। ଅଧିକ ଧାନ ସଂଗ୍ରହ ହେଉଥିବା ଜିଲାକୁ ପ୍ରାଥମିକତା ପ୍ରଦାନ କରି ମଡେଲ ମଣ୍ଡି ଓ ବହୁମୁଖୀ ଗୋଦାମ ଗୃହ ନିର୍ମାଣ ପାଇଁ ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୨୮ ପାକ୍ସ/ଲ୍ୟାମ୍ପସରେ ବହୁମୁଖୀ ଗୋଦାମ ଗୃହ ନିର୍ମାଣ କରାଯାଉଛି।

**୧୧ ବାର୍ଷିକ ଜନ୍ମଦିନ**



ସାଇସ୍ମିତୋଲ ଶୁଭଦର୍ଶିନୀ
(ଧଳାପଥର)
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳ ହେଉ।
-:ଶୁଭେଚ୍ଛା ସହ:-
ବାବା, ମା, ଅଜା, ଆଈ, ଅତିପ୍ରିୟ ଭଉଣୀ ସାଇନ୍।
ଧ-୨୪୩

**16th Happy Birthday**



(Som)
Ayusman
May you continue to improve as a person with each passing year wishing you a very Happy Birthday.
Best Compliments From:
Grand Father, Grand Mother Family & Relatives.
D-71031

**CLASSIFIED DISPLAY**
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

## ସମ୍ବଲପୁର ଡିଏଚ୍‌ଏଚ୍‌ରେ ଡାଏଲିସିସ୍ ସେବା ଆରମ୍ଭ

**ସମ୍ବଲପୁର, ୨୫।୪(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ସହାୟ ଯୋଜନାରେ ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସୋମବାରଠାରୁ ଡାଏଲିସିସ୍ ସେବା ଆରମ୍ଭ ହୋଇଛି। ଅତିଥି ଭାବେ ସଦର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶ ଓ ଏଡିଏମ୍ ଉମାକାନ୍ତ ରାଜ୍ ଯୋଗଦେଇ ଡାଏଲିସିସ୍ ୟୁନିଟ ଲୋକାର୍ପଣ କରିଥିଲେ। ପ୍ରତିଦିନ ସକାଳ ୮ଟାରୁ ରାତି ୮ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତିଦିନ ଅତି କମ୍‌ରେ ୧୮ ଜଣ ରୋଗୀ ସେବା ପାଇ ପାରିବେ। ସେବା ପାଇବା ପାଇଁ ୮୮୯୫୪୦୦୫୬୫ ଓ ୮୯୭୯୫୭୦୦୭୭ ନମ୍ବର ସ୍ୱତନ୍ତ୍ର ଭାବେ ରଖାଯାଇଛି। ଏହାଦ୍ୱାରା ସମ୍ବଲପୁର ଜିଲା ସହିତ ପଡ଼ୋଶୀ ଜିଲାର କିଡ୍‌ନୀ ରୋଗୀମାନେ ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ, ଏହି ସେବା ପିପିପି ମୋଡ୍‌ରେ କାର୍ଯ୍ୟକାରୀ ହେବ। ରାହି କେୟାର ସଂସ୍ଥା ମାଧ୍ୟମରେ ପରିଚାଳନା ହେବ।

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଛୁଟି ଟେନ୍ସନ

**ଛୁଟି! କାହା ପାଇଁ ଶ୍ରମ ଲାଘବର ଅବସର ତ କାହା ପାଇଁ ବିନୋଦନର ସମୟ। ଅନ୍ୟମାନଙ୍କ ପାଇଁ କାମରୁ ବିରତିର ଏକ ସୁଯୋଗ ହୋଇପାରେ। କିନ୍ତୁ କର୍ମଜୀବୀ ମହିଳାଙ୍କ ପାଇଁ ଏହା ଦାୟିତ୍ୱ ପାଳନର ଏକ ଅବସର। ପ୍ରତିଯୋଗିତାପୂର୍ଣ୍ଣ କର୍ମକ୍ଷେତ୍ରରେ ଅଫିସ୍, ଘର, ପରିବାର ଆଉ କ୍ୟାରିୟର ଦୋଛକିରେ ମାନସିକ, ଶାରୀରିକ ରିହାତି ବଦଳରେ ତାଙ୍କ ପାଇଁ ଅଧିକ ଆହ୍ୱାନ ସୃଷ୍ଟି କରେ ଛୁଟି ନେବାର ଟେନ୍ସନ...**





ଏପଟେ ଅଫିସ୍ ସେପଟେ ପରିବାର। ଉଭୟ କ୍ଷେତ୍ରରେ ଠିକ୍ ଭାବେ ଦାୟିତ୍ୱ ତୁଲାଇବାକୁ ଅନେକ ସମୟରେ ଅଫିସରୁ ଛୁଟି ନିଅନ୍ତି କର୍ମଜୀବୀ। ପରିବାରର ଜଞ୍ଜାଳ ଓ ଦାୟିତ୍ୱର ବୋଝ କ୍ୟାରିୟର ପାଇଁ ବି ସମସ୍ୟା ସୃଷ୍ଟି କରେ। ତଥାପି ସମୟର ଆହ୍ୱାନ ନେଇ ଚାଲିବାକୁ ପଡିବ। ତେବେ ଉଭୟ କ୍ଷେତ୍ରରେ ସମନ୍ୱୟ ରଖି କିପରି ଆଗକୁ ଯିବାକୁ ହେବ, ସେଥିପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।

**ସମନ୍ୱୟ ଜରୁରୀ:** ପରିବାରର ଆବଶ୍ୟକତା ପାଇଁ ଅନେକ ସମୟରେ ଛୁଟି ନେବାକୁ ପଡ଼ିଥାଏ। କିନ୍ତୁ ଅଫିସ୍ ଆଉ ପରିବାର ମଧ୍ୟରେ ସବୁବେଳେ ସମନ୍ୱୟ ରକ୍ଷା କରିବା ଉଚିତ। ଉଭୟ କ୍ଷେତ୍ରରେ ଠିକ୍ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିବା ହିଁ ପ୍ରଥମ କର୍ତ୍ତବ୍ୟ। ତେଣୁ ପରିବାରର ଆବଶ୍ୟକତାକୁ ଦୁର୍ବଳତା ଭାବନ୍ତୁ ନାହିଁ। ଛୁଟି ନେବା ମଧ୍ୟ ପ୍ରତ୍ୟେକ କର୍ମଚାରୀଙ୍କର ଅଧିକାର। କିନ୍ତୁ ବାରମ୍ବାର ଅନାବଶ୍ୟକ ଛୁଟି ନେବା ଆଦୌ ଠିକ୍ ନୁହେଁ। କର୍ମଜୀବୀ ମହିଳା ଏକଥା ଭୁଲିଯିବା ଉଚିତ ନୁହେଁ ଯେ ଅଫିସରେ ମଧ୍ୟ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବା ସେମାନଙ୍କ କର୍ତ୍ତବ୍ୟ। ତେଣୁ ପରିବାରରେ ଆସୁଥିବା ସାମୟିକ ଅସୁବିଧାର କିଭଳି ସମାଧାନ କରିହେବ ସେଥିପାଇଁ ପଦକ୍ଷେପ ନେବା ଦରକାର। ତା'ହେଲେ ଯାଇ ଅଫିସରୁ ଛୁଟିନେବା ପାଇଁ ଖରାପ ଲାଗିବ ନାହିଁ।

**କ୍ୟାରିୟରରେ ପ୍ରଭାବ:** କେତେବେଳେ ପିଲାଙ୍କ ଦେହ ଖରାପ ତ କେବେ ସ୍ୱତନ୍ତ୍ର ପୂଜା ପର୍ବରେ କର୍ମଜୀବୀ ମହିଳାଙ୍କୁ ଘରେ ରହିବାକୁ ପଡ଼ିଥାଏ। ଆଉ ଏଥିପାଇଁ ସେମାନଙ୍କୁ ହଠାତ୍ ଅଫିସରୁ ଛୁଟି ନେବାକୁ ହୁଏ। ହେଲେ ଏଥିପାଇଁ ଅନେକ ସମୟରେ ସେମାନଙ୍କୁ ଅଫିସରେ ଅପ୍ରୀତିକର ପରିସ୍ଥିତିକୁ ବି ସାମ୍ନା କରିବାକୁ ପଡ଼ିଥାଏ, ଯାହା ଭବିଷ୍ୟତରେ ସେମାନଙ୍କ କ୍ୟାରିୟରକୁ ପ୍ରଭାବିତ କରିଥାଏ।

**ବ୍ୟକ୍ତିତ୍ୱ ହରାନ୍ତୁ ନାହିଁ:** ଅଫିସରେ ବାରମ୍ବାର ଛୁଟି ମାଗିବା ପାଇଁ ଖରାପ ଲାଗିଥାଏ ସତ, କିନ୍ତୁ ପରିସ୍ଥିତି ବେଳେବେଳେ ଏଭଳି ହୋଇଥାଏ ଯେ ଛୁଟି ନେବା ନିହାତି ଆବଶ୍ୟକ ହୋଇଥାଏ। ସେଭଳି ସ୍ଥିତିରେ ବସ୍‌ଙ୍କ ପାଖରୁ ଛୁଟି ମାଗିବାବେଳେ ନିଜ ପରିସ୍ଥିତିକୁ ଦର୍ଶାଇ ସହାନୁଭୂତି ହାସଲ କରିବା ଭଳି ମନେ ହୋଇଥାଏ। ଏପରି କରିବା ଫଳରେ ବସ୍‌ଙ୍କ ସହାନୁଭୂତିରେ ଛୁଟି ନେବା ଭଳି ମନେ ହୋଇପାରେ। ତେଣୁ ଭବିଷ୍ୟତରେ ହୁଏତ ଅଫିସ୍‌ରେ ନିଜ ବ୍ୟକ୍ତିତ୍ୱ ହରାଇବାର ଆଶଙ୍କା ଥାଏ। ଏମିତିକି ଛୁଟି ନ ନେଇ ଯଦି ଘର ଦାୟିତ୍ୱ ପୂରା କରି ହେଉଛି ତେବେ ଯଥାସମ୍ଭବ ଏକ୍ସଟ୍ରା ଛୁଟିକୁ ବାଦ୍ ଦେବାପାଇଁ ଚେଷ୍ଟା କରିବା ଉଚିତ।

**ସାପ୍ତାହିକ ଛୁଟିରେ :** ଘର ଦାୟିତ୍ୱ ସବୁକୁ ସାପ୍ତାହିକ ଛୁଟିରେ ଶେଷ କରିବାକୁ ଚେଷ୍ଟା କରିଲେ ଭଲ। ତେଣୁ ପ୍ରତିଦିନର ରୁଟିନ୍ ଅନୁସାରେ ଘର ଓ ଅଫିସ୍‌ରେ ନିଜ ଦାୟିତ୍ୱକୁ ପୂରା କରିହେବ। କୌଣସି କ୍ଷେତ୍ରରେ ଅତିରିକ୍ତ ଦାୟିତ୍ୱ ବୋଝ ରହିବ ନାହିଁ। କ୍ୟାରିୟରରେ ସଫଳତା ମିଳିବା ସହିତ ପରିବାରରେ ମଧ୍ୟ ନିଜ କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କରିହେବ।

## କ'ଣ କରନ୍ତି ଏମାନେ...



### ଘରୁ ଥାଇ କାମ କରିଦିଏ

ଛୁଟି ପାଇଁ ମୁଁ ଯେବେ ବି କହେ ମତେ କେହି ଆଦୌ ମନା କରନ୍ତି ନାହିଁ। ତେଣୁ ମୋ ସୁବିଧା ଅନୁସାରେ ମୁଁ ଛୁଟି ନେଇଥାଏ। କିନ୍ତୁ ଅଫିସ୍ କାମରେ ମୁଁ କେବେ ଅବହେଳା କରେନାହିଁ। ଏମିତିକି ଅଫିସ୍‌ରେ ହଠାତ୍ କିଛି କାମ ଆବଶ୍ୟକ ହେଲେ ମୁଁ ଘରୁ ଥାଇ ବି କାମ କରି ପଠାଇ ଦେଇଥାଏ। ବେଳେବେଳେ ଅଫିସରେ ମୋ ଅଧୀନରେ କାମ କରୁଥିବା ସହକର୍ମୀମାନଙ୍କୁ ଛୁଟି ଦେବାରେ ବି ମୁଁ ସାହାଯ୍ୟ କରିଥାଏ।

*–ଶୁଚିସ୍ମିତା ମହାରଣା, ଡାଏଟିସିଆନ୍, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର*



### ନିହାତି ଆବଶ୍ୟକ ଥିଲେ ଛୁଟି ଆଣେ

ନିହାତି ଆବଶ୍ୟକ ନ ହେଲେ ମୁଁ ଅଫିସ୍‌ରୁ ଛୁଟି ଆଣି ନ ଥାଏ। ତା' ଛଡ଼ା ଆମ ବସ୍ ବହୁତ ଭଲ। ସେ ଜାଣନ୍ତି ଯେ ଅନାବଶ୍ୟକଭାବେ ମୁଁ ଛୁଟି ମାଗେ ନାହିଁ। ଏବଂ ଅଫିସରେ ଠିକ୍ ସମୟରେ ମୁଁ ସବୁ କାମ କରି ଦେଇଥାଏ। ତେଣୁ ଛୁଟି ପାଇଁ କହିଲେ ମତେ କେବେ ମନାକରନ୍ତି ନାହିଁ। ତା' ଛଡ଼ା ଅଫିସ୍‌ରେ ଯେତିକି ଛୁଟି ମିଳେ ସେତିକିରେ ମୋର ପ୍ରାୟ ସବୁ କାମ ହୋଇଯାଏ।

*–ଦେବଦର୍ଶିନୀ ସାମନ୍ତରାୟ ବୈଜ୍ଞାନିକ, ଜଗଦା, ଝିରିପାଣି, ରାଉରକେଲା*



### ଆଗୁଆ କାମ କରିଦିଏ

ଅଫିସରୁ ଛୁଟି ନେବାକୁ ମୁଁ ଯେବେ ଚାହେଁ ସେବେ ମିଳିଯାଏ। କିନ୍ତୁ ତା' ପୂର୍ବରୁ ମୋର ଯାହା କାମ ଥାଏ ସେସବୁକୁ ମୁଁ ଆଗୁଆ କରିଦିଏ। ଏଥିପାଇଁ ମୋ ଅନୁପସ୍ଥିତି କୌଣସି ଅସୁବିଧା ସୃଷ୍ଟି କରି ନ ଥାଏ। ତେଣୁ ଛୁଟି ମିଳିବାରେ ମୋତେ କେବେ ଅସୁବିଧା ହୁଏନାହିଁ। କାରଣ ମୁଁ ଅନୁପସ୍ଥିତ ଥିଲେ ବି ମୋ ଦ୍ୱାରା ହେବାକୁ ଥିବା କାମ ଆଗୁଆ ହୋଇ ଯାଇଥାଏ।

*–ନମିତାରାଣୀ ଦାସ ଶିକ୍ଷୟିତ୍ରୀ, ଜାଗୁଳା, ଧାମରା, ଭଦ୍ରକ*





# ଏମିତି ରଖନ୍ତୁ ଫ୍ରିଜ୍‌ରେ

**ଫ୍ରିଜ୍‌ରେ କେଉଁଠି କେଉଁ ଜିନିଷ ରଖିଲେ ତାହା ଖରାପ ହୁଏ ନାହିଁ ଏକଥା ଜାଣିରଖିବା ନିହାତି ଜରୁରୀ। ନଚେତ୍ ଫ୍ରିଜ୍‌ରେ ଥାଇ ବି ଅନେକ ଜିନିଷ ନଷ୍ଟ ହୋଇଥାଏ। ତେଣୁ ଏ ସମ୍ପର୍କରେ ଜାଣିରଖନ୍ତୁ କିଛି କଥା...**



- ପ୍ୟାକେଟ୍ କିମ୍ବା ଡବା କ୍ଷୀରକୁ ସବୁବେଳେ ଫ୍ରିଜ୍‌ର ଥାକରେ ହିଁ ରଖନ୍ତୁ। କେତେଜଣ କ୍ଷୀରକୁ ଫ୍ରିଜ୍‌ର ଡୋର୍‌ରେ ଥିବା ଥାକରେ ହିଁ ରଖିଦିଅନ୍ତି। କିନ୍ତୁ ଏପରି କରିବା ଦ୍ୱାରା କ୍ଷୀର ବେଶି ସମୟ ଫ୍ରେଶ୍ ରହି ନ ଥାଏ। କାରଣ ଫ୍ରିଜ୍‌ର ଡୋରରେ ଥିବା ଥାକଗୁଡ଼ିକ ଅନ୍ୟ ସ୍ଥାନ ତୁଳନାରେ କମ୍ ଥଣ୍ଡା ରହିଥାଏ। ତେଣୁ କ୍ଷୀର ଅଧିକ ସମୟ ଭଲ ରହି ନ ଥାଏ।
- ଫ୍ରିଜ୍‌ରେ ସସ୍ ବୋତଲକୁ ଡୋର୍ ଥାକରେ ରଖିଲେ କୌଣସି ଅସୁବିଧା ହୋଇ ନ ଥାଏ। କାରଣ ସସ୍ ବୋତଲର ଲାଇଫ୍ ଅଧିକ ରହିଥାଏ। ତେଣୁ ଏଠାରେ ରହିଲେ ଖରାପ ହୋଇ ନ ଥାଏ।
- ସବୁଠୁ ବଡ଼ କଥା ହେଉଛି ଫ୍ରିଜ୍‌ରେ ବହୁ ଅଧିକ ଜିନିଷ ଏକ ସମୟରେ ରଖନ୍ତୁ ନାହିଁ। ଏପରି କଲେ ଫ୍ରିଜ୍ ଭିତରେ ଥଣ୍ଡା ପବନ ଚଳାଚଳ ଭଲଭାବେ ହୋଇପାରିବ ନାହିଁ।

# ୪୦ ପରେ ବି ଫିଟ୍

**ସାଧାରଣତଃ ୪୦ ବର୍ଷ ପରେ ମହିଳାଙ୍କର ହାଡ଼, ମାଂସପେଶୀ, ତ୍ୱଚା ସମ୍ପର୍କିତ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ତେଣୁ ସେହି ସମୟରେ ନିଜ ପ୍ରତି ଅଧିକ ଧ୍ୟାନଦେବାକୁ ହୋଇଥାଏ...**



- ଘର କାମରେ ବ୍ୟସ୍ତ ରହି ମହିଳାମାନେ ସାଧାରଣତଃ ସକାଳ ଜଳଖିଆ ଖାଇପାରନ୍ତି ନାହିଁ। କିନ୍ତୁ ଏହି ଅଭ୍ୟାସ ବଦଳାଇ ଦିଅନ୍ତୁ। ୪୦ ବର୍ଷ ପରେ ନିଜ ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। ସକାଳ ୯ଟା ପୂର୍ବରୁ ଜଳଖିଆ ନିଶ୍ଚିତ ଖାଆନ୍ତୁ।
- ଏହି ବୟସ ଛୁଇଁଲା ପରେ ନିୟମିତ ସ୍ୱାସ୍ଥ୍ୟର ଚେକ୍‌ଅପ୍ କରାନ୍ତୁ। ବିଶେଷକରି ଗାଇନାକୋଲଜିଷ୍ଟଙ୍କ ପରାମର୍ଶ ନିଅନ୍ତୁ।
- ପ୍ରତିଦିନ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ ଓ ମେଡିଟେସନ୍ ଆଦି କରନ୍ତୁ।
- ଶାରୀରିକ କ୍ଷମତା ଅନୁସାରେ ପ୍ରତିଦିନ ବ୍ୟାୟାମ କରିଲେ ଶରୀର ଓ ମନ ସୁସ୍ଥ ରହିଥାଏ।
- କିଛି ନିର୍ଦ୍ଦିଷ୍ଟ ପ୍ରକାର ମଞ୍ଜି ଯେମିତିକି ସୂର୍ଯ୍ୟମୁଖୀ ମଞ୍ଜି, ଚିୟା ସିଡ୍‌ସ, କଖାରୁ ମଞ୍ଜି ଆଦି ଖାଆନ୍ତୁ। ଚିୟା ସିଡ୍‌ସରେ ଓମେଗା–୩, ଫ୍ୟାଟି ଏସିଡ୍, କ୍ୟାଲ୍‌ସିଅମ୍, ମ୍ୟାଗ୍ନେସିୟମ୍ ଆଦି ପ୍ରଚୁର ପରିମାଣରେ ରହିଛି। ତେଣୁ ଏହା ହାଡ଼କୁ ସୁସ୍ଥ ରଖିବା ସହ ଓଜନ ନିୟନ୍ତ୍ରଣ ହୋଇଥାଏ।
- ହାଡ଼କୁ ମଜଭୁତ କରିବା ପାଇଁ ୪୦ ବର୍ଷ ପରେ କ୍ୟାଲ୍‌ସିୟମ୍ ଓ ଭିଟାମିନ୍ –ଡି ଆଦି ଖାଆନ୍ତୁ। ନଚେତ୍ ଏହି ଭିଟାମିନ୍ ଥିବା ଖାଦ୍ୟପଦାର୍ଥ ଅଧିକ ଖାଆନ୍ତୁ।
- ଏହି ବୟସରେ କୌଣସି ପ୍ରକାର ଷ୍ଟ୍ରେସ୍ ନିଅନ୍ତୁ ନାହିଁ, ରକ୍ତଚାପ ହେବା ଆଶଙ୍କା ରହିଥାଏ। ତେଣୁ ଯଥାସମ୍ଭବ ଖୁସି ରହିବାକୁ ଚେଷ୍ଟା କରନ୍ତୁ।
- ନିଜ ପାଇଁ କିଛି ସମୟ ଦିଅନ୍ତୁ। ନିଜ ହବିକୁ ପୂରା କରନ୍ତୁ। ପରିବାରର ଦାୟିତ୍ୱ ସହିତ ସାଙ୍ଗମାନଙ୍କ ସହ ବୁଲାବୁଲି କରି ସମୟ କଟାନ୍ତୁ।

ସୌନ୍ଦର୍ଯ୍ୟ

# କାକୁଡ଼ି ଫେସ୍‌ପ୍ୟାକ୍



**କାକୁଡ଼ି ବ୍ୟବହାର କରି ତ୍ୱଚାର ପ୍ରାୟ ସବୁ ସମସ୍ୟା ସମାଧାନ କରିହେବ। ତେଣୁ ଖରାଦିନେ ଏହାର ଫେସ୍‌ପ୍ୟାକ୍ ତିଆରି କରି ଲଗାନ୍ତୁ।**

- କାକୁଡ଼ିକୁ ଛୋଟ ଛୋଟ କରି କାଟି ଭଲଭାବେ ପେଷ୍ଟ ତିଆରି କରିଦିଅନ୍ତୁ। ଯଦି ଏଥିରେ କିଛି ଖଦଡ଼ା ଜିନିଷ ରହିଥାଏ ତେବେ ଛାଣି ବାହାର କରିଦିଅନ୍ତୁ। ଏବେ ଏହି ପେଷ୍ଟକୁ ମୁହଁରେ ଲଗାଇ ୧୫– ୨୦ ମିନିଟ୍ ରଖିଦିଅନ୍ତୁ। ଏହାପରେ ମୁହଁ ଧୋଇ ନରମ କପଡ଼ାରେ ପୋଛିଦିଅନ୍ତୁ।
- ପ୍ରଥମେ ଏକ ଛୋଟ କାକୁଡ଼ିକୁ ଭଲଭାବେ ଗ୍ରାଇଣ୍ଡିଂକରି ପେଷ୍ଟ ତିଆରି କରିଦିଅନ୍ତୁ। ଏହି ପେଷ୍ଟରେ କିଛି ଆଲୋଭେରା ଜେଲ୍ ମିଶାଇ ମୁହଁରେ ଲଗାନ୍ତୁ। ମୁହଁ ଶୁଖିଗଲା ପରେ ଧୋଇଦିଅନ୍ତୁ।
- କାକୁଡ଼ି ଫେସ୍‌ପ୍ୟାକ ଲଗାଇଲେ ମୁହଁର ଦାଗ ଦୂରହେବା ସହିତ ଫ୍ରେଶ୍ ଅନୁଭବ ହୋଇଥାଏ। ଏହା ସହିତ ମୁହଁରେ ବ୍ରଣ ହେଉଥିଲେ କିମ୍ବା ଅଏଲି ସ୍କିନ୍ ଯୋଗୁ ସମସ୍ୟା ଦେଖାଦେଉଥିଲେ କାକୁଡ଼ି ଫେସ୍‌ପ୍ୟାକ୍ ଲଗାନ୍ତୁ।
- କମ୍ ବୟସରେ ତ୍ୱଚାରେ କୁଞ୍ଚନ ଆସିବା ଭଳି କୌଣସି ଲକ୍ଷଣ ଦେଖାଗଲେ ଆଣ୍ଟି ଏଜିଂ କ୍ରିମ୍ ବଦଳରେ କାକୁଡ଼ି ପ୍ୟାକ୍ ଲଗାନ୍ତୁ। ବହୁ ଫାଇଦା ମିଳିବ।
- କାକୁଡ଼ି ଫେସ୍ ପ୍ୟାକ୍ ଲଗାଇଲେ ତ୍ୱଚାରେ ଆର୍ଦ୍ରତା ମଧ୍ୟ ବୃଦ୍ଧି ପାଇଥାଏ।
- ସବୁ ପ୍ରକାର ତ୍ୱଚା ପାଇଁ କାକୁଡ଼ି ରସରେ ବେସନ ମିଶାଇ ଲଗାନ୍ତୁ। ମୁହଁର ଉଜ୍ଜ୍ୱଳତା ବୃଦ୍ଧି ପାଇବ।
- କାକୁଡ଼ି ଓ ଟମାଟୋକୁ ଗ୍ରାଇଣ୍ଡିଂ କରି ସେହି ପ୍ୟାକ୍‌କୁ ମୁହଁରେ ଲଗାଇ ୨ ମିନିଟ୍ ଘଷନ୍ତୁ। ଏହାପରେ ୧୫ ମିନିଟ୍ ଛାଡ଼ି ଧୋଇଦିଅନ୍ତୁ। ମୁହଁ ବହୁ ସୁନ୍ଦର ଦିଶିବ।
- କାକୁଡ଼ିରସ ସହ ଦହି ମିଶାଇ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ବ୍ରଣ କିମ୍ବା ଅତ୍ୟଧିକ ତୈଳୀୟ ତ୍ୱଚା ହୋଇଥିଲେ ଫାଇଦା ମିଳିବ।
- କାକୁଡ଼ିରସ ସହ ଆଳୁରସ ମିଶାଇ ମୁହଁରେ ଭଲଭାବେ ଲଗାଇ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଧୋଇଦିଅନ୍ତୁ, ଫଳରେ ତ୍ୱଚା ଅତ୍ୟନ୍ତ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବ।



ଖାଦ୍ୟରୁଚି

# ମେକ୍ସିକାନ୍ ଚିକେନ୍ ରାଇସ୍

**ଆବଶ୍ୟକ ସାମଗ୍ରୀ:** ବାସମତି ଚାଉଳ– ୨ କପ୍, ଅଲିଭ୍ ଅଏଲ୍– ୧ ଚାମଚ, ରସୁଣ– ୧ଟି, ପିଆଜ– ୧ଟି (ବଡ଼), ଗାଜର– ୧ ଟି, କ୍ୟାପ୍ସିକମ୍– ୧ ଟି (ଛୋଟ), ଟମାଟୋ ସସ୍– ୨ ଚାମଚ, ଚିଲି ସସ୍– ୧ ଚାମଚ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳକୁ ସିଝାଇ ଭାତ କରି ରଖନ୍ତୁ। କିନ୍ତୁ ଏହାକୁ ଅଧିକ ନରମ କରିବେ ନାହିଁ। ରସୁଣକୁ ଚୋପା ଛଡ଼ାଇ ଛୋଟ ଛୋଟ କରି କାଟି ରଖନ୍ତୁ। ସେହିଭଳି ପିଆଜକୁ ମଧ୍ୟ ଛୋଟ ଛୋଟ କରି କାଟି ଦିଅନ୍ତୁ। ଗାଜର ଓ କ୍ୟାପ୍ସିକମ୍‌କୁ ମଧ୍ୟ ଛୋଟ ଛୋଟ କରି କାଟି ରଖନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ମଧ୍ୟମ ଆଞ୍ଚରେ ତେଲ ଗରମ କରି ପ୍ରଥମେ କଟା ରସୁଣ ପକାଇ ଭାଜନ୍ତୁ। ଏହାପରେ କଟା ପିଆଜ ପକାଇ ବାଦାମୀ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସେଥିରେ କଟା ଗାଜର ଓ କ୍ୟାପ୍ସିକମ୍‌କୁ ପକାନ୍ତୁ। ମଧ୍ୟମ ଆଞ୍ଚରେ ୨–୩ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଭାଜିବା ପରେ ସେଥିରେ ଭାତକୁ ପକାଇ ଲୁଣ, ଚିଲି ସସ୍ ଓ ଟମାଟୋ ସସ୍ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମେକ୍ସିକାନ୍ ଚିକେନ୍ ରାଇସ୍। ଚୁଲିରୁ ଓହ୍ଲାଇ ଆଣି ଏହାକୁ ଗୋଲ ଆକାରରେ ପିଆଜ କାଟି ସଜାଇ ପରଷି ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ଏପ୍ରିଲ ୨୬/୨୦୨୨ Dhenkanal, Tuesday, April 26/ 2022

# ପଞ୍ଜାବର ୪ର୍ଥ ବିଜୟ

**ମୁମ୍ବାଇ, ୨୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୋମବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୧୧ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ପଞ୍ଜାବ ୨୦ ଓଭରରେ ୪ ଉଇକେଟ ହରାଇ ୧୮୭ ରନ କରିଥିବାବେଳେ ଚେନ୍ନାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ କରି ପାରିଥିଲା। ଚେନ୍ନାଇ ପକ୍ଷରୁ ଅମ୍ବାତି ରାୟୁଡୁ ଏକାକୀ ଲଢ଼ି ୩୯ ବଲ୍‌ରୁ ୭୮ (୭ ଚୌକା, ୬ ଛକା) ରନ କରିଥିଲେ ହେଁ ଅନ୍ୟ ଖେଳାଳିଙ୍କ ବିଫଳତା ଦଳପାଇଁ ମହଙ୍ଗା ପଡ଼ିଲା। ଋତୁରାଜ ଗାଏକ୍ୱାଡ ୩୦ ରନ କରିଥିଲେ। ପଞ୍ଜାବ କିଙ୍ଗ୍ସ ୮ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଚେନ୍ନାଇ ୮ ମ୍ୟାଚରୁ ୬ଷ୍ଠ ପରାଜୟ ବରଣ କରିଛି।

ଚେନ୍ନାଇ ଅଧିନାୟକ ରବୀନ୍ଦ୍ର ଜାଡେଜା ଟସ୍‌ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପଞ୍ଜାବ ଭଲ ଆରମ୍ଭ କରିଥିଲେ ହେଁ ଅଧିନାୟକ ମୟଙ୍କ ଅଗ୍ରୱାଲ ମାତ୍ର ୧୮ ରନକରି ପ୍ୟାଭିଲିୟନ ଫେରିବାରୁ ଦଳ ୩୭ ରନରେ ପ୍ରଥମ ଉଇକେଟ ହରାଇଥିଲା। ତେବେ ଶିଖର ଧାୱନ ଓ ଭାନୁକା ରାଜପାକ୍ସା ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ୭୧ ବଲ୍‌ରୁ ୧୧୦ ରନ ଯୋଗ ହେବାପରେ ପାର୍ଟନରଶିପ୍ ଭାଙ୍ଗିଥିଲା। ରାଜପାକ୍ସା ୩୨ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୨ ରନକରି ଆଉଟ ହୋଇଥିଲେ। ଧାୱନ ୮୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୫୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧାୱନ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୨ ଛକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୭/୪ (ଶିଖର ଧାୱନ-୮୮*, ଭାନୁକା ରାଜପାକ୍ସା-୪୨, ଡ୍ୱେନ ବ୍ରାଭୋ-୨/୪୨, ମହେଶ ଥିକସାନା-୧/୩୨)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୬/୬ (ଅମ୍ବାତି ରାୟୁଡୁ-୭୮, ଋତୁରାଜ ଗାଏକ୍ୱାଡ-୩୦, କାଗିଶୋ ରାବାଡ଼ା-୨/୨୩, ରିଷି ଧାୱନ-୨/୩୯, ଅର୍ଶଦୀପ ସିଂ-୧/୨୩, ସନ୍ଦିପ ଶର୍ମା-୧/୪୦)।


ଶଟ୍ ଖେଳିବା ଅବସରରେ ଶିଖର ଧାୱନ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ରାଜସ୍ଥାନ ରୟାଲ୍ସ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୭ | ୬ | ୧ | ୧୨ | +୦.୩୯୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୬୯୧ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୧୦ | +୦.୪୩୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୮ | ୫ | ୩ | ୧୦ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୪୧୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | +୦.୭୧୫ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୦୮୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୦.୫୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |

## ଆଇପିଏଲ୍‌ରେ ୬ ହଜାର ରନ୍ ପୂରଣ କଲେ ଧାୱନ

**ମୁମ୍ବାଇ,୨୫।୪(ପିଟି):** ଭେଟେରାନ ଭାରତୀୟ ତଥା ପଞ୍ଜାବ କିଙ୍ଗ୍ସ ଓପନର ଶିଖର ଧାୱନ ଆଇପିଏଲ୍ ଇତିହାସରେ ଦ୍ୱିତୀୟ ଖେଳାଳି ଭାବେ ୬ ହଜାର ରନ୍ ପୂରଣ କରିଛନ୍ତି। ୱାଙ୍ଖଡେ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ୮୮ ରନ୍‌ର ଅପରାଜିତ ଇନିଂସ ଅବସରରେ ଏହି ସଫଳତା ପାଇଛନ୍ତି ଧାୱନ। ତାଙ୍କ ପୂର୍ବରୁ ବିରାଟ କୋହଲି ପ୍ରଥମ ଖେଳାଳି ଭାବେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହି ମ୍ୟାଚ୍‌ରେ ଧାୱନ ଟି୨୦ କ୍ରିକେଟରେ ୯ ହଜାର ରନ୍ ମଧ୍ୟ ପୂରଣ କରିଛନ୍ତି। କ୍ରିକେଟର ଛୋଟିଆ ଫର୍ମାଟରେ ୯ ହଜାର ପୂରଣ କରିବାରେ ଧାୱନ ତୃତୀୟ ଭାରତୀୟ ଖେଳାଳି। ଏହି ତାଲିକାରେ କୋହଲି ୧୦,୩୯୨ଜରନ୍ ସହ ଶୀର୍ଷରେ ଥିବା ବେଳେ ରୋହିତ (୧୦,୦୪୮) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ଧାୱନଙ୍କ ନାମରେ ୯୦୭୭ ରନ୍ ରହିଛି।

## ପ୍ରୋ ବକ୍ସିଂ ଲିଗ୍‌ରେ ଭାଗ ନେବେ ୩୬ ବକ୍ସର

**ହାଇଦ୍ରାବାଦ, ୨୫।୪ (ପି.ଟି.):** ପ୍ରୋ ବକ୍ସିଂ ଲିଗ୍ ହେଲ୍ଥବେ ଫାଇଟ୍ ଲିଗ୍‌ର ପ୍ରଥମ ସଂସ୍କରଣ ହେବାକୁ ଯାଉଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍‌ରେ ୩୬ ଜଣ ବକ୍ସର ଭାଗ ନେବେ। ଇଣ୍ଡିଆନ ଆର୍ଟ ରିଭୋଲ୍ୟୁଶନ (ଟିଆଇଏଆର୍) ଏହି ଲିଗ୍‌ର ଆୟୋଜକ ରହିଛି। ଇଣ୍ଡିଆନ ବକ୍ସିଂ କାଉନ୍‌ସିଲ ଏହାକୁ ସ୍ୱୀକୃତି ଦେଇଛି। ଆଇବିସି ସଭାପତି ପି.କେ.ଏମ୍ ରାଜାଙ୍କ ସୂଚନା ଅନୁସାରେ ଲିଗ୍‌ରେ ୬ଟି ଦଳ ଭାଗ ନେବେ। ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌ରେ ତିନୋଟି କାଟେଗୋରିରୁ ୬ଜଣ ଲେଖାଏଁ ବକ୍ସର ରହିବେ। ୫୪କେଜିରୁ ୮୦କେଜି ପର୍ଯ୍ୟନ୍ତ ଭାରତୀୟ ବକ୍ସରମାନେ ସେମାନଙ୍କ ନାମ ପଞ୍ଜିକୃତ କରିପାରିବେ।

## ବର୍ଣ୍ଣବୈଷମ୍ୟ ଅଭିଯୋଗରୁ ମୁକ୍ତ ହେଲେ ସ୍ମିଥ୍

**ଜୋହାନ୍ସବର୍ଗ,୨୫।୪(ପିଟି):** ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ (ସିଏସ୍‌ଏ)ର ପୂର୍ବତନ ଡିରେକ୍ଟର ଅଫ୍ କ୍ରିକେଟ ଏବଂ ଅଧିନାୟକ ଗ୍ରେମ୍ ସ୍ମିଥ୍‌ଙ୍କୁ ବୋର୍ଡର ସୋସିଆଲ ଜଷ୍ଟିସ ଆଣ୍ଡ ନେଶନ ବିଲ୍ଡିଂ କମିଶନଙ୍କ ରିପୋର୍ଟ ଆଧାରରେ ବର୍ଣ୍ଣବୈଷମ୍ୟ ଭେଦଭାବ ଅଭିଯୋଗରୁ ମୁକ୍ତ କରାଯାଇଛି। ଗତ ବର୍ଷ ଡିସେମ୍ବରରେ କମିଶନ ମୁଖ୍ୟ ଡୁମିସା ସେବାଜା ୨୩୫ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ଦାଖଲ କରିଥିଲେ। ସେଥିରେ ସ୍ମିଥ୍, ବର୍ତ୍ତମାନ ମୁଖ୍ୟ କୋଚ୍ ମାର୍କ ବାଉଚର ଓ ପୂର୍ବତନ ଅଧିନାୟକ ଏବି ଡି'ଭିଲିୟର୍ସ ବର୍ଣ୍ଣବୈଷମ୍ୟ ଭେଦଭାବରେ ସମ୍ପୃକ୍ତ ଥିବା ଅଭିଯୋଗ କରିଥିଲେ। ଓମ୍ବୁଡସମ୍ୟାନ୍‌ଙ୍କ ଏସ୍‌ଜେଏନ୍ ରିପୋର୍ଟରେ ବର୍ଣ୍ଣବୈଷମ୍ୟ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଉଲ୍ଲେଖ ରହିଛି।

# ମୋତି, ପ୍ରତ୍ୟାଶାଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୫।୪ (କ୍ରୀଡ଼ା ପ୍ରତିନିଧି)**

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ଦିବସରେ ସୋମବାର ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। କିଟ୍ ବିଶ୍ୱବିଦ୍ୟାଳୟର ମୋତି ଜାନି ମହିଳା ୫୯ କେଜି ଭାରୋତ୍ତୋଳନରେ ରୌପ୍ୟ ପଦକ ପାଇଛନ୍ତି। ମୋତି ମୋଟ ୧୬୮ (ସ୍ନାଚ୍‌ରେ ୭୪ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୪) କେଜି ଉତ୍ତୋଳନକରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ରାୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ସନ୍ତରଣରେ ରୌପ୍ୟ ପଦକ ଜିତିଛନ୍ତି। ସେ ୧:୦୯.୭୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପ୍ରତ୍ୟାଶା ସମ୍ପ୍ରତି ଓଡ଼ିଶା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ରବିବାର ପ୍ରଥମ ଦିବସରେ କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସ୍ନେହା ସୋରେନ ମହିଳା ୪୯ କେଜି ବର୍ଗରେ ମୋଟ ୧୬୧ (୬୯+ ୯୨) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୬୧ କେଜି ବର୍ଗରେ ରାଜେନ୍ଦ୍ର ମୁଦୁଲି ୨୩୮ (୧୦୮+୧୩୦) କେଜି ଉଠାଇବା ସହ ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୫୫ କେଜି ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରମିଳା କିର୍ସାନୀ ମୋଟ ୧୬୬ (୭୧+୯୫) କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ।


ପଦକ ସହ ମୋତି ଜାନି ଓ ପ୍ରତ୍ୟାଶା ରାୟ।

# ଓଡ଼ିଶାରେ ପ୍ରଥମ ଥର ଜାତୀୟ ରୋଲ୍ ବଲ୍ ସ୍କେଟିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୫।୪ (ସ୍ପୋର୍ଟ୍ସ ବ୍ୟୁରୋ):** କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ ସହଯୋଗରେ ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ ପକ୍ଷରୁ ରାଜ୍ୟରେ ପ୍ରଥମ ଥର ଜାତୀୟ ରୋଲ୍ ବଲ ସ୍କେଟିଂ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହା ଭୁବନେଶ୍ୱର ଆଇଆଇଟି ନିକଟବର୍ତ୍ତୀ କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଆସନ୍ତା ୨୯ରୁ ମେ ୧ ତାରିଖ ପର୍ଯ୍ୟନ୍ତ ହେବ। ଏହି ଅବସରରେ ପୂର୍ବାଞ୍ଚଳ ରାଜ୍ୟ ଯଥା ଆସାମ, ବିହାର, ଛତିଶଗଡ଼, ସିକ୍କିମ ଓ ଓଡ଼ିଶାକୁ ନେଇ ପ୍ରଥମ ପୂର୍ବାଞ୍ଚଳ ଜାତୀୟ ରୋଲ୍ ବଲ୍ ଟ୍ରଫି ଅନୁଷ୍ଠିତ ହେବ। ଓଡ଼ିଶାରେ ରୋଲ୍ ବଲ୍ ସ୍କେଟିଂର ପ୍ରଚାର ଓ ପ୍ରସାର ଓଡ଼ିଶା ରୋଲ୍ ବଲ୍ ଆସୋସିଏଶନ (ଓଆରବିଏ) ତରଫରୁ ୨୦୧୫ରୁ ହୋଇ ଆସୁଛି। ରୋଲ୍ ବଲ୍ ସମଗ୍ର ବିଶ୍ୱରେ ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି। ଏହିଖେଳ ୧୨ଜଣ ଖେଳାଳିଙ୍କୁ ନେଇ ଦୁଇଟି ଦଳମଧ୍ୟରେ ବାସ୍କେଟବଲ, ହ୍ୟାଣ୍ଡବଲ୍ ଓ ସ୍କେଟିଂ କମ୍ବିନେଶନରେ ସ୍କେଟ୍‌ରେ ଖେଳାଯାଇଥାଏ। କୋହେନ ଇଣ୍ଟରନ୍ୟାଶନାଲ ସ୍କୁଲର ଭାଇସ୍ ଚେୟାରମ୍ୟାନ ବିକାଶ ବାହିନୀପତି ରାଜ୍ୟରେ ଏଭଳି ବଡ଼ ଇଭେଣ୍ଟ ହେଉଥିବା ଆମ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି।

## ପୁଣି ଥରେ ଦଣ୍ଡିତ ହେଲେ ରାହୁଲ

**ମୁମ୍ବାଇ,୨୫।୪:** ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଧୀମା ବୋଲିଂ ହାର ପାଇଁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲଙ୍କୁ ଦଣ୍ଡିତ କରାଯାଇଛି। ତାଙ୍କ ମ୍ୟାଚ୍ ଫି'ରୁ ୨୪ ଲକ୍ଷ ଟଙ୍କା କଟାଯାଇଥିବା ବେଳେ ଦଳର ଅନ୍ୟ ଖେଳାଳିଙ୍କ ମ୍ୟାଚ୍ ଫି'ରୁ ୧୫ ପ୍ରତିଶତ ତଥା ୬ ଲକ୍ଷ ଟଙ୍କା କାଟ କରାଯାଇଛି। ଏହା ରାହୁଲଙ୍କ ଦ୍ୱିତୀୟ ଅପରାଧ। ଏଥିପୂର୍ବରୁ ତାଙ୍କୁ ସମାନ କାରଣ ପାଇଁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଥିଲା। ମୁମ୍ବାଇ ବିପକ୍ଷ ମ୍ୟାଚରେ ଲକ୍ଷ୍ନୌ ବିଜୟ ହାସଲ କରିଥିଲା।

# ଏଆଇଏଫ୍‌ଏଫ୍ ସମ୍ପାଦକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ

**ନୂଆଦିଲ୍ଲୀ, ୨୫।୪ (ପିଟି):** ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ସାଧାରଣ ସମ୍ପାଦକ କୁଶାଲ ଦାସଙ୍କ ବିରୋଧରେ ସୋମବାର କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ଆସିଛି। ଏଣ୍ଟରପ୍ରିନିୟର ତଥା ଆଇ-ଲିଗ୍ କ୍ଲବ ମିନର୍ଭା ପଞ୍ଜାବ ଏଫ୍‌ସିର ପୂର୍ବତନ ମାଲିକ ରଞ୍ଜିତ ବଜାଜ ଏହି ସାଙ୍ଘାତିକ ଆଣିଛନ୍ତି। ତେବେ ଜାତୀୟ ଫୁଟ୍‌ବଲ ମହାସଂଘ ଓ ଏହାର ଶୀର୍ଷ ଅଧିକାରୀ ଅଭିଯୋଗକୁ ଖଣ୍ଡନ କରି ଦେଇଛନ୍ତି। ୨୦୨୦ରେ ମିନର୍ଭା ପଞ୍ଜାବ ଏଫ୍‌ସିକୁ ବିକି ଦେଇଥିବା ବଜାଜ କହିଛନ୍ତି, କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କୁ ନିର୍ଯାତନା ଦିଆଯିବାର ଦୁଇଟି ଘଟଣା ସାମ୍ନାକୁ ଆସିଛି। ଏଆଇଏଫ୍‌ଏଫ୍‌ରେ ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ ପାଇଁ ରଖାଯାଇଥିବା କମିଟିର ମୁଖ୍ୟଙ୍କୁ ଘଟଣାର ରିପୋର୍ଟ ନଷ୍ଟ କରିଦେବାକୁ ସଭାପତି ପ୍ରଫୁଲ ପଟେଲ ବାଧ କରିଥିଲେ।

"କୁଶାଲ ଦାସ ଇସ୍ତଫା ଦିଅନ୍ତୁ, ନହେଲେ ମୁଁ ଘଟଣାର ସମସ୍ତ ତଥ୍ୟ ପ୍ରଘଟ କରିବି, ଯାହାକୁ ତୁମେ ଲୁଚାଇ ରଖିଛ। କାର୍ଯ୍ୟସ୍ଥଳରେ ଦୁଇ କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଛି। ଏଆଇଏଫ୍‌ଏଫ୍‌ର ବାଧ୍ୟତାମୂଳକ ଯୌନ ନିର୍ଯାତନା ଅଭିଯୋଗ ତଦନ୍ତ କରୁଥିବା କମିଟି ମୁଖ୍ୟଙ୍କ ଉପରେ ଚାପ ପକାଇ ଘଟଣାକୁ ଚାପି ଦିଆଯାଇଛି" ବୋଲି ପ୍ରଫୁଲ ପଟେଲ ଏବଂ ମିଠୁଇଣ୍ଡିଆକୁ ଟ୍ୟାଗ କରି ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଦାସ କହିଛନ୍ତି ଏଆଇଏଫ୍‌ଏଫ୍ କମିଟି ପାଖକୁ ଗତ ୧୦ ବର୍ଷରେ ସେଭଳି କୌଣସି ଅଭିଯୋଗ ଆସିନାହିଁ। ଏଭଳି ଅଭିଯୋଗର ତଦନ୍ତ ପାଇଁ ଫେଡେରେଶନରେ ମହିଳାଙ୍କ ସେଲ ରହିଛି।

# ଭର୍ଷ୍ଟାପେନ୍, ଥମ୍ପସନ ହେରା ଶ୍ରେଷ୍ଠ

**ସେଭିଲି, ୨୫।୪ (ପି.ଟି.)**

**ଲୌରିଅସ୍ ସ୍ପୋର୍ଟ୍ସ ଆୱାର୍ଡ**

ବର୍ତ୍ତମାନର ଫର୍ମୁଲା ୱାନ୍ ବିଶ୍ୱ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ଓ ଜାମାଇକାନ ଅଲିମ୍ପିକ ସ୍ପ୍ରିଣ୍ଟ କୁଇନ୍ ଇଲେନ୍ ଥମ୍ପସନ-ହେରା ଏଠାରେ ୨୦୨୨ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ଜିତିଛନ୍ତି। ଲୌରିଅସ ୱାର୍ଲ୍ଡ ସ୍ପୋର୍ଟ୍ସ ଏକାଡେମୀ ତରଫରୁ ଏହି ପୁରସ୍କାର ଦିଆଯାଇ ଆସୁଛି। ରବିବାର ରାତିରେ ଡିଜିଟାଲ ମାଧ୍ୟମରେ ଅନୁଷ୍ଠିତ ଉତ୍ସବରେ ଭର୍ଷ୍ଟାପେନ୍ ଓ ଥମ୍ପସନ ହେରା ଯଥାକ୍ରମେ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ଓ ୱାର୍ଲ୍ଡ ସ୍ପୋର୍ଟ୍ସ ଓମ୍ୟାନ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ୟୁରୋପିଆନ ଚାମ୍ପିୟନଶିପ୍ ବିଜୟ ପାଇଁ ଇଟାଲିଆନ ପୁରୁଷ ଫୁଟ୍‌ବଲ ଟିମ୍ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟିମ୍ ଅଫ୍ ଦି ଇୟର ପୁରସ୍କାର ହାସଲ କରିପାରିଛି। ମାତ୍ର ୧୮ ବର୍ଷ ବୟସରେ ୟୁଏସ୍ ଓପନ ବିଜୟ ଯୋଗୁ ଟେନିସ ସେନ୍‌ସେଶନ ଏମା ରାଡୁକାନୁ ଲୌରିଅସ୍ ବ୍ରେକ୍ ଥ୍ରୁ ଅଫ୍ ଦି ଇୟର ଆୱାର୍ଡ ପାଇଛନ୍ତି। ପୁରସ୍କାରର ଏହି କାଟେଗୋରି ପାଇଁ ଅଲିମ୍ପିକ ଚାମ୍ପିୟନ ଭାରତର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କ ନାମ ସୁପାରିସ ହୋଇଥିଲା। ଡିସେମ୍ବରରେ ଆବୁଧାବି ଗ୍ରାଁ ପ୍ରିରେ ତାଙ୍କ ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ଭର୍ଷ୍ଟାପେନ୍ କହିଛନ୍ତି, ଏହି ପୁରସ୍କାର ପାଇଁ ସେ ଖୁବ୍ ଆନନ୍ଦିତ। ଏହା ତାଙ୍କର ବର୍ଷ ବର୍ଷ ଧରି କଠିନ ପରିଶ୍ରମ ଓ ପ୍ରସ୍ତୁତିର ଫଳ।

ଟୋକିଓରେ ୧୦୦ ଓ ୨୦୦ ମିଟର ଟାଇଟଲ ବଜାୟ ରଖିଥିବା ଇଲେନ୍ ଥମ୍ପସନ ହେରା ଆହୁରି ମଧ୍ୟ ୪x୧୦୦ ମିଟର ରିଲେରେ ତୃତୀୟ ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ସେ ମହିଳା ଉସେନ ବୋଲ୍ଟ ଭାବେ ପରିଚିତ। ହେରା କହିଛନ୍ତି,ତାଙ୍କ ପୂର୍ବରୁ ଉସେନ ଲୌରିଅସ୍ ପୁରସ୍କାର ଜିତିସାରିଛନ୍ତି। ସେ ପୁଣି ଏହି ଟ୍ରଫି ଜାମାଇକାକୁ ନେଉଛନ୍ତି। ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଏକାଡେମୀ ତରଫରୁ ଆହୁରି ମଧ୍ୟ ତିନୋଟି କ୍ରୀଡ଼ାର ମହାନ୍ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଛି। ୭ଥର ସୁପର ବୋଲ୍ ବିଜେତା ଟମ୍ ବ୍ରାଡି ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଲାଭ କରିଛନ୍ତି। ରବର୍ଟ ଲିଆଣ୍ଡୋସ୍କି ଲୌରିଅସ୍ ଏକାଡେମୀ ଏକ୍‌ସେପ୍‌ଶନାଲ ଆଚିଭମେଣ୍ଟ ଆୱାର୍ଡ ପାଇଛନ୍ତି। ବୁନ୍ଦେସଲିଗାରେ ସବୁଠାରୁ ଅଧିକ ସ୍କୋର କରିବାରେ ଜେରର୍ଡ ମୁଲରଙ୍କ ଦୀର୍ଘଦିନର ରେକର୍ଡକୁ ସେ ଭଙ୍ଗ କରିଛନ୍ତି। ବହୁ ଲୋକପ୍ରିୟ ମୋଟର ସାଇକେଲ ରେସର ଭାଲେଣ୍ଟିନୋ ରୋସିଙ୍କୁ ଲୌରିଅସ୍ ସ୍ପୋର୍ଟିଂ ଆଇକନ ଆୱାର୍ଡ ପ୍ରଦାନ କରାଯାଇଛି। ଗତ ନଭେମ୍ବରରେ ସେ ଅବସର ନେବା ଦ୍ୱାରା ତାଙ୍କ ଦୀର୍ଘ ୨୫ ବର୍ଷ କ୍ୟାରିୟରର ଅନ୍ତ ଘଟିଛି।


ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ପୁରସ୍କାର ବିଜେତାମାନେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ